Vol. 34 | ISSUE 89 ଭାଗ ୩୪ | ସଂଖ୍ୟା ୮୯
Saturday 20 June 2026 | Page 8 Rs. 5.00
ଭୁବନେଶ୍ୱର ଶନିବାର, ୨୦ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



ବିକାଶର ଧାରା
ଓଡ଼ିଶା ସାରା



# ₹୪୭,୬୦୦ କୋଟିର
## ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
ମାନ୍ୟବର ରାଷ୍ଟ୍ରପତି

**ଗରିମାମୟ ଉପସ୍ଥିତି**

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଡ. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକାଗଣ

## ଲୋକାର୍ପଣ

₹୮୧୧ କୋଟିର ରାସ୍ତା ଓ ସେତୁ

₹୫୩୦ କୋଟିର
ସୁଦୃଢ଼ ପରିବହନ ଓ ଗମନାଗମନ ବ୍ୟବସ୍ଥା

ସୁରକ୍ଷିତ ସଡ଼କ, ସ୍ମାର୍ଟ ପରିବହନ ଓ
ଉନ୍ନତ ଜନସେବା ଦିଗରେ ଆଉ ଏକ ପଦକ୍ଷେପ

**ଅନ୍ୟାନ୍ୟ ପ୍ରକଳ୍ପ ₹୩,୨୧୮ କୋଟି**

## ଭିତ୍ତିପ୍ରସ୍ତର ସ୍ଥାପନ

₹୨୫ ହଜାର କୋଟିର 'ବିସିଜିସିଏଲ୍ କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପ'

₹୧୭,୧୧୭ କୋଟିର
ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି

ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି
ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିର ହେବ ବିକାଶ

**ଅନ୍ୟାନ୍ୟ ପ୍ରକଳ୍ପ ₹୯୨୭ କୋଟି**

## ରେଳ ପ୍ରକଳ୍ପ ଲୋକାର୍ପଣ

- ହିନ୍ଦୋଳ - ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ
- ଯଖପୁରା- ଯାଜପୁର କେନ୍ଦୁଝର ରୋଡ୍ - ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ

ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ

DSPL/320920-15001/76/2627

# ଅତାମୂଳ ଓ ବେଣିପୁରରେ ବାଲି ମାଫିଆଙ୍କ ଆତଙ୍କରାଜ



ଡେରାବିଶ,୧୯।୬(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ନଦୀରେ ଥିବା ବାଲି ସୌରାତଗୁଡ଼ିକ ପ୍ରଶାସନ ପକ୍ଷରୁ ନିଲାମ ହୋଇନଥିଲେ ମଧ୍ୟ ସେଠାରୁ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଫଳରେ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱ ହାନି ଘଟୁଥିବା ବେଳେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଡେରାବିଶ ବ୍ଲକ ଦେଇ ଲୁଣା ଓ ବିରୂପା ନଦୀ ପ୍ରବାହିତ ହୋଇଥାଏ । ଏହି ନଦୀଗୁଡ଼ିକରେ ଥିବା ବାଲି ସୌରାତରୁ ବାଲି ଉତ୍ତୋଳନ କରାଯାଇ ସରକାରଙ୍କ ଧାର୍ଯ୍ୟ ଟିକସ ପ୍ରଦାନ ପରେ ବିଭିନ୍ନ ନିର୍ମାଣ ସଂସ୍ଥାକୁ ଯୋଗାଣ କରାଯାଏ। ମାତ୍ର ଚଳିତ ବର୍ଷ ଏହି ଦୁଇ ନଦୀର କେତେକ ବାଲି ସୌରାତ ସରକାରଙ୍କ ପକ୍ଷରୁ ନିଲାମ କରାଯାଇନଥିବା ବେଳେ ବାଲି ମାଫିଆମାନେ ସକ୍ରିୟ ହୋଇପଡ଼ିଛନ୍ତି। ବିଶେଷକରି ଲୁଣା ଅରତାମୂଳ ବିରୂପା ନଦୀର ବେଣୀପୁର ବାଲି ସୌରାତକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ସୌରାତ ନିଲାମ ହୋଇନଥିଲେ ମଧ୍ୟ ସେଠାରୁ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ହାଇୱା ଓ ଟ୍ରାକଟର ଯୋଗେ ଚୋରା ଚାଲାଣ ହେଉଥିବା ବେଳେ କିଛି ବାଲି ମାଫିଆ ଲୋକଙ୍କୁ ଧମକ ଦେଇ ଜବରଦସ୍ତି ବାଲି ଉତ୍ତୋଳନ କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

### ରାଜସ୍ୱ ହରାଉଛନ୍ତି ସରକାର

ଏହି ଘାଟରୁ ବ୍ୟାପକ ବାଲି ଚାଲାଣ ଯୋଗୁଁ ବାଲି ମାଫିଆମାନେ ଲାଭବାନ ହେଉଥିବା ବେଳେ ନଦୀ କୂଳବର୍ତ୍ତୀ ଗ୍ରାମଗୁଡ଼ିକ ପାଇଁ ବିପଦ ବଢ଼ିବାରେ ଲାଗିଛି। ନଦୀ ପଠାରୁ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଉତ୍ତୋଳନ ଯୋଗୁଁ ନଦୀବନ୍ଧର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ସେହିପରି ଗ୍ରାମାଞ୍ଚଳ ମଧ୍ୟରେ ହାଇୱା ଚଳାଚଳକୁ ସାଧାରଣ ଲୋକ ନାପସନ୍ଦ କରୁଛନ୍ତି। ବହୁ ସଂଖ୍ୟକ ହାଇୱା ଯାତାୟାତ ଫଳରେ ଗ୍ରାମ୍ୟ ରାସ୍ତାଘାଟର ଅବସ୍ଥା ବିପର୍ଯ୍ୟସ୍ତ ହେବାକୁ ଲାଗିଥିବା ବେଳେ ଲୋକମାନେ ରାସ୍ତାରେ ଯାତାୟାତ ପାଇଁ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଅପରପକ୍ଷରେ ନଦୀରୁ ଏତେ ପରିମାଣର ବାଲି ଚାଲାଣ ସତ୍ତ୍ୱେ ସରକାରଙ୍କ ରାଜକୋଷକୁ ଟଙ୍କାଟିଏ ମଧ୍ୟ ଯାଉନଥିବାରୁ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଦୁଇରୁ ତିନିଥର ଖଣି ବିଭାଗ କର୍ମଚାରୀଙ୍କୁ ନେଇ ଉକ୍ତ ବାଲି ସୌରାତ ଉପରେ ଚଢ଼ାଉ କରାଯାଇଛି। ମାତ୍ର ବାଲି ମାଫିଆମାନେ ତହସିଲ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କୁ ହାତବାରିସି କରି ଚଢ଼ାଉର ପୂର୍ବ ସୂଚନା ପାଇଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଘାଟ ଉପରେ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବାଲି ମାଫିଆଙ୍କ କବଳରୁ ଏହାକୁ ରକ୍ଷା କରିବା ପାଇଁ ଅଞ୍ଚଳବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

---

### ଚାମେଲି ମାମଲାରେ ଦ୍ୱିତୀୟ ଗିରଫଦାରୀ

## ପାର୍ଥ ସାରଥିଙ୍କ ପରେ ଆତ୍ମା ଅଧ୍ୟକ୍ଷଙ୍କୁ ବାନ୍ଧିଲା ମହାକାଳପଡ଼ା ପୁଲିସ

### ଅନ୍ୟ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବ କେବେ?



ମହାକାଳପଡ଼ା,୧୯।୬ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ହୁଲୁସ୍ଥୁଲ କରୁଥିବା ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କ ଘଟଣାରେ ନୂଆ ମୋଡ଼ ସାମ୍ନାକୁ ଆସିଛି। ଚାମେଲିଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ଅଭିଯୋଗ ମାମଲାରେ ମହାକାଳପଡ଼ା ଥାନା ପୁଲିସର ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଆଜି ଦ୍ୱିତୀୟ ଗିରଫଦାରୀ ଭାବରେ ମହାକାଳପଡ଼ା ବ୍ଲକ୍ ଆତ୍ମା ଚେୟାରମେନ ହିମାଂଶୁ ନାୟକଙ୍କୁ ଗିରଫ କରିଛି। ଆଜି ହିମାଂଶୁଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ହିମାଂଶୁ ମହାକାଳପଡ଼ା ବିଧାୟକଙ୍କ ଏକାନ୍ତ ଅନୁଗତ ଓ ତାଙ୍କୁ ବିଧାୟକଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଦେଖିବାକୁ ମିଳେ। ପୂର୍ବରୁ ପୁଲିସ ଚାମେଲିଙ୍କ ଏତଲାରେ ଉଲ୍ଲେଖ ନଥିବା ପାର୍ଥସାରଥୀ ସାମନ୍ତରାୟଙ୍କୁ ଗିରଫ କରିଥିଲା। ହେଲେ ଚାମେଲି ଦେଇଥିବା ଅଭିଯୋଗରେ ବିଧାୟକଙ୍କ ୭ ଅନୁଗତଙ୍କ ନାମ ମଧ୍ୟରୁ ହିମାଂଶୁଙ୍କ ନାମ ରହିଥିଲା। ଚାମେଲିଙ୍କ ଅଭିଯୋଗ ଘଟଣାକୁ ଆଠ ଦିନ ପୁରିଥିଲେ ମଧ୍ୟ ପୁଲିସ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇ ପାରିନାହିଁ। ଅନ୍ୟପଟେ ୨୪ ଜୁନ ସୁଦ୍ଧା ଯଦି ଅନ୍ୟ ସମସ୍ତ ଦୋଷୀଙ୍କୁ ପୁଲିସ ଗିରଫ ନକରେ ତେବେ ସେ ଏସ୍‌ପି ଅଫିସ୍ ସାମ୍ନାରେ ଆଉ ନଦୀ ଆନ୍ଦୋଳନରେ ବସିବାକୁ ସେ ଡିଜିପି ଓଡ଼ିଶାଙ୍କୁ ଚେତାବନୀ ଦେଇଛନ୍ତି।

## ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଲେ ବିଦ୍ୟୁତ ବିଭାଗ ଜେଇ



ଜଗତସିଂହପୁର,୧୯।୬ (ସଂଚାର ବ୍ୟୁରୋ)ଃ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଲେ ଜଗତସିଂହପୁର ଜିଲ୍ଲାର ପୂର୍ତ୍ତ ଓ ଗୃହବିଭାଗ କାର୍ଯ୍ୟାଳୟର(ଜେଇଡି) ବିଦ୍ୟୁତ ବିଭାଗର ଜେଇ ସୋମା ଦାସ । ଓଡ଼ିଶୋ ପଞ୍ଚାୟତର ଜନୈକ ଠିକାଦାର ରୋହିଆ ପଞ୍ଚାୟତରେ ଷ୍ଟ୍ରିଟଲାଇଟ ଟ୍ରେଣ୍ଡର ଉଠିବା ପରେ କାମର ଏଷ୍ଟିମେଣ୍ଟ କରାଇଦେବାକୁ ଲାଞ୍ଚ ନେଉଥିଲେ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଦ୍ୱାରା ଗିରଫ ସହ ନଗଦ ଟଙ୍କା ସହିତ ବିଦ୍ୟୁତ ବିଭାଗର ଜେଇଙ୍କୁ ରେଡ଼ ହ୍ୟାଣ୍ଡରେ ଧରିଲା ଜଗତସିଂହପୁର ଭିଜିଲାନ୍ସ କଟକ ଡିଭିଜନର ସ୍ୱତନ୍ତ୍ର ଟିମ। ନାଉଗାଁ ବ୍ଲକ ରୋହିଆ ପଞ୍ଚାୟତର ଷ୍ଟ୍ରିଟଲାଇଟ ଏଷ୍ଟିମେଣ୍ଟ ପାସ କରାଇବା ପାଇଁ ୧୫ହଜାର ଟଙ୍କାର ଲାଞ୍ଚ ମାଗିଥିଲେ ଜେଇ ସୋମା ଦାସ । ଏହାକୁ ନେଇ କଣ୍ଟ୍ରାକ୍ଟର ଜଣଙ୍କ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ । ଆଜି କଟକ ଏବଂ ଜଗତସିଂହପୁର ମିଳିତ ଭାବେ ଚଢ଼ାଉ କରିଥିଲେ। ଭିଜିଲାନ୍ସ ଟିମ୍ ପୂର୍ବ ପ୍ରସ୍ତୁତି ଅନୁଯାଇ ୧୫ ହଜାର ଲାଞ୍ଚ ଟଙ୍କା ଦେଉଥିବା ସମୟରେ ବିଦ୍ୟୁତ ବିଭାଗର ଜେଇ ସୋମା ଦାସଙ୍କୁ କାବୁ କରିନେଇଥିଲା ଭିଜିଲାନ୍ସ ଟିମ୍ । ସୋମା ଦାସଙ୍କୁ ଭିଜିଲାନ୍ସଟିମ୍ ଗିରଫ କରି କଟକ ଭିଜିଲାନ୍ସ ଅଫିସକୁ ନେଇ କୋର୍ଟ ଚାଲାଣ କରାଯାଇଛି ବୋଲି ଭିଜିଲାନ୍ସ ଡ଼ିଏସପି ଅନୁପମା ସାହୁ ସୂଚନା ଦେଇଛନ୍ତି ।

## ଧୁମଧାମରେ ପାଳିତ ହେଲା ଶିବ ବିବାହ ଓ ଶୀତଳ ଷଷ୍ଠୀ

ଢେଙ୍କାନାଳ,୧୯।୬(ସଂଚାର ବ୍ୟୁରୋ)ଃ ଖମାର ସାହିସ୍ଥିତ ନୀଳକଣ୍ଠେଶ୍ୱର ଶିବ ମନ୍ଦିରରେ ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଶିବ ବିବାହ ମହୋତ୍ସବ ଓ ଶୀତଳ ଷଷ୍ଠୀ ପୂଜା ଭକ୍ତିମୟ ପରିବେଶ ମଧ୍ୟରେ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରକୁ ଆକର୍ଷଣୀୟ ଭାବେ ସଜାଯାଇଥିବା ବେଳେ ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏଥିରେ ଶିବ ଙ୍କ ପିତା ପ୍ରଭାତ କୁମାର ସାହୁ ଓ ପାର୍ବତି ମା ଙ୍କ ପିତା ହୋଇଥିବା ହର ପ୍ରସାଦ ଦାସ ଙ୍କ ସହ ମଡିରେ ପାରମ୍ପରିକ ରୀତିନୀତି ଅନୁସାରେ ଭଗବାନ ଶିବ ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିବାହ ଶୋଭାଯାତ୍ରାରେ ଶିବ ବର ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ଘଣ୍ଟ, ଘଣ୍ଟା, ମୃଦଙ୍ଗ, ହରିବୋଲ ଓ ଭଜନ କୀର୍ତ୍ତନର ଧ୍ୱନିରେ ସମଗ୍ର ଅଞ୍ଚଳ ଆଧ୍ୟାତ୍ମିକ ପରିବେଶରେ ଉଦ୍ବେଳିତ ହୋଇଉଠିଥିଲା।

---

### ଦୁଇବର୍ଷର ହିସାବ ଦେଲେ ବିଧାୟକ

## ପାଟକୁରାର ସାମଗ୍ରିକ ବିକାଶ ପାଇଁ ଜନସେବା ଜାରି ରହିବ




କେନ୍ଦ୍ରାପଡା,୧୯।୬(ସଂଚାର ବ୍ୟୁରୋ)ଃ ଜନପ୍ରତିନିଧି ଭାବେ ଦୁଇ ବର୍ଷ ପୂରଣ ଅବସରରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ନିଜ କାର୍ଯ୍ୟକାଳର ଉପଲବ୍ଧି ଓ ଆଗାମୀ ବିକାଶ ଯୋଜନା ସମ୍ପର୍କରେ ସାମ୍ବାଦିକମାନଙ୍କ ସମ୍ମୁଖରେ ମତ ରଖିଛନ୍ତି। ପାଟକୁରାବାସୀଙ୍କ ଭଲପାଇବା ଓ ଆଶୀର୍ବାଦ ହିଁ ତାଙ୍କର ସବୁଠାରୁ ବଡ଼ ଶକ୍ତି ବୋଲି କହି ସେ ଜନସେବା ପ୍ରତି ନିଜର ପ୍ରତିବଦ୍ଧତା ପୁନର୍ବାର ଦୋହରାଇଥିଲେ। ତାଙ୍କର ପରମପୂଜ୍ୟ ପିତା ଓ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ଆଦର୍ଶକୁ ପାଥେୟ କରି ସେ ସର୍ବଦା ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ରହିଛନ୍ତି।

ଗତ ଦୁଇ ବର୍ଷ ମଧ୍ୟରେ ପାଟକୁରାରେ ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଘଟିଥିବା ସେ ଦାବି କରିଥିଲେ। ପ୍ରାୟ ୯୦ ପ୍ରତିଶତ ପାନୀୟ ଜଳ ଓ ରାସ୍ତାଘାଟ ସମସ୍ୟାର ସମାଧାନ ହୋଇଥିବା ବେଳେ ଅବଶିଷ୍ଟ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ମଧ୍ୟ ପଦକ୍ଷେପ ଜାରି ରହିଥିବା ସେ କହିଥିଲେ।

ପାଟକୁରାରୁ ଦାଦନ ପ୍ରବୃତ୍ତି ଦୂର କରିବା ଲକ୍ଷ୍ୟରେ ମିନି ଶିଳ୍ପ ସ୍ଥାପନ, ସ୍ଥାନୀୟ ଯୁବକମାନଙ୍କୁ ବ୍ୟବସାୟ କ୍ଷେତ୍ରରେ ଅଗ୍ରାଧିକାର, କୃଷକମାନଙ୍କୁ କମ୍ ସୁଧରେ ଋଣ, କୃଷିଜାତ ଉତ୍ପାଦ ପାଇଁ ବଜାର ବ୍ୟବସ୍ଥା ଏବଂ ଶୀତଳଭଣ୍ଡାର ପ୍ରତିଷ୍ଠା ଭଳି ବିଭିନ୍ନ ଯୋଜନା ଉପରେ କାର୍ଯ୍ୟ ଚାଲିଥିବା ସେ ସୂଚନା ଦେଇଥିଲେ। ଏହା ଦ୍ୱାରା ଯୁବବର୍ଗ ଓ କୃଷକ ସମାଜ ଆର୍ଥିକ ଭାବେ ଅଧିକ ସଶକ୍ତ ହେବେ ବୋଲି ଆଶା ପ୍ରକାଶ କରିଥିଲେ।

ପାଟକୁରାବାସୀଙ୍କ ପ୍ରତି ନିଜର କର୍ତ୍ତବ୍ୟ ଓ ପ୍ରତିବଦ୍ଧତା ଆଗାମୀ ଦିନରେ ମଧ୍ୟ ଅତୁଟ ରହିବ ବୋଲି କହି ଶ୍ରୀ ମହାପାତ୍ର "ମୋ ପାଟକୁରା, ମୋ ପରିବାର" ମନ୍ତ୍ରକୁ ନେଇ ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବାର ସଂକଳ୍ପ ବ୍ୟକ୍ତ କରିଥିଲେ।

## ବିକାଶର ଧାରା ଓଡ଼ିଶା ସାରା, ପଞ୍ଚାୟତସ୍ତରୀୟ ସମ୍ମିଳନୀ



ମାହାଙ୍ଗା,୧୯।୬ (ସଂଚାର ବ୍ୟୁରୋ)ଃ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସାରା ରାଜ୍ୟରେ ଏବେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଆଜି ମାହାଙ୍ଗା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିକାଶ ଧାରା ଓଡ଼ିଶା ସାରା ଓ ପଞ୍ଚାୟତ ସ୍ତରୀୟ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ବିଡିଓ ତିଳୋତମା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ମୋହନ ସରକାରଙ୍କ ଦୁଇ ବର୍ଷ ଶାସନ ସମୟରେ ଓଡ଼ିଶାରେ ବହୁବିଧ ବିକାଶ ମୂଳକ କାର୍ଯ୍ୟ ସାଧନ କରାଯାଇଥିବା ବେଳେ ମାହାଙ୍ଗା ବ୍ଲକରେ ମଧ୍ୟ ବହୁ ଉନ୍ନତି ମୂଳକ କାର୍ଯ୍ୟ ସାଧିତ ହୋଇଛି। ଏଥି ସହିତ ବିଜେପି ସରକାରଙ୍କ ଜନକଲ୍ୟାଣ କାରୀ ଯୋଜନା ଘରେ ଘରେ ପହଞ୍ଚି ପାରିଛି ବୋଲି କହିବା ସହ ମାହାଙ୍ଗା ବ୍ଲକକୁ ଏକ ନମ୍ବର ବ୍ଲକ ଭାବେ ଗଢି ତୋଳିବା ମୋର ପ୍ରଥମ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ମାହାଙ୍ଗା ବ୍ଲକ ୧ ଲକ୍ଷ ୫୦ ହଜାର ଲୋକଙ୍କୁ ଆହୁରି ୫ କେଜି ଲେଖାଏଁ ଚାଉଳ ପ୍ରଦାନ କରାଯିବ ବୋଲି କହିଥିଲେ।

ଏଥିରେ ସମ୍ମାନିତ ଅତିଥିଭାବେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡାକ୍ତର ତନୁସ୍ମିତା ବିନ୍ଧାଣୀ, ସିଡିପିଓ ଗୁରୁବାରୀ ସିଂହ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ନିର୍ମଳ ରାଉତ, ମାହାଙ୍ଗା ଯୋଗାଣ ଅଧିକାରିଣୀ ସୂର୍ଣ୍ଣଲତା ଜେନା ପ୍ରମୁଖ ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିଥିଲେ।

## ଦ୍ୱିତୀୟ ଦିନରେ ସରକାରୀ ବାଳିକା ହାଇସ୍କୁଲ ଠାରୁ ପୋଖରିଆପଡା ଗାଁ ରାସ୍ତା ଜବର ଦଖଲ ଉଚ୍ଛେଦ



ପଟ୍ଟାମୁଣ୍ଡାଇ,୧୯।୬ (ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ଗତକାଲି ଆରମ୍ଭ ହୋଇଥିବା ଜବର ଦଖଲ ଉଚ୍ଛେଦ ଅଭିଯାନ ଆଜି ୨ୟ ଦିନରେ ପହଂଚିଛି । ଆଜି ବର୍ଷା ଯୋଗୁଁ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ବିଳମ୍ବରେ ଆରମ୍ଭରେ ହୋଇଥିଲା। ଗତକାଲି ବାକିଥିବା ଜବର ଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ ଆଜି ସରକାରୀ ଭାବେ ଜାଗା ମାପ କରାଯାଇ ଜେସିବି ଦ୍ୱାରା ରାସ୍ତାରୁ ଜବରଦଖଲ ଉଚ୍ଛେଦ କରା ଯାଇଥିଲା । ଆଜି ୪୦୦ ମିଟର ଉଚ୍ଛେଦ କାର୍ଯ୍ୟ କରାଯାଇଛି ଓ ଆସନ୍ତାକାଲି ଜବରଦଖଲ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାସ କହିଛନ୍ତି । ଏହି ଜବରଦଖଲ ଉଚ୍ଛେଦ ଓ ମାପଚୁପ କାର୍ଯ୍ୟକ୍ରମରେ ଆଜିର ଅତିରିକ୍ତ ତହସିଲଦାର ମାନସ କୁମାର ସ୍ୱାଇଁ , ପଟ୍ଟାମୁଣ୍ଡାଇ ରାଜସ୍ୱ ନିରୀକ୍ଷକ ଲାଲୁ ଚୌଧୁରୀ , ଅମିନ ବବୁଲ କୁମାର ପଡିହାରୀ ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସାମାଲ , ଅମିନ ବିପିନ ବିହାରୀ ସେଠୀ , ଜନସ୍ୱାସ୍ଥ୍ୟ କନିଷ୍ଠ ଯନ୍ତ୍ରୀ ସୁଦାମ ସାହୁ , ପ୍ରଫୁଲ୍ଲ ଦାଶଙ୍କ ସହିତ ପୋଲିସ ଫୋର୍ସ ସାମିଲ ହୋଇଥିଲେ ।

## ଗଣକବି ଗୋପାଳ ଦାଶଙ୍କ ନୂତନ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ

### ଗଣକବିଙ୍କ ୧୫୦ତମ ଜୟନ୍ତୀ ପାଳିତ



କେନ୍ଦ୍ରାପଡ଼ା,୧୯।୬(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତି ବିଭାଗ ଓ ପଳସିଂହା ଗୋପାଳ ଦାଶ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଗଣକବି ଗୋପାଳ ଦାଶଙ୍କ ୧୫୦ତମ ଜୟନ୍ତୀ ତାଙ୍କ ଜନ୍ମମାଟି ପଳସିଂହାରେ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ କଟକ-ଚାନ୍ଦବାଲି ରାସ୍ତାର ଗୋଗୁଆଛକରେ ଥିବା ଗୋପାଳ ଦାଶଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହାପରେ ତାଙ୍କ ଜନ୍ମମାଟି ପଳସିଂହା ଗ୍ରାମରେ ନୂତନ ଭାବରେ ପ୍ରତିଷ୍ଠିତ ଗଣକବିଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ । ଏହାସହ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ନିର୍ମିତ ସଂସଦର ଗୃହ ଓ ସଭାମଣ୍ଡପକୁ ମଧ୍ୟ ବିଧାୟକ ଶ୍ରୀ ବେହେରା ଉଦଘାଟନ କରିଥିଲେ।

ସଂସଦର ସଭାପତି ତଥା ସମାଜସେବୀ ଅଜିତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଗଣେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ସଂଗ୍ରାମ କେଶରୀ ରାଉତ, ମନ୍ମଥନାଥ ବରାଳ, ଶିକ୍ଷାବୀତ କେଶବ ଚନ୍ଦ୍ର ବିଶ୍ୱାଳ, ପଳସିଂହା ପାୟତର ସରପ ଦେବେନ୍ଦ୍ର କୁମାର ପରିଡା, ଭାବଗ୍ରାହୀ କଳା ନିକେତନର ସମ୍ପାଦକ ବିମଳ ପ୍ରସାଦ ପରିଡା ପ୍ରମୁଖ ଯୋଗଦେଇ ଗଣକବିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଡ. ବୈଷ୍ଣବ ସାମଲ ଗଣକବିଙ୍କ ଦ୍ୱାରା ରଚିତ ସାହିତ୍ୟର ପ୍ରଚାର ଓ ପ୍ରସାର କରିବାରେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଗଣକବିଙ୍କ ପ୍ରଥମ ଓ ଦ୍ୱିତୀୟ ଭାଗ ଗ୍ରନ୍ଥାବଳୀର ପ୍ରକାଶନ ନିମନ୍ତେ କରାଯାଇଥିବା ପ୍ରୟାସ ସମ୍ପର୍କରେ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ ଡ. ସାମଲ । ବିଧାୟକ ଶ୍ରୀ ବେହେରା ଗଣକବିଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରତିଶୃତି ଦେଇଥିଲେ ।

---

## ସୁଶ୍ରୀ ଯାଜ୍ଞସେନୀ ପାଇଲେ ଚିତ୍ରଶିଳ୍ପୀ ବୃତ୍ତି



ପଟ୍ଟାମୁଣ୍ଡାଇ,୧୯।୬(ସଂଚାର ବ୍ୟୁରୋ)ଃ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟର ସାଂସ୍କୃତିକ ସମ୍ବଳ ଏବଂ ତାଲିମ୍ କେନ୍ଦ୍ର ( ସି ସି ଆର ଟି ) ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ଗ୍ରାମର ଛାତ୍ରୀ ସୁଶ୍ରୀ ଯାଜ୍ଞସେନୀ ମାନଧାତା ଙ୍କୁ ଯୁବ ଚିତ୍ର ଶିଳ୍ପୀ ଛାତ୍ର ବୃତ୍ତି ପାଇଁ ମନୋନୀତ ହୋଇ ବୃତ୍ତି ଲାଭ ପ୍ରଦାନ କରିଛନ୍ତି। ସେ ଏହି ସଫଳତା ପାଇଁ ଚିତ୍ର ଗୁରୁ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ଦାଶଙ୍କ ଉପଯୁକ୍ତ ମାର୍ଗ ଦର୍ଶକ ଏବଂ ପରିବାରର ସମର୍ଥନକୁ ଶ୍ରେୟ ଦେଇଛନ୍ତି।

ଶ୍ରୀରାମପୁର ଗ୍ରାମର ପ୍ରକାଶ ମାନଧାତା ଓ ମାତା ଅମ୍ବିକା ଙ୍କ ସୁପୁତ୍ରୀ ସୁଶ୍ରୀ ଯାଜ୍ଞସେନୀ ବନ୍ତୋ ଓଡିଶା ଆଦର୍ଶ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଛାତ୍ରୀ। ସେ ବାଲ୍ୟ କାଳରୁ ବହୁ ଚମତ୍କାର ଚିତ୍ର କରି ପଟ୍ଟାମୁଣ୍ଡାଇର ଦକ୍ଷତା ହାସଲ ରଖିଆସିଛନ୍ତି। ମହାମହିମ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶ୍ରେଷ୍ଠ ଚିତ୍ର ଗୁରୁ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ଦାଶ ଙ୍କ ମାର୍ଗ ଦର୍ଶନ ରେ ଚିତ୍ରାଙ୍କନ ଶିକ୍ଷାଲାଭ କରି ସେ ନିଜର ସାଧନାରେ ସଫଳ ହୋଇ ବିଭିନ୍ନ ସ୍ତରରେ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ଚିତ୍ରାଙ୍କନ ରେ ପ୍ରାଚୀନ କଳାକେନ୍ଦ୍ର (ଚଣ୍ଡୀଗଡ଼ ବିଶ୍ୱ ବିଦ୍ୟାଳୟ) ଭୂଷଣ ଫାଇନାଲ ସାର୍ଟିଫିକେଟ ଓ ଲଳିତକଳା ଏକାଡେମିରୁ ସାର୍ଟିଫିକେଟ ପରୀକ୍ଷାରେ (ଗୋପାଳ ଦାଶ ମେମୋରୀୟଲ କଳା ମନ୍ଦୀର, ମୂଳବସନ୍ତ)ରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଚିତ୍ର ଗୁରୁ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ଦାଶଙ୍କ ତତ୍ତ୍ୱାବଧାନରେ ସଫଳ ହୋଇ ବିଭିନ୍ନ ସ୍ତରରେ ଯଥା ଶିଶୁ ସୁରଭୀ ରେ ବ୍ଲକ୍, ଜିଲ୍ଲା, ଓ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ଓ ଜୁନିଅର୍ ରେଡ୍ କ୍ରସ୍ ସ୍ତରରେ ବ୍ଲକ୍, ଜିଲ୍ଲା, ରାଜ୍ୟ, ଆନ୍ତଃରାଜ୍ୟ, ଓ ବିଶ୍ୱ ସ୍ତରରେ ପୁରସ୍କୃତ ହୋଇଛନ୍ତି ( ୨୦୨୪-୨୫ )ରେ। ବିଭିନ୍ନ ପ୍ରତିଯୋଗୀତାରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଚିତ୍ର ଓ ରଙ୍ଗୋଲି ରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରିଛି। ସେ କହିଛନ୍ତି ମୁଁ ଭବିଷ୍ୟତରେ ସାରା ବିଶ୍ୱରେ ଏକ ଶ୍ରେଷ୍ଠ ଚିତ୍ର ଶିଳ୍ପୀ ହେବାରେ ସେ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି।

## ମଲ୍ଲିକେଶ୍ୱର ଶିବ ମନ୍ଦିରରେ ଶୀତଳଷଷ୍ଠୀ ଓ ଶିବ ବିବାହ



ଡେରାବିଶ, ୧୯।୬ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱରପୁର ସ୍ଥିତ ମଲ୍ଲିକେଶ୍ୱର ମହାଦେବଙ୍କ ମନ୍ଦିରରେ ଶିତଳଷଷ୍ଠୀ ଓ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଶୀତଳଷଷ୍ଠୀ ଉତ୍ସବ ଦୀର୍ଘ ୧୩ ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି। ଏହି ଉପଲକ୍ଷେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିବାହ ଉତ୍ସବରେ ଯୋଗଦେବା ପାଇଁ ମଲ୍ଲିକେଶ୍ୱର ମହାଦେବଙ୍କ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଦେବାଦେବୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ସମ୍ବଲପୁରର ଶୀତଳଷଷ୍ଠୀ ଉତ୍ସବ ଅନୁରୂପ ଭାବରେ ଏଠାରେ ଅନୁଷ୍ଠିତ ହୋଇ ଆସୁଛି। ଏହି ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

### ନିଟ୍ ପୁନଃପରୀକ୍ଷା ପାଇଁ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା

## ୮ଟି ବସ୍‌ରେ ପହଞ୍ଚିବେ ପରୀକ୍ଷାର୍ଥୀ

ଯାଜପୁର,୧୯।୬(ସଂଚାର ବ୍ୟୁରୋ)ଃ ଆସନ୍ତା ୨୧ ଜୁନ୍ ଅନୁଷ୍ଠିତ ହେବାକୁ ଥିବା ନିଟ୍ (ୟୁଜି) ପୁନଃପରୀକ୍ଷାକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲା ପ୍ରଶାସନ ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବସ୍ ସେବାର ବ୍ୟବସ୍ଥା କରିଛି। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ଅନ୍ତର୍ଗତ ୮ଟି ସ୍ୱତନ୍ତ୍ର ବସ୍ ବିଭିନ୍ନ ସ୍ଥାନରୁ ଚଳାଚଳ କରି ପରୀକ୍ଷାର୍ଥୀଙ୍କୁ ନିର୍ଦ୍ଧାରିତ କେନ୍ଦ୍ରରେ ସମୟରେ ପହଞ୍ଚାଇବ।ଯାଜପୁର ଟାଉନ୍ ବସ୍ ଷ୍ଟାଣ୍ଡ, ଯାଜପୁର ରୋଡ଼ ରେଳ ଷ୍ଟେସନ୍, ଛତିଆ ଓ ବ୍ୟାସନଗର କଲେଜରୁ ବସ୍ ଛାଡ଼ିବ। ଏହି ବସ୍‌ଗୁଡ଼ିକ ନରସିଂହ ଚୌଧୁରୀ ମହାବିଦ୍ୟାଳୟ, ବ୍ୟାସନଗର କଲେଜ, ଜବାହର ନବୋଦୟ ବିଦ୍ୟାଳୟ (ପାଣିକୋଇଲି), ସରକାରୀ ପଲିଟେକ୍ନିକ୍ କଲେଜ (ରଗଡ଼ି) ଓ କେନ୍ଦ୍ରୀୟ ବିଦ୍ୟାଳୟ (ଅକରପଡ଼ା) ପରୀକ୍ଷା କେନ୍ଦ୍ରକୁ ଯାତ୍ରୀଙ୍କୁ ପହଞ୍ଚାଇବ।ପରୀକ୍ଷାର୍ଥୀମାନେ ନିଟ୍ ପୁନଃପରୀକ୍ଷାର ଆଡମିଟ୍ କାର୍ଡ ସାଙ୍ଗରେ ନେଇ ଯିବା ବାଧ୍ୟତାମୂଳକ। ପରୀକ୍ଷା ଶେଷ ହେବାର ୩୦ ମିନିଟ୍ ପରେ ସମସ୍ତ ବସ୍ ପୁଣି ପ୍ରତ୍ୟାବର୍ତ୍ତନ କରିବ, ଯାହା ଫଳରେ ପରୀକ୍ଷାର୍ଥୀମାନେ ଘରକୁ ଫେରିବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ।ପରୀକ୍ଷା ଦିନ ଯାତାୟାତ ଜନିତ ସମସ୍ୟାକୁ ଏଡ଼ାଇବା ଏବଂ ପରୀକ୍ଷାର୍ଥୀମାନେ ସମୟରେ କେନ୍ଦ୍ରରେ ପହଞ୍ଚିପାରନ୍ତୁ ବୋଲି ଜିଲ୍ଲା ପ୍ରଶାସନ ଏହି ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବାବେଳେ, ସମସ୍ତ ପରୀକ୍ଷାର୍ଥୀଙ୍କୁ ପୂର୍ବ ନିର୍ଦ୍ଧାରିତ ରୁଟ୍ ଓ ସମୟସୂଚୀ ଅନୁସରଣ କରି ବସ୍ ସେବାର ସୁବିଧା ନେବାକୁ ଅନୁରୋଧ କରାଯାଇଛି।

## ଶହେ ପ୍ରତିଶତ ଫର୍ମ ବଣ୍ଟନ ପାଇଁ ୧୪ ବିଏଲଓ ଏବଂ ୩ ବିଏଲଓ ସୁପରଭାଇଜର ସମ୍ବର୍ଦ୍ଧିତ




ପାରାଦୀପ, ୧୯।୬ (ସଂଚାର ବ୍ୟୁରୋ)ଃ ଜଗତସିଂହପୁରରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ପାରାଦୀପ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ, ନିରଞ୍ଜନ ବେହେରା ଆଜି ପାରାଦୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକ ପରିଦର୍ଶନ କରି ଶହେ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଯୋଗୁଁ ୧୪ ଜଣ ବିଏଲଓ ଏବଂ ୩ ବିଏଲଓ ସୁପରଭାଇଜରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଏଇଆରଓ ତଥା ବିଡ଼ିଓ ଦୀପକ ପ୍ରସାଦ ସ୍ୱାଇଁ, ଏଇଆରଓ ତଥା ତହସିଲଦାର କୁଜଙ୍ଗ ସ୍ୱରୂପ ନନ୍ଦନ ବେହେରା ଉପସ୍ଥିତ ଥିଲେ। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ବିଏଲଓମାନେ ହେଲେ ବୁଥ ନମ୍ବର ୨୯ର ଶୁକଲତା ବେହେରା, ବୁଥ ନମ୍ବର ୨୬ର ରାଜଲକ୍ଷ୍ମୀ ସେନାପତି, ବୁଥ ନମ୍ବର ୪୦ର ଅନୁପମା ଦାସ, ବୁଥ ନମ୍ବର ୭୧ର ପାର୍ବତୀ ମହାନ୍ତି, ବୁଥ ନମ୍ବର ୨୨ର ମଞ୍ଜୁଲତା ସୁତାର, ବୁଥ ନମ୍ବର ୩୮ର ରୀତାବାଳା ସ୍ୱାଇଁ, ବୁଥ ନମ୍ବର ୨୫ର ସଙ୍ଗୀତା ଶତପଥୀ, ବୁଥ ନମ୍ବର ୬୮ ର ରଶ୍ମୀ ନାୟକ,ବୁଥ ନମ୍ବର ୨୦ ର କଳ୍ପନା ବେହେରା,ବୁଥ ନମ୍ବର ୨୧ର ଅନ୍ନପୂର୍ଣ୍ଣା ସେଠୀ, ବୁଥ ନମ୍ବର ୭୩ର ରୀନାରାଣୀ ଦାସ, ବୁଥ ନମ୍ବର ୧୧୫ ର ଜ୍ୟୋତ୍ସ୍ନାବାଳା ମହାନ୍ତି, ବୁଥ ନମ୍ବର ୯୭ ର ମନୋରମା ଦାସ, ବୁଥ ନମ୍ବର ୯୮ ର ଇନ୍ଦୁବ୍ରଜ ଲେଙ୍କା । ବି ଏଲ ଓ ସୁପରଭାଇଜର ମାନେ ହେଲେ ସହଦେବ ଗୁରୁ, ସଚଳା ମହାନ୍ତି ଓ ଲୋକନାଥ ବେହେରା ।

## ବିସ୍ମୟ ବାଳିକାଃ ୨୨ମାସର ସାଇ ସିଦ୍ଧି ବେହେରା କହୁଛି ଇଂରାଜୀ



ଯାଜପୁର ରୋଡ଼, ୧୯।୬ (ସଂଚାର ବ୍ୟୁରୋ)ଃ ଯାଜପୁରର ବିସ୍ମୟ ବାଳିକା ସାଇ ସିଦ୍ଧି ବେହେରା। ବୟସ ମାତ୍ର ୨୨ ମାସ। କିନ୍ତୁ ପ୍ରଖର ବୁଦ୍ଧି, ଏତେ କମ ବୟସରୁ ନିଜ ମୁହଁରୁ ବାହାରୁଚି ଅନର୍ଗଳ ଇଂରାଜୀ। ସମାଜ ପାଇଁ ଜଣେ ବିସ୍ମୟ ବାଳିକାଯେ'କି ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଆଗାମୀ ଭବିଷ୍ୟତରେ ଜଣେ ଭଲ ମଣିଷ ହେଇ ଯାଜପୁର ଓ ସାରା ଦେଶ ପାଇଁ ନାଁ କରିବ ବୋଲି ବାପା ମାଆ ଆଶା ରଖିଥିବା କହିଛନ୍ତି। ବାପା ବିଶ୍ୱଜିତ ବେହେରା ଜଣେ ଡ୍ରାଇଭର ଓ ମାଆ ସୁଶ୍ରୀ ସୁଚରିତା ରାଉତ ଜଣେ ଗୃହିଣୀ ହୋଇଥିବା ବେଳେ ପଙ୍କରୁ ପଦ୍ମ ଫୁଟିଲା ଭଳି ସୃଷ୍ଟି ହୋଇଛି ଅନନ୍ୟ କୁନି ପ୍ରତିଭା ବାଳିକା ସାଇ ସିଦ୍ଧି ବେହେରା। ଖବରର ସୂଚନା ମୁତାବକ ଯାଜପୁର ଜିଲ୍ଲା ବରୀ ବ୍ଲକ ମଧୁସୂଦନପୁର ପଂଚାୟତ ସୁନ୍ଦରପୁର ଗ୍ରାମର ବିଶ୍ୱଜିତ ବେହେରା ଓ ସୁଶ୍ରୀ ସୁଚରିତ ରାଉତ ଙ୍କ ଠାରୁ ସୃଷ୍ଟି ହୋଇଥିବା ବିସ୍ମୟ ବାଳିକା ସାଇ ସିଦ୍ଧି ବେହେରାଙ୍କ ଏଭଳି ଅନନ୍ୟ ପ୍ରତିଭା ପାଇଁ ଅଂଚଳବାସି ତାକୁ ଆଶୀର୍ବାଦ କରିବା ସହ ତାର ଆଗାମୀ ଚଲାପଥ କୁସୁମିତ ହେଉ ବୋଲି ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏଥି ସହିତ ସରକାରଙ୍କ ତରଫରୁ ଯଦି କିଛି ସହାୟତା ମିଳିପାରନ୍ତା ତେବେ ପିଲାଟିର ଭବିଷ୍ୟତ ଉଜ୍ଜଳମୟ ହୋଇପାରନ୍ତା ବୋଲି ମାଆ ଆଶା ରଖିଥିବା ନେଇ କହିଛନ୍ତି।

### ଶିଶୁ ଶ୍ରମିକଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ

## ଜିଲ୍ଲାବ୍ୟାପୀ ଚଢ଼ାଉ ପାଇଁ ଟାସ୍କ ଫୋର୍ସକୁ ନିର୍ଦ୍ଦେଶ




ଯାଜପୁର, ୧୯।୬ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲାରୁ ଶିଶୁ ଶ୍ରମିକ ପ୍ରଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ଲକ୍ଷ୍ୟରେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିଶୁ ଶ୍ରମିକ ନିୟୋଜନକୁ ସାମାଜିକ ଅପରାଧ ଭାବେ ଚିହ୍ନଟ କରାଯିବା ସହ ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନର ସଂକଳ୍ପ ନିଆଯାଇଛି।

ବୈଠକରେ ସ୍ପଷ୍ଟ କରାଯାଇଛି ଯେ, ଶିଶୁଙ୍କ ହାତରେ ଖାତା-କଲମ ବଦଳରେ କୋଦାଳ କିମ୍ବା ଶ୍ରମର ଭାର ଦେବା କେବେ ମଧ୍ୟ ଗ୍ରହଣୀୟ ନୁହେଁ। ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତକୁ ଫେରାଇବା ପାଇଁ ପରିବାର, ନିଯୁକ୍ତିଦାତା, ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଓ ସମାଜର ସମସ୍ତ ବର୍ଗର ସକ୍ରିୟ ସହଭାଗିତା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମିଳୁଥିବା ସୂଚନାକୁ ଆଧାର କରି ଟାସ୍କ ଫୋର୍ସର ଏକାଧିକ ଦଳ ଗଠନ କରାଯିବ। ସହକାରୀ ଶ୍ରମ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟସ୍ଥଳରେ ଅଚାନକ ଚଢ଼ାଉ (ରେଡ୍) କରାଯାଇ ଶିଶୁ ଶ୍ରମିକ ନିୟୋଜନ ଧରାପଡ଼ିଲେ ଆଇନ ଅନୁଯାୟୀ କଡ଼ା ବ୍ୟବସ୍ଥା ନିଆଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଏହି ବୈଠକରେ ସ୍ୱାସ୍ଥ୍ୟ, ପୋଲିସ, ଶ୍ରମ, ଶିଶୁ ସୁରକ୍ଷା, ଶିଶୁ କଲ୍ୟାଣ ସମିତି, ଜିଲ୍ଲା ପରିଷଦ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଶିଶୁ ଅଧିକାର କର୍ମୀ, ପାରା-ଲିଗାଲ୍ ଭଲ୍ୟୁଣ୍ଟିଅର ଏବଂ ଶ୍ରମିକ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ଶିଶୁ ଶ୍ରମିକ ମୁକ୍ତ ଯାଜପୁର ଗଠନ ପାଇଁ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱ ଦେଇଥିଲେ।



**ପାକିସ୍ତାନ ଏକ ଫ୍ରାଙ୍କଷ୍ଟିନ୍ ଷ୍ଟେଟ୍** ପୃଷ୍ଠା ୪

# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Saturday 20 June 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର, ୨୦ ଜୁନ୍ ୨୦୨୬


# ପଡ଼ିବ ୩ ବର୍ଷ ପାଇଁ ବିକାଶର ମୂଳଦୁଆ

## ୭୩୨ କୋଟିର ରେଳ ପ୍ରକଳ୍ପର ଲୋକାର୍ପଣ କରିବେ ରାଷ୍ଟ୍ରପତି

- ରେଳ ଭିତ୍ତିଭୂମି ଓ ସଂଯୋଗୀକରଣରେ ନୂଆ ଅଧ୍ୟାୟ
- ଯଖପୁରା-ଯାଜପୁର-କେନ୍ଦୁଝର ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ହେବ ଉଦଘାଟନ
- କାର୍ଯ୍ୟକ୍ଷମ ହେବ ହିନ୍ଦୋଳ ରୋଡ୍-ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ରେଳ ଭିତ୍ତିଭୂମି, ପରିଚାଳନା ଦକ୍ଷତା ଓ ସଂଯୋଗୀକରଣ କ୍ଷେତ୍ରରେ ଏକ ବଡ଼ ସଫଳତାସ୍ୱରୂପ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ରାଇରଙ୍ଗପୁରରେ ୭୩୨ କୋଟିରୁ ଅଧିକ ଟଙ୍କାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମଲ୍ଟି-ଟ୍ରାକିଂ ରେଳ ପ୍ରକଳ୍ପକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବେ। ପୂର୍ବତଟ ରେଳବାଇ ଅଧୀନରେ ବିକଶିତ ଏହି ଦୁଇଟି ପ୍ରକଳ୍ପ ରେଳ ଲାଇନର କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ ଓ ଯାତ୍ରୀବାହୀ ତଥା ମାଲବାହୀ ଟ୍ରେନର ସୁଗମ ଚଳାଚଳକୁ ସହଜ କରିବ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ରେଳ ➪ପୃଷ୍ଠା-୬



**ଏମ୍ସ ମାଗଣା ସ୍ୱାସ୍ଥ୍ୟ ଶିବିରର କଲେ ଶୁଭାରମ୍ଭ**

## ଜନ୍ମମାଟିରେ ମହାମହିମ

ବାରିପଦା: ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ଣରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ପହଞ୍ଚିଛନ୍ତି। ରାଇରଙ୍ଗପୁରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ସହାଭାଗିତାରେ ଆୟୋଜିତ ପ୍ରଥମ ମାଗଣା ସ୍ୱାସ୍ଥ୍ୟ ଶିବିରର ଶୁଭାରମ୍ଭ କରିଥିଲେ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ କଥା ହୋଇଥିଲେ। ଏହାପରେ ରାଷ୍ଟ୍ରପତି କୁସୁମୀ ବ୍ଲକ ପାଇଁ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ, ବ୍ରହ୍ମାକୁମାରୀ ସଂଗଠନର ନୂତନ ଭବନ, ସ୍ପେଶାଲ ସର୍କିଟ ହାଉସ ଓ ନବଗଠିତ ରାଇରଙ୍ଗପୁର ପୁଲିସ ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ସମେତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଜନହିତକର ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ବିକାଶର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଥିବା ଏହି ସମସ୍ତ ପ୍ରକଳ୍ପର ➪ପୃଷ୍ଠା-୬

## ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ସମାରୋହ



**ଆଜି ଆସିବେ ପ୍ରଧାନମନ୍ତ୍ରୀ**

- ରାଷ୍ଟ୍ରପତିଙ୍କ ସହ ଯିବେ ପାହାଡ଼ପୁର
- ପ୍ରାୟ ୪୭,୬୦୦ କୋଟିର ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ହେବ

ନୂଆଦିଲ୍ଲୀ,୧୯।୬(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଉପସ୍ଥିତ ରହିବେ, ଯାହା ରାଜ୍ୟ ପାଇଁ ଏକ ବିରଳ ତଥା ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହେବ। ପୂର୍ବାହ୍ଣ ପ୍ରାୟ ୧୧ଟା ୧୫ ସମୟରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲାର ପାହାଡ଼ପୁର ଗ୍ରାମ ପରିଦର୍ଶନ କରିବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ପବିତ୍ର ସାନ୍ତାଳୀ ଜାହେରା ଓ ହୋ ଜାହେରାଠାରେ ପ୍ରାର୍ଥନା କରିବେ ଓ ଦକ୍ଷତା ବିକାଶ କେନ୍ଦ୍ର ଓ ପାହାଡ଼ପୁର ସ୍କୁଲ ବୁଲି ଦେଖିବେ। ଏହି ଗସ୍ତ ଆଦିବାସୀ ଓ ଗ୍ରାମାଞ୍ଚଳରେ ଶିକ୍ଷାଗତ ସୁଯୋଗ, ଦକ୍ଷତା ବିକାଶ ଓ ସାମାଜିକ-ଆର୍ଥିକ ସଶକ୍ତିକରଣକୁ ସୁଦୃଢ଼ କରିବା ପାଇଁ ଚାଲିଥିବା ପ୍ରୟାସର ପ୍ରତିଫଳନ। ଅପରାହ୍ଣ ପ୍ରାୟ ୧ଟା ବେଳେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂରଣ ଅବସରରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଉକ୍ତ କାର୍ଯ୍ୟକ୍ରମର ବିଷୟବସ୍ତୁ 'ବିକାଶର ଧାରା, ଓଡ଼ିଶା ସାରା'। ଏହି ଅବସରରେ ୪୭,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହେବ। ପ୍ରଧାନମନ୍ତ୍ରୀ ସେଠାରେ ଏକ ଜନସମାବେଶକୁ ମଧ୍ୟ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।

କାର୍ଯ୍ୟକ୍ରମ ସମୟରେ ଶକ୍ତି, ଶିଳ୍ପ ଭିତ୍ତିଭୂମି, ସଡ଼କ ଯୋଗାଯୋଗ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଓ ଜଳସେଚନ ସମେତ ପ୍ରମୁଖ କ୍ଷେତ୍ରର ପ୍ରକଳ୍ପଗୁଡ଼ିକର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ସମଗ୍ର ଓଡ଼ିଶାରେ ଭିତ୍ତିଭୂମିକୁ ସୁଦୃଢ଼ କରିବ, ଯୋଗାଯୋଗରେ ଉନ୍ନତି ଆଣିବ, ଶକ୍ତି ସୁରକ୍ଷା ବୃଦ୍ଧି କରିବ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ। ପ୍ରଧାନମନ୍ତ୍ରୀଙ୍କ ସମାବେଶୀ ଓ ସାମଗ୍ରିକ ବିକାଶ ଦୃଷ୍ଟିକୋଣକୁ ପ୍ରତିଫଳିତ କରି ଏହି ପଦକ୍ଷେପଗୁଡ଼ିକ ଆଦିବାସୀ ତଥା ଗ୍ରାମାଞ୍ଚଳରେ ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବ ଓ ରାଜ୍ୟର ପ୍ରତି କୋଣରେ ବିକାଶ ପହଞ୍ଚାଇବ।

ଶିଳାନ୍ୟାସ ହେବାକୁ ଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୬୦୦ ମେଗାୱାଟ୍ ଅପର୍ ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଓ ଇବ୍ ତାପଜ ବିଦ୍ୟୁତ ଷ୍ଟେସନର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପ୍ରକଳ୍ପର ୬୬୦ ମେଗାୱାଟ୍ ଲେଖାଏଁ ଦୁଇଟି ୟୁନିଟ୍ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାରେ ଶକ୍ତି ସୁରକ୍ଷା ବୃଦ୍ଧି କରିବ ଓ ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବ। ଝାରସୁଗୁଡ଼ା ଜିଲ୍ଲାର ଲଖନପୁରରେ ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ (ବିସିଜିସିଏଲ) ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହା ଘରୋଇ କୋଇଲା ସମ୍ପଦର ସ୍ୱଚ୍ଛ ବ୍ୟବହାରକୁ ପ୍ରୋତ୍ସାହିତ କରିବ, ଆମଦାନୀ ନିର୍ଭରଶୀଳତା ➪ପୃଷ୍ଠା-୬

### ଆଜିଠୁ ପ୍ରତି ପଞ୍ଚାୟତରେ 'ଜନକଲ୍ୟାଣ ଶିବିର'

## ଲୋକଙ୍କ ପାଖରେ ପହଞ୍ଚିବ ସରକାରୀ ସେବା



ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ସରକାରୀ ଯୋଜନାର ଲାଭରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ଏବଂ ଜନସାଧାରଣଙ୍କ ଦୁଆର ମୁହଁରେ ସରକାରୀ ସେବା ପହଞ୍ଚିପାରିବ, ସେଥିପାଇଁ ରାଜ୍ୟ ସରକାର ଏକ ବୃହତ୍ ଜନସମ୍ପର୍କ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ଆସନ୍ତାକାଲିଠାରୁ ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ 'ଜନକଲ୍ୟାଣ ଶିବିର' ଆୟୋଜନ କରାଯିବ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏନେଇ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

ରାଜ୍ୟବ୍ୟାପୀ ସରକାରୀ ଜନସମ୍ପର୍କ ଏବଂ ଜନଭାଗିଦାରୀ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଏହି ଜନକଲ୍ୟାଣ ଶିବିର ଆୟୋଜିତ ହେବ। ଏହା ମାଧ୍ୟମରେ ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗ ସ୍ଥାପନ ହେବା ସହ ସରକାରୀ ଯୋଜନାର ସଚେତନତା, ହିତାଧିକାରୀ ଚିହ୍ନଟ, ପଞ୍ଜୀକରଣ, ଅଭିଯୋଗ ଗ୍ରହଣ ଓ ସୁବିଧା ବଣ୍ଟନକୁ ଏକ ମଞ୍ଚରେ ଆଣିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ସାଧାରଣତଃ ତିନି ଦିନ ଧରି ଏହି ଶିବିର ଚାଲିବ। ପ୍ରଥମ ଦିନରେ ଜନକଲ୍ୟାଣ ଶିବିରର ଉଦ୍‌ଘାଟନ ସହ ହିତାଧିକାରୀ ସହାୟତା ଶିବିର ଆୟୋଜନ କରାଯିବ। ଏଥିରେ ଲୋକଙ୍କ ପଞ୍ଜୀକରଣ, ଦସ୍ତାବିଜ ଯାଞ୍ଚ, ତଥ୍ୟ ସଂଶୋଧନ, ଇ-କେୱାଇସି ବିଭିନ୍ନ ଯୋଜନାରେ ସାମିଲ ହେବାର ସୁବିଧା ଉପଲବ୍ଧ ହେବ। ଜନସାଧାରଣଙ୍କ ଅଭିଯୋଗ ଓ ପ୍ରସ୍ତାବ ଗ୍ରହଣ ପାଇଁ ସ୍ୱତନ୍ତ୍ର 'ଗ୍ରୀଭାନ୍ସ କଲେକ୍ସନ ବକ୍ସ' ମଧ୍ୟ ରଖାଯିବ।

ଦ୍ୱିତୀୟ ଦିନରେ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନାର ସୁବିଧା ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ ➪ପୃଷ୍ଠା-୬

### ପିଲାଙ୍କ ପାଠ୍ୟବହିରେ ମାଳମାଳ ତ୍ରୁଟି

## ତନାଘନା ଆରମ୍ଭ କଲା ଉଚ୍ଚସ୍ତରୀୟ କମିଟି

- ହାତ ଟେକିଦେଲା ଶିକ୍ଷା ନିର୍ଦ୍ଦେଶାଳୟ ଓ ଏସସିଇଆରଟି
- ପରିଷଦ ନିର୍ଦ୍ଦେଶକ ପଦବୀକୁ ନେଇ ଉଠିଲା ପ୍ରଶ୍ନ




ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିରେ ତ୍ରୁଟିକୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟି ତନାଘନା ଆରମ୍ଭ କରିଛି। ବହି ଲେଖାଠାରୁ ଆରମ୍ଭ କରି ଛପାଯିବା ପର୍ଯ୍ୟନ୍ତ କେଉଁ କେଉଁ ଅଧିକାରୀ ଓ ବିଶେଷଜ୍ଞ ସମ୍ପୃକ୍ତ ଥିଲେ ଏବଂ କେଉଁ ସ୍ତରରେ ତ୍ରୁଟି ହୋଇଛି, ତାକୁ ନେଇ କମିଟି ଯାଞ୍ଚ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଉନ୍ନୟନ କମିଶନର ଦେଓ ରଞ୍ଜନ ସିଂଙ୍କ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ଏବଂ ସାଧାରଣ ପ୍ରଶାସନ ବିଭାଗର ଉପସଚିବ ସ୍ମିତା ପାଣି ଟିକନିଖି ଅନୁଧ୍ୟାନ କରୁଛନ୍ତି। ପ୍ରକାଶନ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ତଦନ୍ତର ସମ୍ମୁଖୀନ ହେବେ। ଉଚ୍ଚସ୍ତରୀୟ କମିଟି ୭ ଦିନ ମଧ୍ୟରେ ତଦନ୍ତ କରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବ। ତେବେ ପାଠ୍ୟପୁସ୍ତକରେ ତ୍ରୁଟିର କାରଣ ଖୋଜା ➪ପୃଷ୍ଠା-୬

## ଏଇଇଙ୍କ ନାଁରେ ୩୨ ପ୍ଲଟ୍ ଓ ୨ ଫାର୍ମ ହାଉସ



**ଭିଜିଲାନ୍ସ ଅଧିକାରୀ ତାଟକା**

ଜୟପୁର,୧୯।୬(ସଂଚାର ବ୍ୟୁରୋ): କୋଟପାଡ଼ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ)ଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ଭିଜିଲାନ୍ସ ଅଧିକାରୀମାନେ ଯାହାସବୁ ଠାବ କରିଛନ୍ତି, ସେଥିରେ ସେମାନେ ତାଟକା ହୋଇଯାଇଛନ୍ତି। କାରଣ ଏଇଇ ସତ୍ୟନାରାୟଣ ସେଠୀଙ୍କ ନାଁରେ ରହିଛି ୩୨ଟି ଦାମୀ ପ୍ଲଟ୍। ଏଥିସହ ତାଙ୍କର ଦୁଇଟି ସୁବିଶାଳ ଫାର୍ମ ହାଉସ୍ ମଧ୍ୟ ରହିଥିବା ଚଢ଼ାଉ ସମୟରେ ଠାବ କରାଯାଇଛି। ଶ୍ରୀ ସେଠୀ କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ୍‌ରେ କାର୍ଯ୍ୟରତ ଅଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ସର୍ଚ୍ଚ ଅପରେସନ୍ ସମୟରେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି।

ଆଜି ସକାଳୁ ଭିଜିଲାନ୍ସର ଏକାଧିକ ଟିମ୍ ଶ୍ରୀ ସେଠୀଙ୍କ ସହ ଜଡ଼ିତ ଜୟପୁର ସମେତ କୋରାପୁଟ, ଖୋର୍ଦ୍ଧା ଓ କେନ୍ଦ୍ରାପଡାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରଖିଛନ୍ତି। ଏଥିରେ କୋରାପୁଟସ୍ଥିତ ଅଫିସ୍, ଜୟପୁରସ୍ଥିତ ସରକାରୀ କ୍ୱାର୍ଟର୍ସ, ଜୟପୁର ପାରାବେଡ଼ାସ୍ଥିତ ଭଡ଼ା ଘର, କୋରାପୁଟ ବୋରିଗୁମ୍ମାସ୍ଥିତ ୨ଟି ଫାର୍ମ ହାଉସ, ଖୋର୍ଦ୍ଧା ଜଟଣୀ ମାଧିପୁରରେ ଥିବା ଫ୍ଲାଟ୍, କେନ୍ଦ୍ରାପଡ଼ା ଚାନ୍ଦୋଳରେ ଥିବା ➪ପୃଷ୍ଠା-୬

## ବଢ଼ିଲା ଯୁକ୍ତ ୩ ସିଟ୍

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଚଳିତ ଶିକ୍ଷା ବର୍ଷ ପାଇଁ ଯୁକ୍ତ ୩ ସିଟ୍ ସଂଖ୍ୟା ବୃଦ୍ଧି କରିଛି ଉଚ୍ଚଶିକ୍ଷା ବିଭାଗ। ବିଭିନ୍ନ କଲେଜରେ ଯୁକ୍ତ ୩ ପାଠ୍ୟକ୍ରମ ପାଇଁ ମୋଟ୍ ୧୦ ହଜାର ୩୭୨ଟି ସିଟ୍ ବୃଦ୍ଧି କରାଯାଇଛି। ସରକାରୀ କଲେଜରେ ୪୬୮୪ ସିଟ୍ ବଢ଼ାଯାଇଥିବା ବେଳେ ୪୮ ବର୍ଗ ଅନୁଦାନପ୍ରାପ୍ତ କଲେଜରେ ୩୪୧୬ଟି ଓ ୬୬୨ ବର୍ଗ ଅନୁଦାନପ୍ରାପ୍ତ କଲେଜରେ ୧୦୫୬ଟି ସିଟ୍ ବୃଦ୍ଧି କରାଯାଇଛି। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ଜୟପୁର ଓ ସମ୍ବଲପୁରରେ ଅବସ୍ଥାପିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କ ସହ ପିଜି କାଉନସିଲ ଚେୟାରମ୍ୟାନ ଓ ଅଧ୍ୟକ୍ଷମାନଙ୍କୁ ପଠାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଅନେକ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ଯୁକ୍ତ ୩ର ନିର୍ଦ୍ଦିଷ୍ଟ କିଛି ବିଷୟରେ ନାମ ଲେଖାଇବା ପାଇଁ ଶିକ୍ଷାର୍ଥୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ରହିଛି। କିନ୍ତୁ ସେହି ଅନୁସାରେ ଉକ୍ତ ବିଷୟଗୁଡ଼ିକରେ ଯଥେଷ୍ଟ ସିଟ୍ ଉପଲବ୍ଧ ନାହିଁ। ଏହାକୁ ବିଚାରକୁ ନେଇ ସରକାର ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ କିଛି ନିର୍ଦ୍ଦିଷ୍ଟ ବିଷୟ ପାଇଁ କିଛି ଷ୍ଟେଟ୍ ପବ୍ଲିକ ୟୁନିଭର୍ସିଟି, ସରକାରୀ କଲେଜ ଓ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ସିଟ୍ ସଂଖ୍ୟା ବୃଦ୍ଧି କରିଛନ୍ତି। ଏହି ସଂଶୋଧିତ କ୍ଷମତାକୁ ସାମ୍ସ ପୋର୍ଟାଲରେ ଚଳିତ ଶିକ୍ଷା ବର୍ଷ ପାଇଁ ସାମିଲ କରାଯାଇଛି।

## ଜଗା ଦୁଆରେ ମାତିଛନ୍ତି ଦଲାଲ୍: ୧୧ ଗିରଫ

**ଟଙ୍କା ନେଇ ଦର୍ଶନ କରାଉଛନ୍ତି**



ପୁରୀ,୧୯।୬(ସଂଚାର ବ୍ୟୁରୋ): ଜଗା ଦୁଆରେ ମାତିଛନ୍ତି ଦଲାଲ୍। ଟଙ୍କା ନେଇ ଶ୍ରୀମନ୍ଦିର ଭିତରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରାଉଛନ୍ତି। ଏହିପରି ୧୧ ଜଣ ଦଲାଲ୍‌ଙ୍କୁ ଗତ ୫ ଦିନ ଭିତରେ ଗିରଫ କରାଯାଇଛି। ଭକ୍ତଙ୍କଠାରୁ ଟଙ୍କା ନେଇ ମହାପ୍ରଭୁଙ୍କ ଦର୍ଶନ କରାଇବା ଅଭିଯୋଗରେ ୧୧ ଜଣ ନକଲି ଗୁମାସ୍ତାଙ୍କୁ ଗିରଫ କରାଯାଇଛି। ସିସିଟିଭି ଫୁଟେଜ ଅନୁଧ୍ୟାନ, ତଥ୍ୟ ଓ ପ୍ରମାଣ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କ ସହ ଶ୍ରୀମନ୍ଦିରର କୌଣସି ସେବାୟତ କି ଅନ୍ୟ କାହାର ସମ୍ପୃକ୍ତି ଅଛି, ତାହା ଜାଣିବା ସକାଶେ ଅଧିକ ତଦନ୍ତ କରାଯାଉଛି ବୋଲି ପୁରୀ ଏସପି ପ୍ରତୀକ ସିଂହ କହିଛନ୍ତି। ଶ୍ରୀମନ୍ଦିରରେ ଦଲାଲ୍‌ମାନେ ସକ୍ରିୟ ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗତ କିଛିଦିନ ହେଲା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସିଂହଦ୍ୱାର ପୁଲିସ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ପୁଲିସ ୫ ଜଣ ନକଲି ଯାତ୍ରୀ ଗୁମାସ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଆଜି ପୁଲିସ ୩ ଜଣ ନକଲି ଯାତ୍ରୀ ଗୁମାସ୍ତାଙ୍କୁ ଗିରଫ କରିଛି। ଆଜି ଗିରଫ ହୋଇଥିବା ଗୁମାସ୍ତାଙ୍କଠାରୁ ନଗଦ ୨୬୨୦ ଟଙ୍କା ଓ ୩ଟି ମୋବାଇଲ ଜବତ କରାଯାଇଛି।

ପୁରୀକୁ ପ୍ରତିଦିନ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ➪ପୃଷ୍ଠା-୬

## ଯୁଦ୍ଧବିରତି ଲାଗି ଇସ୍ରାଏଲ ଓ ହିଜବୁଲ୍ଲା ରାଜି

ୱାଶିଂଟନ୍,୧୯।୬:ଇସ୍ରାଏଲ୍ ଓ ଇରାନ୍ ସମର୍ଥିତ ବିଦ୍ରୋହୀ ସଂଗଠନ ହିଜବୁଲ୍ଲା ଶୁକ୍ରବାର ଯୁଦ୍ଧବିରତି କରିବାକୁ ରାଜି ହୋଇଛନ୍ତି ବୋଲି ଆମେରିକାର ଜଣେ ଅଧିକାରୀ ଜଣାଇଛନ୍ତି। ଲେବାନନରେ ଇସ୍ରାଲର ସେନା ପକ୍ଷରୁ ଜୋରଦାର ଆକ୍ରମଣ କରାଯିବା ଘଟଣା ମଧ୍ୟପ୍ରାଚ୍ୟ ଯୁଦ୍ଧ ଶେଷ ପାଇଁ ଇରାନ୍-ଆମେରିକା ବୁଧବାର ବିଳମ୍ବିତ ରାତ୍ରିରେ କରିଥିବା ଶାନ୍ତିଚୁକ୍ତିକୁ ପୁଣିଥରେ ଅନିଶ୍ଚିତତା ଭିତରକୁ ଠେଲିଦେବାର ଆଶଙ୍କା ରହିଥିବାରୁ ଉଭୟ ଇସ୍ରାଏଲ୍ ଓ ହିଜବୁଲ୍ଲା ଏଭଳି ନିଷ୍ପତ୍ତି ନେଇଛନ୍ତି। ଇସ୍ରାଏଲ୍‌ର ଜଣେ ବରିଷ୍ଠ ଅଧିକାରୀ ଓ ହିଜବୁଲ୍ଲାର ଦୁଇଜଣ ସଦସ୍ୟ ରଏଟର୍ସ ନିକଟରେ ଏହି ଯୁଦ୍ଧବିରତି ଖବରକୁ ପୁଷ୍ଟି କରିଛନ୍ତି। ଯଦି ହିଜବୁଲ୍ଲା ଆମ ଉପରେ ଆକ୍ରମଣ ନକରେ ତା'ହେଲେ ଆମ ପାଇଁ ମଧ୍ୟ ଏହା ଯୁଦ୍ଧର ସମୟ ନୁହେଁ ବୋଲି ଇସ୍ରାଏଲର ଅଧିକାରୀ ରଏଟର୍ସକୁ କହିଛନ୍ତି।

## ଖାତକୁ ଖସିଲା ଗାଡ଼ି, ୫ ମୃତ

ଚମ୍ପାୱତ୍,୧୯।୬:ଉତ୍ତରାଖଣ୍ଡର ଚମ୍ପାୱତ୍ ଅନ୍ତର୍ଗତ ବାରାକୋଟ ନିକଟବର୍ତ୍ତୀ ବାପ୍ରୁ-ବନ୍ତୋଳି ରାସ୍ତାରେ ଶୁକ୍ରବାର ଗୋଟିଏ ଗାଡ଼ି ୨୦୦ ମିଟର ବିଶିଷ୍ଟ ଏକ ଗଭୀର ଖାତ ଭିତରକୁ ଖସି ପଡ଼ିବା ଫଳରେ ୫ ଜଣଙ୍କ ମୃତ୍ୟୁ ହୋଇଛି ଓ ତିନିଜଣ ଆହତ ହୋଇଛନ୍ତି। ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀର ସୂଚନା ଅନୁଯାୟୀ, ଗୋଟିଏ ଗାଡ଼ି ଖାତକୁ ଖସି ପଡ଼ିଥିବା ଖବର ପାଇଁ ଏସଡିଆରଏଫ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଗାଡ଼ିଟି ଜଳୁଥିବା ଦେଖିଥିଲେ। ଅଧିକାରୀମାନେ କହିଛନ୍ତି, ଗାଡ଼ିରେ ମୋଟ ପାଞ୍ଚ ଜଣ ଯାତ୍ରା କରୁଥିଲେ। ଉଦ୍ଧାରକାରୀ ଦଳ ୩ ଗୁରୁତରଙ୍କୁ ଉଦ୍ଧାରକରି ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ।

## ନକଲି ନିଟ୍-ୟୁଜି ପ୍ରଶ୍ନପତ୍ର ବିକ୍ରି, ଛାତ୍ର ଗିରଫ

ଜୟପୁର,୧୯।୬: ନିଟ୍-ୟୁଜି ପୁନଃପରୀକ୍ଷା ଦିନଟିଏ ବାକି ଥିବା ବେଳେ ନକଲି ନିଟ୍-ୟୁଜି ପ୍ରଶ୍ନପତ୍ର ବିକ୍ରି କରିବା ଅଭିଯୋଗରେ ଅକାଶ ଚୌଧୁରୀ ନାମକ ୧୯ ବର୍ଷୀୟ ଛାତ୍ରକୁ ଗିରଫ୍ କରାଯାଇଛି। ଅଭିଯୁକ୍ତ ପ୍ରଶ୍ନପତ୍ର ବିକ୍ରି କରିବା ପାଇଁ ଟେଲିଗ୍ରାମ୍ ଚ୍ୟାନେଲକୁ ବ୍ୟବହାର କରୁଥିବା ବେଳେ ଆମେରିକା ସ୍ଥିତ ଏକ ଭିପିଏନ୍ ଓ ପ୍ରକ୍ସି ନେଟୱର୍କ ବ୍ୟବହାର କରି ନିଜର ପରିଚୟ ଗୋପନ କରିବାକୁ ଚେଷ୍ଟା କରିଥିଲା। ପରୀକ୍ଷା ଆଶାୟୀଙ୍କଠାରୁ ଅଭିଯୁକ୍ତ ପ୍ରଶ୍ନପତ୍ର ପିଛା ୪ ହଜାର ଟଙ୍କା ଆଦାୟ କରୁଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।



**କାନ ଡେରିଥା**

ମାଗଣା ଶିକ୍ଷାରେ ଭୁଲ
ହେଇଗଲେ
ଟିକିଏ ସମ୍ଭାଳି ନେବ
ମାଗଣା ଚାଉଳ ସରକାର
ଦେଲେ
ଗୋଡ଼ି ତ ନିଶ୍ଚେ ରହିବ
ଆଡ଼ଜଷ୍ଟ କରିଦେବ...
ମାଗଣା ଜିନିଷେ ତ୍ରୁଟି ଟିକେ ରୁହେ
କଥାଟି ମନେ ରଖିବ ।

ଦେବାଶିଷ

# ଏନଡିଏ ହାତରେ ସୁପର ମ୍ୟାଜିକ୍ ନମ୍ବର

- ଆସନ୍ତା ଅଧିବେଶନରେ ସମ୍ବିଧାନ ସଂଶୋଧନ ବିଲ୍
- ଭାଙ୍ଗିବ ବିରୋଧୀ ମେଣ୍ଟ, ବଢ଼ିବ ଆସନ ସଂଖ୍ୟା



ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଆସନ୍ତା ଜୁଲାଇ ତୃତୀୟ ସପ୍ତାହରୁ ଆରମ୍ଭ ହେବାକୁ ଯାଉଛି ସଂସଦର ମୌସୁମୀ ଅଧିବେଶନ। ଏହି ଅଧିବେଶନରେ ଏନଡିଏ ସରକାର ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ଯାଉଛି। ସେ ମଧ୍ୟରୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ମହିଳା ସଂରକ୍ଷଣ ସହ ସମ୍ବିଧାନ ସଂଶୋଧନ ବିଲ୍। ଅର୍ଥାତ ମହିଳା ସଂରକ୍ଷଣ ବିଲ୍ ଲାଗୁ କରିବାକୁ ସୀମା ପୁନଃନିର୍ଦ୍ଧାରଣ ପାଇଁ ମୋଦି ସରକାରଙ୍କ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସମ୍ବିଧାନ ସଂଶୋଧନ ପାଇଁ ଗତ ଅଧିବେଶନରେ ଏନ୍‌ଡିଏକୁ ୫୪୩ ଆସନ ବିଶିଷ୍ଟ ଲୋକସଭାରେ ଦୁଇ-ତୃତୀୟାଂଶ ଅର୍ଥାତ ୩୬୨ ସାଂସଦଙ୍କ ସମର୍ଥନ ମିଳି ନ ଥିଲା। ଏଥର କିନ୍ତୁ ମୋଦି-ଶାହ ଯୋଡ଼ି ସୁପର ମ୍ୟାଜିକ ନମ୍ବର ଛୁଇଁବା ଏକପ୍ରକାର ନିଶ୍ଚିତି ହୋଇଗଲାଣି।

ଟିଏମସିର ୨୦ ଜଣ ସାଂସଦ ଏନସିପିଆଇରେ ବିଲୟ ହେବା ପରେ ବିଜେପିର ୨୪୦ ସାଂସଦଙ୍କ ସହ ସଂସଦରେ ଏନଡିଏର ସଂଖ୍ୟା ୩୧୩ରେ ପହଞ୍ଚିଛି। ସେହିପରି ମହାରାଷ୍ଟ୍ରରେ ଚାଲିଥିବା 'ଅପରେସନ ଟାଇଗର' ସଫଳ ହୋଇଥିବାରୁ ଉଦ୍ଧବ ସେନାର ୬ ଜଣ ସାଂସଦ ବିଜେପିକୁ ସମର୍ଥନ ଦେବେ। ଏହି ସଂଖ୍ୟା ୭ ମଧ୍ୟ ହୋଇପାରେ। ଏଥିସହ ବିଜେପିକୁ ଶିରୋମଣୀ ଅକାଳୀ ଦଳର ଜଣେ, ମିଜୋରାମର ଜୋରାମ ପିପୁଲ୍ସ ମୁଭମେଣ୍ଟ (ଜେଡପିଏମ) ପାର୍ଟିର ଜଣେ ସାଂସଦ ଓ ୩ ସ୍ୱାଧୀନ ସାଂସଦଙ୍କ ସମର୍ଥନ ଦ୍ୱାରା ସଂସଦରେ ଏନଡିଏର ଶକ୍ତି ୩୨୪ରେ ପହଞ୍ଚିବ। ସେହିଭଳି ଖୁବ୍‌ଶୀଘ୍ର ୩୭ ସାଂସଦ ବିଶିଷ୍ଟ ସମାଜବାଦୀ ପାର୍ଟିର ସଂସଦୀୟ ଦଳରେ ବିଭାଜନ ହେବ ସହ ଦୁଇ-ତୃତୀୟାଂଶ ଅର୍ଥାତ ୨୫ ଜଣ ସାଂସଦ ଓ ଶରଦ ପାୱାର ଏନସିପିର ୮ ସାଂସଦଙ୍କ ମଧ୍ୟରୁ ୬ ଜଣ ଏନଡିଏ ସହ ହାତ ମିଳାଇବାକୁ ଯାଉଛନ୍ତି। ଅପରେସନ ଟାଇଗରର ଏହି ସଫଳତା ପରେ ସଂସଦରେ ଏନଡିଏ ଶକ୍ତି ୩୫୫ ଛୁଇଁବ।

ସେପଟେ ଡିଏମକେର ୨୨, ୱାଇଏସଆର କଂଗ୍ରେସ ପାର୍ଟିର ୪ ଜଣ ଓ ଜେଏମଏମର ୩ ଜଣ ସାଂସଦ ମଧ୍ୟ ବିଜେପି ସହ ଯୋଗାଯୋଗରେ ଅଛନ୍ତି। ଏହି ତିନି ଦଳ ସଂସଦରେ ବିଜେପିକୁ ସିଧାସଳଖ ସମର୍ଥନ ଦିଅନ୍ତି, ତେବେ ଏନଡିଏର ଶକ୍ତି ୩୮୪ ଅର୍ଥାତ ସୁପର ମ୍ୟାଜିକ ନମ୍ବର ୩୬୨ ଅତିକ୍ରମ କରିବ। ଯଦି ବିଜେପିକୁ ଏହି ୩ ଦଳ ସିଧାସଳଖ ସମର୍ଥନ ନ କରି ପରୋକ୍ଷରେ ଭୋଟ ବର୍ଜନ କରିବେ କିମ୍ବା କକ୍ଷତ୍ୟାଗ କରନ୍ତି, ତେବେ ସୁପର ମ୍ୟାଜିକ ନମ୍ବର ୩୩୭କୁ ହ୍ରାସ ପାଇବ। ଆଉ ଏହି ଅଙ୍କ ମଧ୍ୟ ଏନଡିଏ ହାତେଇସାରିଲାଣି। ଜାତୀୟ ରାଜନୀତିରେ ➪ପୃଷ୍ଠା-୬

# ସିନ୍ଧୁ ଜଳଚୁକ୍ତିକୁ ନେଇ ଭାରତ-ପାକ୍ ବୟାନବାଜି



ସିନ୍ଧୁନଦୀର ଜଳ ବଣ୍ଟନକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ପୁଣିଥରେ ବୟାନବାଜି ଆରମ୍ଭ ହୋଇଛି। ୧୯୬୦ ମସହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ସିନ୍ଧୁନଦୀର ଜଳ ବଣ୍ଟନ କରିବାକୁ ନେଇ ଦୁଇଦେଶ ମଧ୍ୟରେ ପ୍ରଥମଥର ପାଇଁ ଏକ ଚୁକ୍ତି ହୋଇଥିଲା। ତେବେ ୨୦୨୫ରେ ପାକ୍ ପ୍ରୋତ୍ସାହିତ ଆତଙ୍କବାଦୀମାନେ ଭାରତରେ ପ୍ରବେଶ କରି ପହଲଗାମ ବୁଲିବାକୁ ଯାଇଥିବା ପର୍ଯ୍ୟଟକମାନଙ୍କୁ ଧର୍ମ ପଚାରି ଗୁଳିକରିବା ପରେ ଭାରତ ସିନ୍ଧୁଚୁକ୍ତିକୁ ସ୍ଥଗିତ କରିଦେଇଥିଲା। ଫଳରେ ପାକିସ୍ତାନରେ ଜଳସଂକଟ ହେବା ସହିତ ଏହାର ଅର୍ଥବ୍ୟବସ୍ଥା ମଧ୍ୟରେ ଗଭୀର ଭାବରେ ପ୍ରଭାବିତ ହୋଇଛି।

## ପାଣିରୁ ବଞ୍ଚିତ କଲେ ପାକିସ୍ତାନ ଜବାବ ଦେବ

ଇସ୍‌ଲାମାବାଦ,୧୯ା୬: ସିନ୍ଧୁ ଜଳଚୁକ୍ତିକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ପୁଣିଥରେ ବୟାନ୍‌ବାଜି ଆରମ୍ଭ ହୋଇଛି। ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ଅଧ୍ୟକ୍ଷ ବିଲାୱଲ ଭୋଜ୍ଟୁ-ଜର୍ଦ୍ଦାରି କହିଛନ୍ତି ଯେ, ଯଦି ନୂଆଦିଲ୍ଲୀ ପାକିସ୍ତାନକୁ ସିନ୍ଧୁଜଳ ଯୋଗାଣ ଉପରେ ପ୍ରତିବନ୍ଧକ ଲଗାଏ ତା'ହେଲେ ଇସଲାମାବାଦ ଏହାର ଜବାବ ଦେବାକୁ ପ୍ରସ୍ତୁତ ଅଛି। ପାକିସ୍ତାନକୁ ଭାରତ ତା'ର ନ୍ୟାଯ୍ୟ ପାଣିର ଭାଗ ପାଇବାରୁ ବଞ୍ଚିତ କରୁଛି ବୋଲି ପାକିସ୍ତାନ ସଂସଦରେ ନିଜର ବକ୍ତବ୍ୟ ରଖି ବିଲାୱଲ୍ ଅଭିଯୋଗ କରିଛନ୍ତି। ତେବେ ସିନ୍ଧୁ ନଦୀର ପାଣିରେ ପାକିସ୍ତାନର ଯେତିକି ଅଧିକାର ରହିଛି ତାହାକୁ ପାଇବା ନେଇ ଇସଲାମାବାଦ କୌଣସି ସାଲିସ୍ କରିବ ନାହିଁ। ପାକିସ୍ତାନ ତା'ର ଜଳର ଭାଗ ଓ ଅଧିକାର ହାସଲ କରିବାକୁ ଆବଶ୍ୟକ ହେଲେ ଲଢ଼େଇ କରିବ। ଏଥିସହିତ ସିନ୍ଧୁନଦୀର ପ୍ରବାହ ବନ୍ଦ କରିବାକୁ ନେଇ କୌଣସି ବି ପଦକ୍ଷେପ ନିଆଗଲେ ପାକିସ୍ତାନ ତା'ର ଜବାବ ଦେବ ବୋଲି ବିଲାୱଲ ସତର୍କ କରାଇ ଦେଇଛନ୍ତି। ୨୦୨୫ରେ ଜାମ୍ମୁ-କାଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଓ ଦୁଇଦେଶ ମଧ୍ୟରେ ତତ୍‌ପରବର୍ତ୍ତୀ କୂଟନୈତିକ ସମ୍ପର୍କରେ ପତନ ଘଟିବା ପରେ ଭାରତ ସିନ୍ଧୁ ଚୁକ୍ତିନାମାକୁ ସ୍ଥଗିତ ରଖିବାକୁ ନେଇ ଦୁଇଦେଶ ମଧ୍ୟରେ ଉତ୍ତେଜନା ଲାଗି ରହିଥିବା ପରିପ୍ରେକ୍ଷୀରେ ବିଲାୱଲଙ୍କଠାରୁ ଏଭଳି ମନ୍ତବ୍ୟ ଆସିଛି। ସୂଚନାଯୋଗ୍ୟ ଯେ,



୧୯୬୦ ମସହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ସିନ୍ଧୁନଦୀର ଜଳବଣ୍ଟନକୁ ନେଇ ବୁଝାମଣା ହୋଇଥିଲା। ତେବେ ପହଲଗାମ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ବଣ୍ଟନ ଉପରେ ପ୍ରତିବନ୍ଧକ ଲଗାଇବା ପରେ ପାକିସ୍ତାନରେ ଜଳସଂକଟ ସୃଷ୍ଟି ହେବା ସହିତ ଦୁଇଦେଶ ମଧ୍ୟରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିଛି।

## ପାକିସ୍ତାନ ଏକ ଫ୍ରାଙ୍କଷ୍ଟିନ୍ ଷ୍ଟେଟ୍

ଜାତିସଂଘରେ ପାକିସ୍ତାନ ଜାମ୍ମୁ-କାଶ୍ମୀର ପ୍ରସଙ୍ଗ ଉଠାଇବା ପରେ ଭାରତ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଜାତିସଂଘରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ଅନୁପମା ସିଂହ ଉତ୍ତର ଦେବାର ଅଧିକାର ବା ରାଇଟ୍ ଟୁ ରିପ୍ଲାଏ ବ୍ୟବହାର କରି କହିଛନ୍ତି ଯେ, ପାକିସ୍ତାନ ଏକ 'ଫ୍ରାଙ୍କଷ୍ଟିନ୍ ଷ୍ଟେଟ'। ପାକିସ୍ତାନ ନିଜେ ଆତଙ୍କବାଦୀଙ୍କୁ ପାଳୁଛି, ପ୍ରଶିକ୍ଷଣ ଦେଉଛି ଓ ପୁଣି ଯେତେବେଳେ ସେହି ଆତଙ୍କବାଦୀ ତା' ବିରୋଧରେ ଛିଡ଼ା ହେଉଛନ୍ତି, ସେ ନିଜକୁ ଆତଙ୍କବାଦର ଶିକାର ବୋଲି କହୁଛି। ଜାମ୍ମୁ-କାଶ୍ମୀର ଭାରତର ଅଭିନ୍ନ ଅଙ୍ଗ ଥିଲା, ରହିଛି ଓ ସର୍ବଦା ରହିବ ବୋଲି ଅନୁପମା ସ୍ପଷ୍ଟ କରିଦେଇଛନ୍ତି। ଅନୁପମା କହିଛନ୍ତି ଯେ, ରାୱଲକୋଟ ସମେତ କେତେକ ସ୍ଥାନରେ ଯେଉଁ ସ୍ଥିତି ଉପୁଜିଛି, ତାହା ହଠାତ୍ ଉତ୍ପନ୍ନ ହୋଇନାହିଁ। ସେଠାରେ ଲୋକଙ୍କ ସ୍ୱର ଚାପିବାକୁ ଚେଷ୍ଟା କରାଯାଉଛି। ଫଳରେ ସାଧାରଣ ଲୋକ ରାସ୍ତାକୁ ଓହ୍ଲାଉଛନ୍ତି।



## ସିନ୍ଧୁ ଜଳଚୁକ୍ତି ବଦଳିବାର ସମୟ ଆସିଛି: ଭାରତ

ନ୍ୟୁୟର୍କ, ୧୯ା୬: ସିନ୍ଧୁ ଜଳଚୁକ୍ତି ନେଇ ଭାରତ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଛି। ଭାରତ କହିଛି ଯେ, ୧୯୬୦ରେ ହୋଇଥିବା ସିନ୍ଧୁ ଜଳଚୁକ୍ତିକୁ ଆଜିର ସ୍ଥିତିଠାରୁ ଅଲଗା କରି ଦେଖି ହେବନାହିଁ। ଗତ ଛଅ ଦଶନ୍ଧି ହେଲା ବିଶ୍ୱ, ବୈଷୟିକ ଜ୍ଞାନ, ଜନସଂଖ୍ୟା ଓ ସୁରକ୍ଷା ଚାଲେଞ୍ଜ ବଦଳି ଯାଇଛି। ଏପରିସ୍ଥିତିରେ କୌଣସି ବୈଷୟିକ ବ୍ୟବସ୍ଥାକୁ ବିନା ସମୀକ୍ଷାରେ ସବୁ ଦିନ ପାଇଁ ଲାଗୁ କରିହେବ ନାହିଁ। ଜାତିସଂଘ ମାନବାଧିକାର ପରିଷଦର ବୈଠକ (ୟୁଏନଏଚଆରସି)ର ୬୨ ତମ ବୈଠକରେ ଭାରତର ପ୍ରତିନିଧି ଅନୁପମା ସିଂ କହିଛନ୍ତି ଯେ, ପାକିସ୍ତାନ ଭାରତ ଉପରେ ଯେଉଁ ଅଭିଯୋଗ ଲଗାଉଛି ତାହା ଭିତ୍ତିହୀନ। ପାକିସ୍ତାନ ବାରମ୍ବାର ଦ୍ୱିପାକ୍ଷିକ ପ୍ରସଙ୍ଗକୁ ଅନ୍ତର୍ଜାତୀୟ ମଞ୍ଚରେ ଉଠାଇ ଅଯଥା ସମୟ ନଷ୍ଟ କରୁଛି। ଏସବୁ ନକରି ପାକ୍ ନିଜ ଦେଶରେ ବଢୁଥିବା ଆତଙ୍କବାଦ ଉପରେ ଧ୍ୟାନ ଦେଲେ ଭଲ ହେବ। ସେ କହିଛନ୍ତି ଯେ, ସିନ୍ଧୁ ଜଳଚୁକ୍ତିକୁ ନେଇ ଭାରତର ଆଭିମୁଖ୍ୟ ସ୍ପଷ୍ଟ ରହିଛି। ପୂର୍ବରୁ ଯେଉଁ ଚୁକ୍ତି ହୋଇଥିଲା ତାହା ବର୍ତ୍ତମାନର ସମୟକୁ ନଜରରେ ରଖି ହୋଇନାହିଁ। ୧୯୬୦ରେ ହୋଇଥିବା ଏହି ଚୁକ୍ତିକୁ ଦେଖିଲେ ଏବେକାର ସ୍ଥିତି ଭିନ୍ନ ରହିଛି।

## ରାଞ୍ଚି ଆକ୍ରମଣ ପଛରେ ପାକିସ୍ତାନର ଷଡ଼ଯନ୍ତ୍ର



ରାଞ୍ଚି,୧୯ା୬: ନିକଟରେ ଝାଡ଼ଖଣ୍ଡର ରାଞ୍ଚି ସ୍ଥିତ ଆରଏସଏସ୍ କାର୍ଯ୍ୟାଳୟ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଏକ ବଡ଼ ଖୁଲାସା ହୋଇଛି। ଗିରଫ ହୋଇଥିବା ୩ ଜଣ ଅଭିଯୁକ୍ତଙ୍କର ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଦ୍ୱାରା ପରିଚାଳିତ ଏବଂ ଫଣ୍ଡେଡ୍ ସଂଗଠନ ତେହେରିକ୍-ଇ-ତାଲିବାନ୍ ହିନ୍ଦୁସ୍ତାନ (ଟିଟିଏଚ୍)ସହ ସମ୍ପର୍କ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଶୁକ୍ରବାର ଏଏନ୍ଆଇର ରିପୋର୍ଟରୁ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗିରଫ ହୋଇଥିବା ତିନିଜଣ ଯାକ ଅଭିଯୁକ୍ତ ବୋଟିମ୍ ଏବଂ ହ୍ୱାଟ୍ସଆପ୍ ଭଳି ଏନକ୍ରିପ୍ଟେଡ୍ ମେସେଜିଂ ଆପ୍ ମାଧ୍ୟମରେ ସେମାନଙ୍କର ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ସହ କ୍ରମାଗତ ଭାବେ ଯୋଗାଯୋଗରେ ଥିଲେ। ଆରଏସଏସ୍ ଅଫିସ୍ ଉପରକୁ ପେଟ୍ରୋଲ ବୋମା ଫିଙ୍ଗିବା ସମୟରେ ଅଭିଯୁକ୍ତମାନେ ନିଜ ମୋବାଇଲ୍ ଫୋନ୍‌ରେ ପୁରା ଘଟଣାର ଭିଡିଓ ରେକର୍ଡିଂ କରିଥିଲେ। ପରେ ସେମାନେ ଏହି ଭିଡିଓ ଫୁଟେଜ୍‌କୁ ନିଜ ହ୍ୟାଣ୍ଡଲରଙ୍କ ନିକଟକୁ ପଠାଇଥିଲେ ବୋଲି ଏଏନଆଇ ସୂତ୍ରରୁ ଦାବି କରାଯାଇଛି।

## ଜି-୭ ସମ୍ମିଳନୀରେ ମେଲୋନୀଙ୍କ ଝିଅ



ପ୍ୟାରିସ,୧୯ା୬: ଫ୍ରାନ୍ସରେ ଆୟୋଜିତ ଜି-୭ ସମ୍ମିଳନୀରେ ବିଶ୍ୱର ଅନେକ ଟପ୍ ନେତା ସାମିଲ ହୋଇଥିଲେ ମଧ୍ୟ ସମସ୍ତଙ୍କର ଦୃଷ୍ଟିର କେନ୍ଦ୍ରରେ ଥିଲେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ୧୦ ବର୍ଷର ଝିଅ ଜିନେଭ୍ରା ଜିୟାମ୍ବ୍ରୁନା। ଜିନେଭ୍ରାଙ୍କ ଅନେକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଜିନେଭ୍ରା ନିଜ ମାଆ ମେଲୋନୀଙ୍କ ସହ ସମ୍ମିଳନୀରେ ପହଞ୍ଚିଥିଲେ। ତାଙ୍କ କାର୍ଯ୍ୟକଳାପ ସମସ୍ତଙ୍କ ମନ ଜିତି ନେଇଥିଲା। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ, ଯେତେବେଳେ ଟପ୍ ନେତାଙ୍କୁ ସ୍ୱାଗତ କରିବା ସମୟରେ ଫଟୋଗ୍ରାଫର୍‌ମାନେ ଏକାଠି ହୋଇଥିଲେ ସେତେବେଳେ ଜିନେଭ୍ରା ଲାଜେଇ ଯାଉଥିଲେ। ଏହାସହ ସେ ସଦାବେଳେ ମାଆ ମେଲୋନୀଙ୍କ ହାତ ଧରି ରହୁଥିଲେ। କ୍ୟାମେରାକୁ ଦେଖି ଲୁଚି ଯାଉଥିଲେ। ଗଣମାଧ୍ୟମରୁ ସମ୍ପୂର୍ଣ୍ଣ ଭାବେ ଦୂରତା ବଜାୟ ରଖୁଥିଲେ। ଯେତେବେଳେ ମେଲୋନୀ ଅନ୍ୟ ଅଧିକାରୀ ଓ ନେତାଙ୍କୁ ଭେଟୁଥିଲେ ସେହି ସମୟରେ ଝିଅ ତାଙ୍କ ପଛରୁ ଲୁଚି ରହୁଥିଲେ।

## ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇ ୨ ଗିରଫ



ଶ୍ରୀନଗର, ୧୯ା୬: ଦେଶବିରୋଧୀ କାର୍ଯ୍ୟକଳାପ ବିରୋଧରେ ନିଜର'ଜିରୋ-ଟଲରାନ୍ସ' (ଶୂନ୍ୟ ସହନଶୀଳତା) ନୀତିକୁ ଆହୁରି ଦୃଢ଼ କରି ଜମ୍ମୁ-କାଶ୍ମୀର ପୋଲିସ ଏକ ବଡ଼ ସଫଳତା ହାସଲ କରିଛି। କିସ୍ତୱାର ଜିଲ୍ଲାରେ ଆତଙ୍କବାଦୀଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀ ଯୋଗାଇବା ଏବଂ ସହାୟତା ପ୍ରଦାନ କରିବା ଅଭିଯୋଗରେ ଜଣେ ସରକାରୀ ବନ ବିଭାଗ କର୍ମଚାରୀଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଏହି ଗିରଫଦାରୀକୁ କିସ୍ତୱାର ଅଞ୍ଚଳରେ ସକ୍ରିୟ ଥିବା ଆତଙ୍କବାଦୀଙ୍କ ସହଯୋଗୀ ନେଟୱର୍କକୁ ସମ୍ପୂର୍ଣ୍ଣ ଭାଙ୍ଗିବା ଦିଗରେ ଏକ ପ୍ରମୁଖ ସଫଳତା ଭାବରେ ଦେଖାଯାଉଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ବନ କର୍ମଚାରୀ ତାରିଖ୍ ଅହମ୍ମଦ ଗିନୁ ଅଛନ୍ତି। ଅନ୍ୟ ଜଣେ ଅଭିଯୁକ୍ତ ମହମ୍ମଦ ଇକବାଲ ମଧ୍ୟ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିବା ନେଇ ଅଭିଯୋଗ ହୋଇଛି। ଏହି ଦୁଇ ଜଣ କିସ୍ତୱାର ଜିଲ୍ଲାର ଦଚ୍ଛନ୍ ଅନ୍ତର୍ଗତ ତାନ୍ଦେର ଅଞ୍ଚଳର ବାସିନ୍ଦା। ଏହି ସମ୍ପୂର୍ଣ୍ଣ ଅଞ୍ଚଳଟି ଘଞ୍ଚ ଜଙ୍ଗଲ ଏବଂ ଦୁର୍ଗମ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ, ଆତଙ୍କବାଦୀମାନେ ଏହାର ସୁଯୋଗ ନେଇ ଏଠାରେ ଲୁଚି ରହିବାକୁ ଚେଷ୍ଟା କରନ୍ତି।

## ଇଣ୍ଡିଗୋ ଫ୍ଲାଇଟ୍ ଉପରେ ବଜ୍ରପାତ



କୋଲକାତା, ୧୯ା୬: ଏୟାରପୋର୍ଟରେ ଛିଡ଼ା ହୋଇଥିବା ଏକ ଇଣ୍ଡିଗୋ ବିମାନ ଉପରେ ଶୁକ୍ରବାର ବଜ୍ରପାତ ହୋଇଛି। ଭାରତୀୟ ବିମାନ ଚଳାଚଳ ପ୍ରାଧିକରଣ ଏହି ସୂଚନା ଦେଇଛନ୍ତି। ଏହି ବିମାନଟି ଅଗରତାଲା ଯିବାକୁ ଥିଲା ଓ ଏଥିରେ ଚାଳକ ଦଳ ସଦସ୍ୟ ସମେତ ୧୪୭ ଜଣ ଯାତ୍ରୀ ଥିଲେ। ତେବେ ବିମାନ ଓ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା କୁହାଯାଇଛି। ଏହି ଘଟଣା ଇଣ୍ଡିଗୋ ଫ୍ଲାଇଟ୍ ସଂଖ୍ୟା ୬ଇ୬୦୭୮ରେ ହୋଇଛି। ବିମାନଟି ଏରୋବ୍ରିଜ ୫୬ଏଲ ରେ ଛିଡ଼ା ହୋଇଥିଲା। ଅଧିକାରୀଙ୍କ ଅନୁସାରେ ପ୍ରାକୃତିକ ଦୁର୍ଘଟଣାରେ କୌଣସି ପ୍ରକାର ଧନଜୀବନ ହାନୀ ହୋଇ ନାହିଁ। ତେବେ ସତର୍କତା ସ୍ୱରୂପ ବିମାନରେ ଥିବା ୬ ଚାଳକ ଦଳ ସଦସ୍ୟଙ୍କ ସମେତ ୧୪୭ ଜଣ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯାଇଛି। ପରେ ଯାତ୍ରୀଙ୍କୁ ଅନ୍ୟ ଏକ ବିମାନ ଭିସି-ଆଇସିଡିରେ ବସା ଯାଇଥିଲା ଯାହା ଅଗରତାଲା ଅଭିମୁଖେ ଯାତ୍ରା କରିଛି।

### ଇରାନ୍-ଆମେରିକା ରାଜିନାମାକୁ ଫୁ'

## ଲେବାନନରେ ଇସ୍ରାଏଲର ଭୟଙ୍କର ଆକ୍ରମଣ, ୧୮ ମୃତ

ତେଲ ଆଭିଭ୍, ୧୯ା୬: ନିକଟରେ ସ୍ୱାକ୍ଷରିତ ହୋଇଥିବା ଇରାନ-ଆମେରିକା ଚୁକ୍ତିନାମାରେ ଯୁଦ୍ଧ ବିରତି ପାଇଁ ଆହ୍ୱାନ ଦିଆଯାଇଥିଲେ ମଧ୍ୟ ଇସ୍ରାଏଲ ଏବଂ ହିଜବୁଲ୍ଲା ମଧ୍ୟରେ ସଂଘର୍ଷ ଆହୁରି ତୀବ୍ର ହେବାରେ ଲାଗିଛି। ଦକ୍ଷିଣ ଲେବାନନରେ ଇସ୍ରାଏଲ ପକ୍ଷରୁ କରାଯାଇଥିବା ଭୟାବହ ଏୟାରଷ୍ଟ୍ରାଇକ୍‌ରେ ଅତିକମରେ ୧୮ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି। ଅନ୍ୟପଟେ ହିଜବୁଲ୍ଲାର ଆକ୍ରମଣରେ ଇସ୍ରାଏଲର ୪ ଜଣ ସୈନିକ ପ୍ରାଣ ହରାଇଛନ୍ତି। ଏହି ରକ୍ତାକ୍ତ ସଂଘର୍ଷ ଏପରି ଏକ ସମୟରେ ଘଟିଛି ଯେତେବେଳେ ସୁଇଜରଲ୍ୟାଣ୍ଡରେ ଆମେରିକା ଏବଂ ଇରାନ ମଧ୍ୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥଗିତ ହୋଇଯାଇଛି। ଏହାକୁ ନେଇ ମଧ୍ୟ-ପ୍ରାଚ୍ୟରେ ଶାନ୍ତି ପ୍ରକ୍ରିୟା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଇସ୍ରାଏଲର ୪ ସୈନିକଙ୍କ ମୃତ୍ୟୁ ପରେ ଦେଶର ଜାତୀୟ ସୁରକ୍ଷା ମନ୍ତ୍ରୀ ଇତାମାର ବେନ୍-ଗଭୀର ଅତ୍ୟନ୍ତ କଠୋର ଏବଂ ବିବାଦୀୟ ବ୍ୟକ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ସମ୍ପୂର୍ଣ୍ଣ ଲେବାନନ ଜଳିବା ଉଚିତ୍। ଜଣେ ଇସ୍ରାଏଲୀ ମା'ର ଲୁହ ବଦଳରେ ହଜାରେ ଲେବାନନୀ ମା'ଙ୍କୁ କାନ୍ଦିବାକୁ ପଡ଼ିବ। ଆମେରିକା ପ୍ରତି ସମ୍ମାନ ରହିଛି, କିନ୍ତୁ ଆମ ସନ୍ତାନମାନଙ୍କ ରକ୍ତ ଏବଂ ନାଗରିକଙ୍କ ସୁରକ୍ଷା ସହ କୌଣସି ବୁଝାମଣା କରାଯିବ ନାହିଁ। ଆମର ସର୍ବୋଚ୍ଚ କର୍ତ୍ତବ୍ୟ ହେଉଛି ଆମ ଦେଶ



**ଆମେରିକା ପ୍ରତି ସମ୍ମାନ ଅଛି; କିନ୍ତୁ ନାଗରିକଙ୍କ ସୁରକ୍ଷା ସହ ବୁଝାମଣା କରାଯିବନି**

ଓ ସେନାକୁ ସୁରକ୍ଷା ଦେବା। ମଧ୍ୟ-ପ୍ରାଚ୍ୟରେ ଯୁଦ୍ଧ ଜିତିବାକୁ ହେଲେ ସଂଯମତା ଛାଡ଼ି ସମ୍ପୂର୍ଣ୍ଣ ଆକ୍ରମଣାତ୍ମକ ରୂପ ଧାରଣ କରିବାକୁ ହେବ।' ଇସ୍ରାଏଲ ପ୍ରତିରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି ଯେ, ଲେବାନନର ବେକା ଉପତ୍ୟକା ଏବଂ ଦକ୍ଷିଣାଞ୍ଚଳରେ ହିଜବୁଲ୍ଲାର ଗୁପ୍ତ ଭିତ୍ତିଭୂମିକୁ ଟାର୍ଗେଟ୍ କରି ଏହି ଆକ୍ରମଣ କରାଯାଇଛି। ହିଜବୁଲ୍ଲା ବାରମ୍ବାର ଯୁଦ୍ଧ ବିରତି ନିୟମ ଉଲ୍ଲଂଘନ କରୁଥିବାରୁ ଏବଂ ଇସ୍ରାଏଲ ସୈନିକଙ୍କ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଆଶଙ୍କାରେ ଇରାନ-ଆମେରିକା ଚୁକ୍ତିନାମା

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ନିକଟରେ ୱାଶିଂଟନ ଏବଂ ତେହେରାନ (ଇରାନ) ମଧ୍ୟରେ ହୋଇଥିବା ଚୁକ୍ତିରେ ଇସ୍ରାଏଲ ଓ ଲେବାନନ ମଧ୍ୟରେ ଶତ୍ରୁତା ଶେଷ କରିବାକୁ ପ୍ରାବଧାନ ରହିଥିଲା। ମାତ୍ର ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଓଲଟା ଦେଖାଯାଉଛି। ଇସ୍ରାଏଲ ସ୍ପଷ୍ଟ କରିଛି ଯେ, ଯେପର୍ଯ୍ୟନ୍ତ ହିଜବୁଲ୍ଲା ଉତ୍ତର ଇସ୍ରାଏଲ ଉପରେ ଆକ୍ରମଣ କରିବାର କ୍ଷମତା ରଖିଛି, ସେପର୍ଯ୍ୟନ୍ତ ସାମରିକ ଅପରେସନ ଜାରି ରହିବ। ହିଜବୁଲ୍ଲାକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ନକରିବା ପର୍ଯ୍ୟନ୍ତ ପଛଘୁଞ୍ଚା ଦେବ ନାହିଁ ଇସ୍ରାଏଲ। ଲେବାନନ ପ୍ରଶାସନ ଅଭିଯୋଗ କରିଛି ଯେ, ଇସ୍ରାଏଲର ଏହି ନିରନ୍ତର ଆକ୍ରମଣ ଯୋଗୁଁ ଦେଶର ବହୁ ସାଧାରଣ ନାଗରିକ ପ୍ରାଣ ହରାଉଛନ୍ତି ଏବଂ ବ୍ୟାପକ ସମ୍ପତ୍ତି ନଷ୍ଟ ହେଉଛି। ଚୁକ୍ତିନାମା ଅନୁଯାୟୀ, ଆମେରିକା ଯଦି ଇସ୍ରାଏଲକୁ ରୋକିବାରେ ହସ୍ତକ୍ଷେପ ନକରେ ତା'ହେଲେ ନୂଆଜନ୍ମ ପାଇଥିବା ଶାନ୍ତି ଚୁକ୍ତିନାମା ଅଧିକ ଦିନ ତିଷ୍ଠିବନି ବୋଲି ଆଶଙ୍କା ସୃଷ୍ଟି ହୋଇଛି।

## ୬୨,୩୭୦ ଟନ୍ ଏଲ୍ଏନ୍‌ଜି ଭାରତରେ ପହଞ୍ଚିଲା ଦିଶା

ନୂଆଦିଲ୍ଲୀ,୧୯ା୬: ତେହେରାନ ସହ ପିସ୍ ଡିଲ୍ ସାଇନ ପରେ ଷ୍ଟ୍ରେଟ ଅଫ୍ ହୋର୍ମୁଜରୁ ବ୍ଲକେଡ ହଟାଇଲା ଆମେରିକା। ୬୦ ଦିନ ଅବଧି ଯାଏ ବ୍ଲକେଡ ହଟିବା ନେଇ ଜେଡି ଭାନ୍ସ ସୂଚନା ଦେଇଛନ୍ତି। ଆମେରିକା-ଇରାନ ଶାନ୍ତିଚୁକ୍ତି ଏବଂ ହୋର୍ମୁଜ ଉପରୁ ଅବରୋଧ ହଟାଇବା ପରେ ପରେ ଖୁସି ଖବର ଆସିଛି। ହଜାର ହଜାର ମେଟ୍ରିକ୍ ଟନ୍ ଏଲଏନଜି ବହନ କରିଥିବା ଏକ ଜାହାଜ ଭାରତରେ ପହଞ୍ଚିଛି। ସୁପରଟ୍ୟାଙ୍କର୍ ଦିଶା ଏଲଏନଜି ନେଇ ଗୁଜୁରାଟର ଭରୁଚ୍‌ରେ ଦହେଜ



ବନ୍ଦରରେ ପହଞ୍ଚିଛି। ଇରାନ-ଆମେରିକା ଶାନ୍ତି ଚୁକ୍ତି ପରେ ଏହା ହେଉଛି ହର୍ମୁଜ ପ୍ରଣାଳୀ ପାର ହୋଇ ଭାରତରେ ପହଞ୍ଚିବା ପ୍ରଥମ ଲିକ୍ୟୁଫାଏଡ ପ୍ରାକୃତିକ ଗ୍ୟାସ (ଏଲଏନଜି) ଜାହାଜ। ହଜାର ହଜାର ଟନ୍ ଗ୍ୟାସ ଆସିବା ଦ୍ୱାରା ଭାରତରେ ଏଲପିଜି ଯୋଗାଣରେ ଯଥେଷ୍ଟ ଆଶ୍ୱସ୍ତି ମିଳିବ। ଦହେଜ ବନ୍ଦରରେ ଏଲଏନଜି ବୋଝେଇ ଜାହାଜର ସୁରକ୍ଷିତ ଆଗମନକୁ ଶକ୍ତି କ୍ଷେତ୍ରରେ ଭାରତ ପାଇଁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। ହଜାର ହଜାର ଟନ୍ ଏଲଏନଜି ଆସିବା ଦ୍ୱାରା ସମୁଦ୍ରରେ ହଜାର ହଜାର ଜାହାଜ ଫସି ରହିଥିବା ସାଢ଼େ ତିନି ମାସର ଉତ୍ତେଜନାର ଅନ୍ତ ଘଟିଛି। ୬୨, ୩୭୦ ମେଟ୍ରିକ୍ ଟନ୍ ଏଲଏନଜି ବହନ କରୁଥିବା ଏହି ଜାହାଜ ମାର୍ଚ୍ଚ ୨ ତାରିଖରୁ କତାରର ରାସ ଲାଫାନ ବନ୍ଦରରେ ଫସି ରହିଥିଲା।

## ବିମଲ ପଟେଲ ଅନ୍ତର୍ଜାତୀୟ ସାମୁଦ୍ରିକ ଟ୍ରିବ୍ୟୁନାଲ୍‌ର ଜଜ୍

ନୂଆଦିଲ୍ଲୀ,୧୯ା୬: ବିଶ୍ୱ ମଞ୍ଚରେ ଭାରତକୁ ମିଳିଛି ଆଉ ଏକ ବଡ଼ ସଫଳତା। ଅନ୍ତର୍ଜାତୀୟ ସାମୁଦ୍ରିକ ଆଇନ ଟ୍ରିବ୍ୟୁନାଲ୍‌ର ବିଚାରପତି ଭାବେ ଭାରତୀୟ ପ୍ରାର୍ଥୀ ପ୍ରଫେସର ଡକ୍ଟର ବିମଲ ଏନ୍. ପଟେଲ ନିର୍ବାଚିତ ହୋଇଛନ୍ତି। ସେ ୨୦୨୬ ରୁ ୨୦୩୫ ପର୍ଯ୍ୟନ୍ତ ଏହି ପ୍ରତିଷ୍ଠିତ ପଦବୀରେ କାର୍ଯ୍ୟ କରିବେ। ଏହି ନିର୍ବାଚନରେ ଭାରତକୁ ବିଶ୍ୱର ବିଭିନ୍ନ ସଦସ୍ୟ ଦେଶର ବ୍ୟାପକ ସମର୍ଥନ



ଓ ବିଶ୍ୱାସ ମିଳିଛି। ଡକ୍ଟର ବିମଲ ପଟେଲଙ୍କ ଏହି ସଫଳତା ପାଇଁ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତୀୟ ପ୍ରାର୍ଥୀଙ୍କ ବିଜୟ ପରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ପୋଷ୍ଟ କରି ଖୁସି ବ୍ୟକ୍ତ କରିଛନ୍ତି।

## ୫୬ ବର୍ଷରେ ରାହୁଲ ଗାନ୍ଧି, ବଧାଇ ଦେଲେ ମୋଦି

ନୂଆଦିଲ୍ଲୀ,୧୯ା୬: କଂଗ୍ରେସ ନେତା ଲୋକସଭା ସାଂସଦ ରାହୁଲ ଗାନ୍ଧୀ ୫୬ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ କଂଗ୍ରେସ ଅନେକ କାର୍ଯ୍ୟକ୍ରମ ଆୟୋଜନ କରୁଛି। ରାହୁଲ ଗାନ୍ଧୀଙ୍କ ଜନ୍ମ ୧୯ ଜୁନ୍ ୧୯୭୦ରେ ଦିଲ୍ଲୀର ହୋଲି ଫ୍ୟାମିଲି ହସ୍ପିଟାଲରେ ହୋଇଥିଲା। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏବଂ କଂଗ୍ରେସ ରାଜ୍ୟସଭା ସାଂସଦ ସୋନିଆ ଗାନ୍ଧୀଙ୍କ ପୁଅ। ଅନେକ କଂଗ୍ରେସ ନେତା ସୋସିଆଲ ମିଡିଆରେ ରାହୁଲ ଗାନ୍ଧୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ରାହୁଲ ଗାନ୍ଧୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ରାହୁଲ ଗାନ୍ଧୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ସାମ୍ବିଧାନିକ ମୂଲ୍ୟବୋଧ ଏବଂ ସମାଜର ଅବହେଳିତ ବର୍ଗ ପାଇଁ ତାଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି। ଏକ୍ସ-ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି ରାହୁଲ ଗାନ୍ଧୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଲେଖିଛନ୍ତି, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ତାଙ୍କ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ମୁଁ ତାଙ୍କ ସୁସ୍ଥତା ଏବଂ ଦୀର୍ଘ ଜୀବନ କାମନା କରୁଛି। ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ରାହୁଲ ଗାନ୍ଧୀଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇ ଲେଖିଛନ୍ତି, ସମ୍ବିଧାନର ଆଦର୍ଶ ପ୍ରତି ଆପଣଙ୍କର ଅଟଳ ପ୍ରତିବଦ୍ଧତା ଏବଂ ଲୋକଙ୍କ ସ୍ୱର ପାଇଁ ଆପଣଙ୍କର ନିର୍ଭୀକ ଲଢ଼େଇ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଛି। କଂଗ୍ରେସ ଦଳର ସାମାଜିକ ନ୍ୟାୟ, ସଦ୍ଭାବ ଏବଂ କରୁଣାର



ପରମ୍ପରା ଆପଣଙ୍କ ସାର୍ବଜନୀନ ଜୀବନ ଏବଂ ନେତୃତ୍ୱରୁ ପ୍ରତିଫଳିତ ହୁଏ। ଲୋକଙ୍କ ସହିତ ନିରନ୍ତର ସମ୍ପର୍କ ଏବଂ କ୍ଷମତା ଆଗରେ ସତ୍ୟ କହିବାର ସାହସ ମାଧ୍ୟମରେ, ଆପଣ ସର୍ବଦା ସବୁଠାରୁ ଦୁର୍ବଳ ଏବଂ ଅବହେଳିତଙ୍କ ସ୍ୱାର୍ଥକୁ ସମର୍ଥନ କରିଆସିଛନ୍ତି। ଭଗବାନ ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଖୁସି, ଶକ୍ତି ଏବଂ ରାଷ୍ଟ୍ର ସେବାରେ ଦୀର୍ଘ ଜୀବନ ପ୍ରଦାନ କରନ୍ତୁ।

## ନାଇଜର ବିମାନବନ୍ଦରରେ ଆତଙ୍କବାଦୀ ଆକ୍ରମଣ, ୩୫ ନିହତ

ନାଇଜର,୧୯ା୬: ଆଫ୍ରିକୀୟ ଦେଶ ନାଇଜରର ରାଜଧାନୀ ନିଆମେସ୍ଥିତ ସବୁଠାରୁ ବଡ଼ 'ଡିଓରି ହାମାନି ଆନ୍ତର୍ଜାତୀୟ ବିମାନବନ୍ଦର'ରେ ଗୁରୁବାର ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ୩୫ ଜଣଙ୍କର ମୃତ୍ୟୁ ଘଟିଛି। ଗତ ୫ ମାସ ମଧ୍ୟରେ ଏହି ବିମାନବନ୍ଦର ଉପରେ ଏହା ହେଉଛି ଦ୍ୱିତୀୟ ବଡ଼ ଆକ୍ରମଣ।

ନାଇଜର ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ନିହତ ୩୫ ଜଣଙ୍କ ମଧ୍ୟରେ ୨୨ ଜଣ ଆତଙ୍କବାଦୀ, ୧୧




ଜଣ ସୈନିକ ଏବଂ ୨ ଜଣ ସାଧାରଣ ନାଗରିକ ସାମିଲ ଅଛନ୍ତି। ସୁରକ୍ଷାକର୍ମୀଙ୍କ ପାଲଟା ଜବାବରେ ଅନ୍ୟ ୪ ଜଣ ଆକ୍ରମଣକାରୀ ଆହତ ହୋଇଥିବା ବେଳେ ୨୦ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ସକାଳ ନମାଜ ପାଠ ଶେଷ ହେବା ପରେ ପରେ ହିଁ ବିମାନବନ୍ଦର ଭିତରୁ ବିସ୍ଫୋରଣ ଏବଂ ଗୁଳିମାଡ଼ର ଶବ୍ଦ ଶୁଭିଥିଲା ବୋଲି ସ୍ଥାନୀୟ ବାସିନ୍ଦାମାନେ ପ୍ରକାଶ କରିଛନ୍ତି।

ଅଲ-କାଏଦା ସହ ଜଡ଼ିତ ଆତଙ୍କବାଦୀ ସଂଗଠନ 'ଜମାତ ନୁସରତ ଅଲ-ଇସଲାମ ୱାଲ-ମୁସଲିମିନ୍' ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ସୁରକ୍ଷା ବାହିନୀ ଆକ୍ରମଣକାରୀଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି, ଯେଉଁଥିରେ ଆରପିଜି-୭ ଲଞ୍ଚର୍, ଏକେ-୪୭ ରାଇଫଲ୍, ବିସ୍ଫୋରକ, ଗ୍ରେନେଡ୍, ଯୋଗାଯୋଗ ଉପକରଣ ଏବଂ ହଜାର ହଜାର ରାଉଣ୍ଡ ଗୁଳି ସାମିଲ ଅଛି। ଲୁଚି ରହିଥିବା ଆକ୍ରମଣକାରୀଙ୍କୁ ଧରିବା ପାଇଁ ସୁରକ୍ଷା ବାହିନୀ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା। ଆକ୍ରମଣକାରୀମାନେ ସାଧାରଣ ଲୋକଙ୍କ ଭିତରେ ମିଶି ଖସିଯିବାକୁ ଚେଷ୍ଟା କରୁଥିଲେ। ନିଜର ସୁରକ୍ଷା ଏବଂ ଆତଙ୍କବାଦୀଙ୍କୁ ଧରିବା ପାଇଁ ସ୍ଥାନୀୟ ଲୋକେ ଠେଙ୍ଗା ଓ ଖଣ୍ଡା ଧରି ରାସ୍ତାକୁ ଓହ୍ଲାଇଥିଲେ।

**ଫିଫା ବିଶ୍ୱକପ୍-୨୦୨୬: ଦକ୍ଷିଣ କୋରିଆକୁ ହରାଇ ନକ୍‌ଆଉଟ୍‌ରେ ମେକ୍ସିକୋ**

# ଡେଭିଡ୍‌ଙ୍କ ହ୍ୟାଟ୍ରିକ୍: କାନାଡାର ଐତିହାସିକ ବିଜୟ

ଭ୍ୟାନ୍‌କୋଭର,୧୯।୬: ଚଳିତ ଫିଫା ବିଶ୍ୱକପ୍‌ରେ ଆଜି ଦୁଇଟି ମ୍ୟାଚ୍ ମଧ୍ୟରୁ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ କାନାଡା କତାର ବିପକ୍ଷରେ ବୃହତ୍ ବିଜୟ ହାସଲ କରିଛି। ଦଳ ଏହି ମ୍ୟାଚ୍‌ରେ ୬-୦ ଗୋଲ୍‌ରେ ବିଜୟ ଲାଭ କରି ଗ୍ରୁପ୍-ବି'ରେ ଉନ୍ନତ ଗୋଲ୍ ବ୍ୟବଧାନରେ ଶୀର୍ଷ ସ୍ଥାନରେ ପହଞ୍ଚିଯାଇଛି। ଏହି ମ୍ୟାଚ୍‌ରେ ଜୋନାଥନ୍ ଡେଭିଡ୍ ହ୍ୟାଟ୍ରିକ୍ ଗୋଲ୍ ଦେଇଥିଲେ। ଏହାଛଡ଼ା ସାଇଲ୍ ଲାରିନ୍, ନାଥନ୍ ସାଲିବା ଅନ୍ୟ ତିନିଟି ଗୋଲ୍ ମଧ୍ୟରୁ ଦୁଇଟି ସ୍କୋର୍ କରିଥିବା ବେଳେ ଅନ୍ୟ ଗୋଲ୍‌ଟି ଆତ୍ମଘାତୀ ଗୋଲ୍ ଥିଲା। ଏଥିସହ କାନାଡା ଫିଫା ବିଶ୍ୱକପ୍‌ରେ ତା'ର ସର୍ବପ୍ରଥମ ବିଜୟ ହାସଲ କରିପାରିଛି। ଏଠାକାର ବିସି ପ୍ଲେସ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ର



ପ୍ରାରମ୍ଭରୁ କାନାଡା ପ୍ରଭାବ ବିସ୍ତାର କରିଥିଲା। ମ୍ୟାଚ୍‌ର ଷୋଡ଼ଶ ମିନିଟ୍‌ରେ ପ୍ରଥମ ଗୋଲ୍ ସ୍କୋର୍ ହୋଇଥିଲା। ଏହାପରେ ଡେଭିଡ୍‌ଙ୍କ କରିସ୍ମା ଆରମ୍ଭ ହୋଇଥିଲା। ସେ ୨୯ତମ ମିନିଟ୍‌ରେ ତାଙ୍କର ପ୍ରଥମ ଗୋଲ୍ ସ୍କୋର୍ କରି ଦଳର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ପରେ ପ୍ରଥମାର୍ଦ୍ଧର ଧାର୍ଯ୍ୟ ସମୟ ମଧ୍ୟରେ ଆଉ କୌଣସି ଗୋଲ୍ ହୋଇନଥିଲା। କିନ୍ତୁ ଅତିରିକ୍ତ ସମୟରେ ତୃତୀୟ ମିନିଟ୍‌ରେ ଅର୍ଥାତ୍ ମ୍ୟାଚ୍‌ର ୪୮ତମ ମିନିଟ୍‌ରେ ଡେଭିଡ୍ ତାଙ୍କର ଦ୍ୱିତୀୟ ଗୋଲ୍ ଦେବାରେ ସକ୍ଷମ ହୋଇଥିଲେ। ତେବେ ୩୩ତମ ମିନିଟ୍‌ରେ ହୋମାମ୍ ଅହମ୍ମଦଙ୍କୁ ରେଡ୍ କାର୍ଡ ଦିଆଯାଇଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା କତାର ୦-୩ରେ ପଛୁଆ ରହିବା ସହ ଦ୍ୱିତୀୟାର୍ଦ୍ଧରେ ବି ଫାଉଲ୍ ମାରିବା ଫଳରେ ଦଳର ଦୁଇ ଜଣ ଖେଳାଳିଙ୍କୁ ପଡ଼ିଆ ବାହାରେ ବସିବାକୁ ପଡ଼ିଥିଲା। ଫଳସ୍ୱରୂପ ଦଳ ପାଇଁ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା କଷ୍ଟକର ହୋଇପଡ଼ିଥିଲା। ବରଂ ଦ୍ୱିତୀୟାର୍ଦ୍ଧରେ କାନାଡା ଏହାର ଫାଇଦା ନେଇ ଆଉ ୪ଟି ଗୋଲ୍ ଅର୍ଜନ କରିଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାର କେଇ ମିନିଟ୍ ପରେ ଅର୍ଥାତ୍ ମ୍ୟାଚ୍‌ର ୫୩ତମ ମିନିଟ୍‌ରେ ଆସିମ୍ ମାଡିବୋଙ୍କୁ ରେଡ୍ କାର୍ଡ ଦିଆଯିବା ଫଳରେ ଅବଶିଷ୍ଟ ସମୟରେ ୯ ଜଣଙ୍କୁ ନେଇ କତାର ଖେଳିବାକୁ ବାଧ୍ୟ ହୋଇଥିଲା। ଏହାର ଫାଇଦା ନେଇ ୬୪ ମିନିଟ୍‌ରେ ସାଲିବା ଗୋଲ୍ ଦେଇ କାନାଡାର ଅଗ୍ରଣୀକୁ ୪-୦ରେ ପହଞ୍ଚାଇଥିଲେ। ଏହାର ୧୧ ମିନିଟ୍ ପରେ କତାର ଖେଳାଳି ମହମ୍ମଦ ମନାଇ ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ। ଏହା ଫଳରେ କାନାଡା ୫-୦ରେ ଆଗୁଆ ରହିଥିଲା। ପରେ ଦ୍ୱିତୀୟାର୍ଦ୍ଧ ଖେଳର ଅତିରିକ୍ତ ସମୟ ଅର୍ଥାତ୍ ମ୍ୟାଚ୍‌ରେ ୯୨ତମ ମିନିଟ୍‌ରେ ଡେଭିଡ୍ ତାଙ୍କର ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଫଳସ୍ୱରୂପ କାନାଡା ୬-୦ରେ ଆଗୁଆ ରହିଥିଲା। ଶେଷ ପର୍ଯ୍ୟନ୍ତ ଏହି ଅଗ୍ରଣୀକୁ କାଏମ ରଖି ଦଳ ଐତିହାସିକ ବିଜୟ ଅର୍ଜନ କରିଥିଲା। ସେହିପରି ଗ୍ରୁପ୍-ଏ'ର ଏକ ମ୍ୟାଚ୍‌ରେ ମେକ୍ସିକୋ ଦକ୍ଷିଣ କୋରିଆକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି। ଫଳସ୍ୱରୂପ ମେକ୍ସିକୋ ପ୍ରଥମ ଦଳ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମ୍ୟାଚ୍‌ର ୫୦ତମ ମିନିଟ୍‌ରେ ଦଳ ପକ୍ଷରୁ ମିଡ୍‌ଫିଲ୍ଡର ଲୁଇସ୍ ରୋମୋ ଗୋଲ୍ ସ୍କୋର୍ କରିଥିଲେ। ଏଥିସହ ଦଳ ଗ୍ରୁପ୍ ବିଜେତା ଭାବେ ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଛି।

## ନିଶା ନିବାରଣ କେନ୍ଦ୍ରରେ ସନ୍ଦେହଜନକ ମୃତ୍ୟୁ

ଧର୍ମଶାଳା,୧୯।୬(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ପଞ୍ଚୁଆ ନିକଟରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ନିଶା ନିବାରଣ କେନ୍ଦ୍ରରେ ମୃତ ଯୁବକଙ୍କ ହାତ ଗୋଡ଼ ବାନ୍ଧି ମାଡ଼ ମାରିବା ଯୋଗୁଁ ତା'ର ମୃତ୍ୟୁ ହୋଇଥିବା ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ଜଣାଯାଏ ଯେ ଧର୍ମଶାଳା ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ରାଜୀବ ବାରିକ ମଦ୍ୟପାନ ଯୋଗୁ ଏହି ନିଶା ନିବାରଣ କେନ୍ଦ୍ରରେ ଗତ ଦୁଇ ମାସ ପାଇଁ ଭର୍ତ୍ତି ହୋଇଥିଲେ। ଏଥିପାଇଁ ପରିବାର ପକ୍ଷରୁ ୨୪ ହଜାର ଟଙ୍କା ମଧ୍ୟ ପୈଠ କରାଯାଇଥିଲା।

ତେବେ ଆଉ କିଛି ଟଙ୍କା ସୁଝିବାକୁ ଥିବାରୁ ରାଜୀବ ମଝିରେ ମଝିରେ ନିଶା ନିବାରଣ କେନ୍ଦ୍ରକୁ ଆସି ଅନ୍ତେବାସୀଙ୍କୁ ଖିଅର କରୁଥିଲେ। ଏ ବାବଦରେ ସେ ୧୬୦୦ ଟଙ୍କା ପ୍ରାପ୍ୟରୁ ଏକ ହଜାର ଟଙ୍କା ଶୁଝିବା ସହ ଅବଶିଷ୍ଟ ୬ ଶହ ଟଙ୍କା ପାଇଥିଲେ। ସେଇ ଟଙ୍କାରେ ସେ ମଦ୍ୟପାନ କରି ଏକ ଉଦ୍ୟାନ ନିକଟରେ ପଡ଼ିଥିଲେ। ଖବର ପାଇ ନିଶା ନିବାରଣ କେନ୍ଦ୍ରର ଜଣେ ଯୁବକ ରାଜୀବଙ୍କୁ ନିଶା ନିବାରଣ କେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ରାଜୀବଙ୍କ ସମ୍ପର୍କୀୟମାନେ ପହଞ୍ଚି ପୁଲିସ ନିକଟରେ ମୌଖିକ ଅଭିଯୋଗ କରିଥିଲେ। ପୁଲିସ ପହଞ୍ଚି ନିଶା ନିବାରଣ କେନ୍ଦ୍ରକୁ ବନ୍ଦ ରଖିଥିବା ବେଳେ ରାଜୀବଙ୍କ ମୃତଦେହକୁ ଜବତ କରିଥିଲା। ଏହି ମାମଲାରେ ପୁଲିସ କେତେକଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ଭବିଷ୍ୟତ ପିଢ଼ିକୁ ନଷ୍ଟ କରିବାକୁ ବିଜେପିର ଷଡ଼ଯନ୍ତ୍ର: ବିଜେଡି

**ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ କ୍ଷତିଭରଣା କରାଯାଉ**

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଦୁର୍ନୀତି, ନାରୀ ନିର୍ଯାତନା, ବିଶୃଙ୍ଖଳା, ଚୋରି ଓ ରାହାଜାନି ଆଦି ଯେପରି ବିଜେପି ସରକାରର ଏକ ପ୍ରସଙ୍ଗ ପାଲଟିଛି ଯାଇଛି। ଏବେ ଏଥିରେ ଯୋଡ଼ି ହୋଇଯାଇଛି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଉ ତାହା ହେଉଛି ପିଲାମାନଙ୍କ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ୧୬୬୦ରୁ ଅଧିକ ଭୁଲ୍ ରହିଛି। ଏହା ବିଜେପି ସରକାରର ଦାୟିତ୍ୱହୀନତା ଓ ପିଲାଙ୍କ ଭବିଷ୍ୟତ ସହ ଖେଳ ବୋଲି ବିଜେଡି ଅଭିଯୋଗ କରିଛି। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ସଂଶୋଧିତ ଓ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତି କରାଯାଉ, ନଚେତ ପୂର୍ବ ସିଲାବସର ପୁସ୍ତକରେ ପଢ଼ାଯାଉ। ଚଳିତ ବର୍ଷ ଛପା ଯାଇଥିବା ଭୁଲ୍ ପୁସ୍ତକ ପ୍ରସ୍ତୁତି ଖର୍ଚ୍ଚ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କଠାରୁ ଆଦାୟ କରିବାକୁ ଦଳ ଦାବି କରିଛି। ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିଜୁ ଯୁବ ଛାତ୍ର ଜନତା ଦଳର ସଭାନେତ୍ରୀ ଈପ୍ସିତା ସାହୁ ରାଜ୍ୟ ସରକାର



ପିଲାଙ୍କ ଭବିଷ୍ୟତ ସହ ଖେଳୁଥିବା ଅଭିଯୋଗ କରିଛନ୍ତି। ବିଧାୟକ ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଆ ଅସ୍ମିତାର ଦୁହାଇ ଦେଇ ଶାସନକୁ ଆସିଥିବା ସରକାର ଆଜି ଓଡିଆ ଅସ୍ମିତାକୁ ଭୂଲୁଣ୍ଠିତ କରିଛନ୍ତି। ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ ପାଇଁ ଉତ୍ସବରେ ବ୍ୟସ୍ତ ରହି ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପିଲାଙ୍କୁ ବାଣ୍ଟି ଓଡ଼ିଶାର ଭବିଷ୍ୟତ ସହ ଖେଳୁଛନ୍ତି। ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ଭିତରେ ଏ ଜାତି କେବେହେଲେ ଏଭଳି ଭୁଲ୍ ଦେଖି ନ ଥିଲା କି ଆଗକୁ ଦେଖିବ ବୋଲି ଆଶା ନାହିଁ। ସେହିପରି ଶ୍ରୀ ସାହୁ କହିଛନ୍ତି ଯେ ପାଠ୍ୟପୁସ୍ତକ ପ୍ରସ୍ତୁତି, ସମୀକ୍ଷା ଓ ସମ୍ପାଦନା ସହ ଜଡ଼ିତ ସମସ୍ତ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନିଆଯାଉ।

### କୋଲକାତା ବିମାନବନ୍ଦରରେ ବଜ୍ରପାତ, ୨ ଆହତ

କୋଲକାତା,୧୯।୬(ସଂଚାର ବ୍ୟୁରୋ): ଶୁକ୍ରବାର କୋଲକାତା ବିମାନବନ୍ଦରରେ ଦୁଇଜଣ କର୍ମଚାରୀ ବଜ୍ରପାତରେ ଆହତ ହୋଇଛନ୍ତି। ସେମାନଙ୍କ ଚିକିତ୍ସା ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଇଛି। ପୌର ଏବଂ ନଗର ଉନ୍ନୟନ ମନ୍ତ୍ରୀ ଅଗ୍ନିମିତ୍ରା ପାଲ କୋଲକାତାର ବିଭିନ୍ନ ସ୍ଥାନରେ ପରିସ୍ଥିତି ଯାଞ୍ଚ କରିଛନ୍ତି। ଗତ କିଛିଦିନ ଧରି ଉତ୍ତରବଙ୍ଗରେ ବର୍ଷା ଜାରି ରହିଛି। ସୂତ୍ର ଅନୁଯାୟୀ, ଶୁକ୍ରବାର ସକାଳେ ବିମାନରେ ଲଗେଜ୍ ଲୋଡ୍ କରାଯାଉଥିବା ବେଳେ ବଜ୍ରପାତ ହେବା ପରେ ଦୁଇଜଣ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିଲା ଏବଂ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ବିମାନବନ୍ଦର ସୂତ୍ର ଅନୁଯାୟୀ, ସେମାନେ ବର୍ତ୍ତମାନ ଡାକ୍ତରୀ ପର୍ଯ୍ୟବେକ୍ଷଣରେ ଅଛନ୍ତି।

### କର୍ଣ୍ଣାଟକରୁ ତୃଣମୂଳ ବିଧାୟକ ଗିରଫ

କୋଲକାତା,୧୯।୬(ସଂଚାର ବ୍ୟୁରୋ): ତାରକେଶ୍ୱରର ପୂର୍ବତନ ତୃଣମୂଳ କଂଗ୍ରେସ ବିଧାୟକ ରାମେନ୍ଦୁ ସିଂହ ରାୟଙ୍କୁ କର୍ଣ୍ଣାଟକରେ ଗିରଫ କରାଯାଇଛି। ତାଙ୍କ ସହିତ ଆରାମବାଗ ସଂଗଠନ ଜିଲ୍ଲାର ଯୁବ ସଭାପତି ଦିବ୍ୟେନ୍ଦୁ ବେରାଙ୍କୁ ଗିରଫ କରାଯାଇଛି। ଜୁନ୍ ୧୧ ତାରିଖରେ ଧନିଆଖାଲିର କୋଟାଲପୁର ଅଞ୍ଚଳରେ ଥିବା ତାଙ୍କ ଶିକ୍ଷକ ତାଲିମ କଲେଜରୁ ରିଲିଫ୍ ସାମଗ୍ରୀ ଉଦ୍ଧାର କରାଯାଇଥିଲା। ଧନିଆଖାଲି ଥାନାରେ ଅଭିଯୋଗ ଦାୟର ହେବା ପରଠାରୁ ସେ ଫେରାର୍ ଥିଲେ। କର୍ଣ୍ଣାଟକରୁ ଆଣିବା ପରେ ତାଙ୍କୁ ଚୁଞ୍ଚୁଡ଼ା କୋର୍ଟରେ ହାଜର କରାଯିବ।

### ସ୍କୁଲରୁ ପୁଣି ଲକ୍ଷାଧିକ ଟଙ୍କା ଉଦ୍ଧାର

କୋଲକାତା,୧୯।୬(ସଂଚାର ବ୍ୟୁରୋ): ପ୍ରାୟ ଗୋଟିଏ ସପ୍ତାହ ପୂର୍ବରୁ କାଞ୍ଚରାପଡ଼ାର ଏକ ଘରୋଇ ସ୍କୁଲରୁ କୋଟିଏରୁ ଅଧିକ ଟଙ୍କା ଉଦ୍ଧାର କରାଯାଇଥିଲା। ପୁଣିଥରେ ସେହି ସ୍କୁଲରୁ ଲକ୍ଷାଧିକ ଟଙ୍କା ଉଦ୍ଧାର କରାଯାଇଛି। ସ୍କୁଲରେ ନଗଦ ଟଙ୍କା ମିଳିବା ଘଟଣାରେ ପୁଲିସ ପୂର୍ବରୁ ଦୁଇଜଣଙ୍କୁ ଗିରଫ କରିଥିଲା। ସେମାନଙ୍କୁ ପଚରାଉଚରା କରିବା ପରେ ବିଜପୁର ଥାନାର ଅଧିକାରୀମାନେ ଆଉ ଏକ ଚଢ଼ାଉ କରି ଟଙ୍କାର ବଣ୍ଡଲ ଜବତ କରିଛନ୍ତି।

### ବଜ୍ରପାତରେ ତାପଜ ବିଦ୍ୟୁତ କେନ୍ଦ୍ରରେ ଅଗ୍ନିକାଣ୍ଡ

କୋଲକାତା,୧୯।୬(ସଂଚାର ବ୍ୟୁରୋ): କୋଲାଘାଟ ଥର୍ମାଲ ପାୱାର ଷ୍ଟେସନରେ ବଜ୍ରପାତ ଘଟି ୟୁନିଟ୍-୩ ଟର୍ବାଇନ୍ ମହଲାରେ ନିଆଁ ଲାଗିଯାଇଛି। ଖବର ପାଇ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, ୟୁନିଟ୍ ୩ ଟର୍ବାଇନ୍ ମହଲାରେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ଛାତର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା ଓ ନିଆଁ ଲାଗି ଯାଇଥିଲା। ସେହି ସମୟରେ ୟୁନିଟ୍‌ରେ ବିଦ୍ୟୁତ୍ ଉତ୍ପାଦନ ଚାଲୁଥିଲା।

## ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀଙ୍କ ସଭା: ମନମୋହନ

**୪୭ ହଜାର କୋଟି ଟଙ୍କାର ଶିଳାନ୍ୟାସ କରାଯିବ**

ରାଇରଙ୍ଗପୁର/ଭୁବନେଶ୍ୱର,୧୯।୬ (ସଂଚାର ବ୍ୟୁରୋ): ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବାକୁ ମୟୁରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଉଭୟେ ରାଇରଙ୍ଗପୁରଠାରେ ଗୋଟିଏ ମଞ୍ଚରେ



ଯୋଗଦେଇ ଜନସଭାକୁ ସମ୍ବୋଧିତ କରିବେ। ଏହା ଓଡ଼ିଶାବାସୀଙ୍କ ପାଇଁ ଗୌରବର ବିଷୟ। ଏହି ଅବସରରେ ଦେଶ ଓ ଜାତି ଉଦ୍ଦେଶ୍ୟରେ ୪୭ ହଜାର କୋଟି ଟଙ୍କାର ଶିଳାନ୍ୟାସ କରାଯିବ। ଆସନ୍ତାକାଲିର ସଭା ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ରାଇରଙ୍ଗପୁରଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ ଓଡ଼ିଶାର ସାଧାରଣ ବନବାସୀ ପରିବାରରେ ଜନ୍ମ ହୋଇଥିବା ଶ୍ରୀମତୀ ମୁର୍ମୁ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ। ସେ ଦେଶର ସର୍ବୋଚ୍ଚ ପଦବୀରେ ଆସୀନ ହୋଇ ରାଷ୍ଟ୍ରପତି ପଦବୀ ଭଳି ଗରିମାମୟ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ଆଜି ରାଷ୍ଟ୍ରପତି ମୟୁରଭଞ୍ଜରେ ପହଞ୍ଚିବା ପରେ ଆସନ୍ତାକାଲି ତାଙ୍କ ଶାଶୂଘର ଗ୍ରାମ ପାହାଡ଼ପୁର ଗସ୍ତରେ ଯିବେ। ଏହି ସମୟରେ ପ୍ରଧାନମନ୍ତ୍ରୀ ମଧ୍ୟ ଉପସ୍ଥିତ ରହିବେ। ଉଭୟେ ଉକ୍ତ ଗ୍ରାମର ଓଲସମା ଓ ସାନ୍ତାଳି ସମାଜର ପବିତ୍ର ପୀଠରେ ପୂଜାର୍ଚ୍ଚନା କରିବେ। ସେଠାରେ ଥିବା ବିଦ୍ୟାଳୟ, ବିଦ୍ୟା ମନ୍ଦିର ଓ ସ୍କିଲ୍ ଡେଭଲପମେଣ୍ଟ୍ ଅନୁଷ୍ଠାନକୁ ପରିଦର୍ଶନ କରିବା ସହ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିବେ। ଏହାପରେ ରାଇରଙ୍ଗପୁରରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧିତ କରିବା ସହ ଶକ୍ତି, ଶିଳ୍ପ ଭିତ୍ତିଭୂମି, ସଡ଼କ ସଂଯୋଗ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ, ଜଳସେଚନ ଭଳି ଅନେକ ପ୍ରକଳ୍ପର ଶିଳାନ୍ୟାସ ବି କରିବେ। ଭାରତବର୍ଷର ପ୍ରଥମ ବନବାସୀ ରାଜ୍ୟପାଳ ଓ ରାଷ୍ଟ୍ରପତି ଭାବେ ଶ୍ରୀମତୀ ମୁର୍ମୁ ଭାରତ ଇତିହାସରେ ନୂଆ ରେକର୍ଡ କରିଛନ୍ତି। ଦେଶ ଓ ବିଦେଶରେ ବହୁ କୀର୍ତ୍ତିମାନ ଓ ଉଦାହରଣ ସୃଷ୍ଟି କରୁଥିବା କାର୍ଯ୍ୟକ୍ରମରେ ତାଙ୍କର ସମ୍ପୃକ୍ତି ରହିଛି।

● ପ୍ରତିଷ୍ଠା ଦିବସରେ ଉଦ୍ଧବଙ୍କ ଭାବପ୍ରବଣ ପ୍ରତିଶ୍ରୁତି

## ମୁଁ ଦଳର ମୁଖ୍ୟପଦରୁ ଓହରିଯିବି

ନୂଆଦିଲ୍ଲୀ, ୧୯।୬: ଯଦି ସମର୍ଥକମାନଙ୍କର ମୋ ଉପରେ ଆଉ ବିଶ୍ୱାସ ନାହିଁ, ତା'ହେଲେ ମୁଁ ଦଳର ମୁଖ୍ୟପଦରୁ ଓହରିଯିବାକୁ ପ୍ରସ୍ତୁତ ଅଛି ବୋଲି ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଥାକ୍‌ରେ ଶୁକ୍ରବାର ଦଳର କର୍ମୀମାନଙ୍କୁ ଭାବପ୍ରବଣ ଭରା କଣ୍ଠରେ କହିଛନ୍ତି। ମୁମ୍ବାଇଠାରେ ଆୟୋଜିତ ଦଳର ୬୦ ତମ ପ୍ରତିଷ୍ଠା ଦିବସ ଅବସରରେ ଉଦ୍ଧବ କହିଛନ୍ତି ଯେ, ମୁଁ ଦଳର ବ୍ୟାଟନ୍ ଜଣେ ବିଶ୍ୱସ୍ତ ଓ ଭରସାଯୋଗ୍ୟ ଲୋକ ହାତରେ ଦେବି, ହେଲେ ଏହାକୁ କୌଣସି ଚୋର ଦଳର ହାତରେ ଦେବାକୁ ଚାହିଁବି ନାହିଁ। ଦଳରେ ବୃଦ୍ଧି ପାଉଥିବା ବିଦ୍ରୋହ ତଥା ବିଭାଜନ ଉପରେ



ଆଲୋକପାତ କରି ସେ କହିଛନ୍ତି ଯେ, ଶିବସୈନିକମାନେ କେବେ ବି ବିଦ୍ରୋହରେ ଦବିଯିବେ ନାହିଁ, ବରଂ ବିଦ୍ରୋହର ନିଆଁ ସେମାନଙ୍କୁ ଆହୁରି ଶାଣିତ କରିବ। ଏହି ଅବସରରେ ଦଳଛଡ଼ା ସାଂସଦମାନଙ୍କୁ ସେମାନେ ୨୦୨୪ରେ ଭୋଟ୍ ଦେଇଥିବାରୁ ଭୋଟରମାନଙ୍କୁ ସେ କ୍ଷମା ମାଗିଛନ୍ତି।

## ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ଦେୟମୁକ୍ତ ବସ୍‌ସେବା

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ନିଟ୍ ପରୀକ୍ଷା ପାଇଁ ଭୁବନେଶ୍ୱରକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣା ବସ୍‌ସେବା ପ୍ରଦାନ କରାଯିବ। ଆସନ୍ତା ରବିବାର ଅର୍ଥାତ ୨୧ରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଭୁବନେଶ୍ୱର ରେଳ ଷ୍ଟେସନ୍ (ମାଷ୍ଟର କ୍ୟାଣ୍ଟିନ୍), ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଖୋର୍ଦ୍ଧା ରୋଡ୍ ଷ୍ଟେସନ୍, ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡରୁ ପରୀକ୍ଷାର୍ଥୀମାନଙ୍କୁ ସେମାନଙ୍କର ପରୀକ୍ଷା କେନ୍ଦ୍ରକୁ ନେବା-ଆଣିବା ପାଇଁ ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା କରାଯାଇଛି। ଉକ୍ତ ଦିନ ଏହି ରୁଟରେ ଯିବାଆସିବା କରୁଥିବା ଅନ୍ୟ ସରକାରୀ ବସରେ ମଧ୍ୟ ଛାତ୍ରଛାତ୍ରୀମାନେ ସମାନ ସୁବିଧା ପାଇପାରିବେ। ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ୨୬ଟି ପରୀକ୍ଷା କେନ୍ଦ୍ର ପାଇଁ ପରୀକ୍ଷାର୍ଥୀଙ୍କୁ ନେବାଆଣିବା ନିମନ୍ତେ ୧୦୮ଟି ବସ୍ ଚଳାଚଳ କରିବ। ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ସହ ସେମାନଙ୍କର ଜଣେ ଅଭିଭାବକ ମଧ୍ୟ ଏହି ନିଃଶୁଳ୍କ ଯାନ ସୁବିଧା ପାଇପାରିବେ। ଛାତ୍ରଛାତ୍ରୀମାନେ ସେମାନଙ୍କ ନିଟ୍ ପରୀକ୍ଷାର ଆଡ୍‌ମିଟ୍ କାର୍ଡ ଦେଖାଇ ବସ୍‌ରେ ଯାତାୟାତ କରିପାରିବେ। ଏହି ବସ୍‌ସେବା ଦ୍ୱାରା ଭୁବନେଶ୍ୱରକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରିଥିବା ଦୂର ସ୍ଥାନର ଛାତ୍ରଛାତ୍ରୀ ଉପକୃତ ହେବା ସହ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଦିଗରେ ସହଜ ହେବ। ପରୀକ୍ଷାର୍ଥୀମାନେ ଅଧିକ ଜାଣିବା ପାଇଁ ରବୀନ୍ଦ୍ର ନାଥ ଜେନା (୯୨୩୭୩୭୮୬୫୮) ଓ ଚିତ୍ତରଞ୍ଜନ ସାହୁ (୯୨୩୭୩୭୮୫୭୨)ଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ୮୬୩ ଏକରରେ ହେବ ୩ ନୂଆ ଟିପି ସ୍କିମ୍

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ 'ସମୃଦ୍ଧ ସହର' ପଦକ୍ଷେପ ଅଧୀନରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସାଧାରଣ ଲୋକଙ୍କ ପାଇଁ ଆଉ ୩ଟି ନୂଆ ସହର ପରିକଳ୍ପନା ଯୋଜନା (ଟିପି ସ୍କିମ୍) ୫, ୬ ଓ ୦୭/୨୦୨୬ ତିଆରି କରିବାକୁ ଘୋଷଣା କରିଛି। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ର ଧାରା ୨୩(୧)ର ବ୍ୟବସ୍ଥା ଅନୁଯାୟୀ ଏହି ପଦକ୍ଷେପ 'ବିକଶିତ ଓଡ଼ିଶା ୨୦୩୬'ର ସ୍ୱପ୍ନକୁ ଦୃଷ୍ଟିରେ ରଖି ବିଡିଏ ଅଞ୍ଚଳରେ ଯୋଜନାବଦ୍ଧ ସହରାଞ୍ଚଳ ସମ୍ପ୍ରସାରଣ ଓ ସ୍ଥାୟୀ ବିକାଶ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି।

ପ୍ରସ୍ତାବିତ ଏହି ଯୋଜନାଗୁଡ଼ିକ ମଧ୍ୟରୁ ଟିପି ସ୍କିମ୍ ନମ୍ବର ୦୫/୨୦୨୬ ମଳିପଡ଼ା ଅଞ୍ଚଳରେ ୨୪୭.୫୭ ଏକର, ଟିପି ସ୍କିମ୍ ୦୬/୨୦୨୬ ମଳିପଡ଼ା ମୌଜାରେ ୨୩୪.୩୪ ଏକର ଏବଂ ଟିପି ସ୍କିମ୍ ନମ୍ବର ୦୭/୨୦୨୬ ମଳିପଡ଼ା ଓ ଦାସପୁର ମୌଜାରେ ୩୮୧.୩୮ ଏକର ସହ ମୋଟ ପ୍ରାୟ ୮୬୩.୨୯ ଏକର ଜମିରେ ବିସ୍ତୃତ ରହିବ। ସହରର ସନ୍ତୁଳିତ ଏବଂ ସ୍ଥାୟୀ ବିକାଶ ସୁନିଶ୍ଚିତ କରିବା ସହ ଆବଶ୍ୟକ ଭିତ୍ତିଭୂମି ଓ ସାର୍ବଜନୀନ ସୁବିଧା ସୃଷ୍ଟି କରି ଯୋଜନାବଦ୍ଧ ସହରାଞ୍ଚଳ ବିକାଶକୁ ସହଜ କରିବା ପାଇଁ ଏହି ଯୋଜନାଗୁଡ଼ିକର ପରିକଳ୍ପନା କରାଯାଇଛି। ଓଡ଼ିଶା ଗେଜେଟରେ ଏହି ଯୋଜନାର ଘୋଷଣା ପ୍ରକାଶିତ ହେବା ପରେ ଯୋଜନା ଅଞ୍ଚଳ ଭିତରେ ଥିବା ଜମିର ମାଲିକ ଓ ଯାହାର କୌଣସି ଅଧିକାର ବା ସ୍ୱାର୍ଥ ଅଛି, ସେମାନଙ୍କୁ ଫର୍ମ-IVରେ ସୂଚନା ଦେବାକୁ ଆହ୍ୱାନ କରାଯିବ। ସେମାନଙ୍କୁ ଫର୍ମ-IIIରେ ନୋଟିସ୍ ଜାରି କରାଯିବ। ଗେଜେଟ୍ ପ୍ରକାଶନ ତାରିଖରୁ ୨ ମାସ ମଧ୍ୟରେ ସେମାନେ ବିଡିଏ କର୍ତ୍ତୃପକ୍ଷଙ୍କୁ ଏହି ସୂଚନା ଦେବାକୁ ପଡ଼ିବ। ଓଡ଼ିଶା ସରକାରଙ୍କ 'ସମୃଦ୍ଧ ସହର' ପଦକ୍ଷେପ ଅଧୀନରେ ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି ସହରକୁ ଯୋଜନାବଦ୍ଧ ଭାବେ ବିକଶିତ କରିବା ଓ ଆର୍ଥିକ ଉନ୍ନତିକୁ ତ୍ୱରାନ୍ୱିତ କରିବା। ଏହି ପଦକ୍ଷେପ ଦ୍ୱାରା ରାସ୍ତା, ଡ୍ରେନ୍, ପାଣି ଯୋଗାଣ, ସ୍ୱେରେଜ୍, ବିଦ୍ୟୁତ୍, ପାର୍କ, ଖୋଲା ଜାଗା ଓ ବିଭିନ୍ନ ସାମାଜିକ ସୁବିଧା ସହ ସମଗ୍ର ଭିତ୍ତିଭୂମିକୁ ଏକକାଳୀନ ବିକଶିତ କରାଯିବ। ଫଳରେ ସହରାଞ୍ଚଳଗୁଡ଼ିକ ଜୀବନ୍ତ ଓ ଆଧୁନିକ ବିକାଶ କେନ୍ଦ୍ରରେ ପରିଣତ ହେବ।

ଏହି ପରିକଳ୍ପନା ଯୋଜନାରେ ବଡ଼ ଧରଣର ଜମି ଅଧିଗ୍ରହଣ କରିବାକୁ ପଡ଼େନାହିଁ। ଜମି ମାଲିକମାନେ ଟାଉନ୍ ପ୍ଲାନିଂ ସ୍କିମ୍ ଅଧୀନରେ ନିଜ ଜମିର ୪୦ ପ୍ରତିଶତ ପର୍ଯ୍ୟନ୍ତ ଯୋଗଦାନ କରନ୍ତି। ଏହି ଜମିରୁ ରାସ୍ତା, ଡ୍ରେନ୍, ପାର୍କ ଓ ଅନ୍ୟାନ୍ୟ ସାର୍ବଜନୀନ ସୁବିଧା ତିଆରି ହୁଏ। ବାକି ୬୦ ପ୍ରତିଶତ ଜମି ସେମାନଙ୍କୁ ବିକଶିତ, ରାସ୍ତା ସହ ଓ ସବୁ ସୁବିଧାଯୁକ୍ତ ପ୍ଲଟ୍ ଭାବେ ଫେରସ୍ତ କରାଯାଏ। ଏହି ନୂଆ ଲ୍ୟାଣ୍ଡ ପୁଲିଂ ପଦ୍ଧତି ଜରିଆରେ ସହରର ଭିତ୍ତିଭୂମି ବିକାଶ ସହଜ ହୁଏ,



ଜମିର ମୂଲ୍ୟ ବହୁତ ବଢ଼େ ଓ ଜମି ମାଲିକମାନେ ବିକାଶର ଲାଭ ସମାନ ଭାବେ ପାଆନ୍ତି। ବିଡିଏ ପୂର୍ବରୁ ସହରର ଯୋଜନାବଦ୍ଧ ବିକାଶ ପାଇଁ ବହୁତ କାମ କରିଛି। ପ୍ରାୟ ୧,୫୭୭ ଏକର ଜମି ଉପରେ ଗଠିତ ଟିପି ସ୍କିମ୍ ୧,୨,୩ ଓ ୪କୁ ସରକାରଙ୍କ ଅନୁମୋଦନ ମିଳିସାରିଛି। ଏହି ଯୋଜନାଗୁଡ଼ିକରେ ଜମି ମାଲିକମାନଙ୍କୁ ପୁନଃଗଠିତ ପ୍ଲଟ୍ ହସ୍ତାନ୍ତର କରିବା ପ୍ରକ୍ରିୟା ଏବେ ଚାଲୁଛି। ଏଥିସହ ରାସ୍ତା, ଡ୍ରେନ୍ ଓ ଅନ୍ୟାନ୍ୟ ସାର୍ବଜନୀନ ସୁବିଧା ତିଆରିର କାମ ମଧ୍ୟ ଚାଲୁ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୭୩୨ କୋଟିର...

ଭିତ୍ତିଭୂମିର ମେରୁଦଣ୍ଡକୁ ଆହୁରି ମଜବୁତ କରିବା ସହ ରାଜ୍ୟରେ ବଢ଼ୁଥିବା ଶିଳ୍ପ ତଥା ଅର୍ଥନୈତିକ କାର୍ଯ୍ୟକଳାପକୁ ସହାୟତା ପ୍ରଦାନ କରିବ। ୧୯ କିମି ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପ ୩୨୩ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି, ଯାହା ବୃହତ ଭଦ୍ରକ-ନିର୍ଗୁଣ୍ଡି ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଭାବେ ବିକଶିତ ହୋଇଛି। ଏହି ପ୍ରକଳ୍ପଟି ଅତ୍ୟଧିକ ବ୍ୟସ୍ତବହୁଳ ହାୱଡ଼ା-ଚେନ୍ନାଇ ମୁଖ୍ୟ ଲାଇନରେ କ୍ଷମତା ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ, ସମୟାନୁବର୍ତ୍ତିତାରେ ସୁଧାର ଆଣିବ ଓ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନଗୁଡ଼ିକର ଦ୍ରୁତ ଚଳାଚଳ ନିଶ୍ଚିତ କରିବ। ଏହି ପ୍ରକଳ୍ପ କୋଇଲା ଓ ଅନ୍ୟାନ୍ୟ ଭାରୀ ସାମଗ୍ରୀର ନିରବଚ୍ଛିନ୍ନ ପରିବହନରେ ମଧ୍ୟ ସହାୟକ ହେବ। ନିକଟସ୍ଥ ବନ୍ଦର, ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ ଲଜିଷ୍ଟିକ ସହାୟତା ପ୍ରଦାନ କରିବ ଓ ଏହି ଅଞ୍ଚଳର ଅର୍ଥନୈତିକ ବିକାଶରେ ସହଯୋଗ ମିଳିବ। ସେହିପରି ୪୦୯ କୋଟି ଟଙ୍କା ବ୍ୟୟରେ ୨୭ କିମି ଦୈର୍ଘ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ହିନ୍ଦୋଳ ରୋଡ୍-ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପଟି ବୁଢ଼ାପଙ୍କ-ଶାଳଗାଁ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ। ଏହି ପ୍ରକଳ୍ପ ଟ୍ରେନ୍ ପରିଚାଳନ କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ସହ ପରିଚାଳନାଗତ ପ୍ରତିବନ୍ଧକକୁ ଦୂର କରିବ ଓ କୋଇଲା, ଇସ୍ପାତ, ବିଦ୍ୟୁତ କ୍ଷେତ୍ର ପାଇଁ ଆବଶ୍ୟକ ସାମଗ୍ରୀ ଓ ଅନ୍ୟାନ୍ୟ ଶିଳ୍ପଜାତ ସାମଗ୍ରୀର ସୁଗମ ପରିବହନରେ ସହାୟତା କରିବ। ଏହି ପ୍ରକଳ୍ପଗୁଡ଼ିକ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସଂକଳ୍ପକୁ ସୁଦୃଢ଼ କରିବାରେ ଯଥେଷ୍ଟ ସହାୟକ ହେବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

### ଜନ୍ମମାଟିରେ...

ଲୋକାର୍ପଣ ଉତ୍ସବ ସମୟରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ମନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ପ୍ରତିକୂଳ ପାଗ ଯୋଗୁଁ ରାଷ୍ଟ୍ରପତି ଦୁଇ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ। କଲେଇକୁଣ୍ଡାସ୍ଥିତ ଭାରତୀୟ ବାୟୁସେନା ଘାଟିରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଇରଙ୍ଗପୁର ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା। ହେଲେ ଖରାପ ପାଗ ଯୋଗୁଁ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ପରିବର୍ତ୍ତନ ହୋଇଥିଲା। ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ଲାଗି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

### ପଡ଼ିବ ୩ ବର୍ଷ...

ହ୍ରାସ କରିବ ଓ ସ୍ଥାନୀୟ ଅଞ୍ଚଳରେ ନୂତନ ଶିଳ୍ପ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଭିତ୍ତିପ୍ରସ୍ତର ସ୍ଥାପନ କରାଯିବାକୁ ଥିବା ଅନ୍ୟ ପ୍ରକଳ୍ପ ମଧ୍ୟରେ ଭୁବନେଶ୍ୱରରେ ଏକ ୩୦୦ ଟିପିଡି ଉତ୍ସ-ପୃଥକୀକରଣ ପୌର କଠିନ ବର୍ଜ୍ୟବସ୍ତୁ ଆଧାରିତ କମ୍ପ୍ରେସଡ୍ ବାୟୋଗ୍ୟାସ୍ ପ୍ଲାଣ୍ଟ, କଟକ ଓ ଭୁବନେଶ୍ୱରକୁ ସିଧାସଳଖ ସଂଯୋଗ କରୁଥିବା କାଠଯୋଡ଼ି ନଦୀ ଉପରେ ଏକ ସେତୁ, ବୌଦ୍ଧ ଜିଲ୍ଲାର ଧଳପୁର-ହରଭଙ୍ଗା ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ଏବଂ ନୂଆପଡ଼ାରୁ ଘାଟିପଡ଼ା ପର୍ଯ୍ୟନ୍ତ ଏନଏଚ-୩୫୩ର ଏକ ଅଂଶକୁ ଚାରି ଲେନ ବିଶିଷ୍ଟ କରିବା, କୁସୁମଡ଼ିହି ବୃହତ ଉଠା ଜଳସେଚନ ପ୍ରକଳ୍ପ, ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ ରାଇରଙ୍ଗପୁରରେ ଇନ୍‌ଡୋର ବ୍ୟାଡମିଣ୍ଟନ କମ୍ପ୍ଲେକ୍ସ ଆଦି ରହିଛି। ଏହାଛଡ଼ା ବୌଦ୍ଧଠାରେ ୩୦୦ ଶଯ୍ୟାବିଶିଷ୍ଟ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ କୋଠା, ୨୪ଟି ଅଟଳ ବସ୍‌ଷ୍ଟାଣ୍ଡ ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୯ଟି ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହେବ। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ସ୍ୱାସ୍ଥ୍ୟସେବା ଓ ସାଧାରଣ ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବ। ଉଦଘାଟିତ ହେବାକୁ ଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ଏନଏଚ-୫୭ରେ ନୟାଗଡ଼ ଟାଉନ ବାଇପାସ୍, କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପର ଭୂତଳ ପାଇପଲାଇନ୍ ଭାଗ, ଜଖପୁରା-ଯାଜପୁର କେନ୍ଦୁଝର ରୋଡ୍-ବୈତରଣୀ ରୋଡ୍ ପ୍ରଶସ୍ତିକରଣ ପ୍ରକଳ୍ପ, ହିନ୍ଦୋଳ ରୋଡ୍-ମେରାମଣ୍ଡଳୀ ପ୍ରଶସ୍ତିକରଣ ପ୍ରକଳ୍ପ, ରାଇରଙ୍ଗପୁରରେ କ୍ରୀଡ଼ା କମ୍ପ୍ଲେକ୍ସ ଓ ଜନଜାତି ଗବେଷଣା କେନ୍ଦ୍ର ଅନ୍ତର୍ଭୁକ୍ତ।

### ତନାଘନା ଆରମ୍ଭ...

ଆରମ୍ଭ ହୋଇଥିବା ବେଳେ ପିଲାଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇନି। କୋମଳମତି ପିଲାମାନେ ସେହି ଭୁଲ ବହିରୁ ପାଠ ପଢ଼ିବେ, ଯାହାକି ଛୋଟ ଛୋଟ ପିଲାଙ୍କ ଭବିଷ୍ୟତ ପାଇଁ ଅଡୁଆ ହେବ। ଅନ୍ୟପଟେ ବହି ମୁଦ୍ରଣ ସରିଯାଇଥିବାରୁ ହାତ ଟେକିଦେଇଛି ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସସିଇଆରଟି)। ଏସବୁ ଭିତରେ ବହି ପ୍ରସ୍ତୁତିରେ ନିୟୋଜିତ ହୋଇଥିବା କୋର କମିଟିର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠିଛି। କୋର କମିଟିରେ ବଛା ବଛା ୨୪ ଜଣ ଶିକ୍ଷାବିତ ସଦସ୍ୟ ରହିଥିଲେ ମଧ୍ୟ ତ୍ରୁଟିକୁ କେମିତି ଧରିପାରିଲେ ନାହିଁ, ତାହା ଏବେ ସନ୍ଦେହ ଘେରରେ। ଏଥିସହ ଏଥର ଜାତୀୟ ଶିକ୍ଷା ନୀତି ଆଧାରରେ ପୁସ୍ତକ ପ୍ରକାଶ ପାଇଥିବାରୁ ଦାୟିତ୍ୱ କାହାକୁ ଦିଆଯାଇଥିଲା, ତା'ର ମଧ୍ୟ ଖୋଳତାଡ଼ ଆରମ୍ଭ ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବଦଳିଥିବା ୫୪ଟି ପୁସ୍ତକରେ ୧୬୭୮ଟି ତ୍ରୁଟି ବାହାରିଛି। ସେହି ତ୍ରୁଟିର ସଂଶୋଧନ କରି ପଢ଼ାଇବା ପାଇଁ ଶିକ୍ଷକମାନଙ୍କୁ ଦିଆଯାଇଛି ନିର୍ଦ୍ଦେଶ। କିନ୍ତୁ ଏଥିରେ ଶିକ୍ଷକମାନେ କେତେ ସଫଳ ହେବେ ଛାତ୍ରଛାତ୍ରୀମାନେ ଏହାଦ୍ୱାରା ଉପକୃତ ହୋଇପାରି କି ବୋଲି ପ୍ରଶ୍ନ ଉଠୁଛି। ସେପଟେ ଏସସିଇଆରଟି ନିର୍ଦ୍ଦେଶକ ପଦବୀରେ ଶିକ୍ଷାବିତ କିମ୍ବା ଜଣେ ପ୍ରଫେସରଙ୍କ ବଦଳରେ ପ୍ରଶାସନିକ ଅଧିକାରୀ ରହିବା ନେଇ ପ୍ରଶ୍ନ ଉଠିଛି। ଶିକ୍ଷାବିତ କହିଛନ୍ତି, ଏହି ଗୁରୁତ୍ୱପୂର୍ଣ୍ଣ ଏକାଡେମିକ ପଦବୀରେ ପ୍ରଶାସନିକ ବ୍ୟକ୍ତିଙ୍କ ନିଯୁକ୍ତି ହିଁ ପାଠ୍ୟପୁସ୍ତକ ବିଭ୍ରାଟର ଅନ୍ୟତମ ପ୍ରମୁଖ କାରଣ ହୋଇପାରେ। ପାଠ୍ୟକ୍ରମ ପ୍ରସ୍ତୁତି ଏବଂ ଶିଶୁ ମନସ୍ତତ୍ତ୍ୱ ବୁଝିବା ପାଇଁ ଶିକ୍ଷା କ୍ଷେତ୍ରରେ ଦୀର୍ଘବର୍ଷର ଗବେଷଣାତ୍ମକ ଅଭିଜ୍ଞତା ଆବଶ୍ୟକ, ଯାହା ପ୍ରଶାସନିକ ଅଧିକାରୀଙ୍କ ପାଖରେ ନଥାଏ।

### ଲୋକଙ୍କ ପାଖରେ...

କରାଯିବ। ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ବେୟା ବନ୍ଦନା ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ମଧୁ ବାବୁ ପେନ୍‌ସନ ଯୋଜନା, ମାଧୋସିଂହ ହାତଖର୍ଚ୍ଚ ଯୋଜନା, ସୁଭଦ୍ରା ଯୋଜନା, ପିଏମ୍ ସ୍ୱନିଧି, ଲକ୍ଷପତି ଦିଦି, ପିଏମ୍ ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ବସୁନ୍ଧରା ଯୋଜନା ଅଧୀନରେ ପଟ୍ଟା ବଣ୍ଟନ, ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଅଧିକାର ପ୍ରଦାନ, ଶ୍ରମିକ କାର୍ଡ, ସିଏମ୍-କିଷାନ ସମେତ ଅନ୍ୟାନ୍ୟ ଯୋଜନାର ସୁବିଧା ପ୍ରଦାନ କରାଯିବ। ତୃତୀୟ ଦିନ 'ସୁଭଦ୍ରା ଶକ୍ତି ସମାବେଶ' ଆୟୋଜନ କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ମହିଳାମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣ, ଜୀବିକା ବିକାଶ, ଶିଶୁ ବିକାଶ ଓ ସରକାରୀ ଯୋଜନାର ସଫଳତା ଉପରେ ଆଲୋଚନା ହେବ।

### ଏଇଇଙ୍କ ନାଁରେ...

ପୈତୃକ ଘରେ ଭିଜିଲାନ୍ସ ଟିମ୍ ଚଢ଼ାଉ ଜାରି ରଖିଛି। ଏଥିସହ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ପୈତୃକ ଗାଁ ଜହଙ୍ଗର ଘରେ ବି ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଉଛି। ଏହି ଚଢ଼ାଉରେ ୭ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର, ୧୧ ଜଣ ଏଏସ୍‌ଆଇ ଓ ଅନ୍ୟ ଜଣେ କର୍ମଚାରୀ ସାମିଲ ଅଛନ୍ତି। ଶ୍ରୀ ସେଠୀଙ୍କର ଜଟଣୀରେ ବିଳାସପୂର୍ଣ୍ଣ ଫ୍ଲାଟ୍; ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜଟଣୀର ମାଧିପୁର ମୌଜାସ୍ଥିତ ହାଇଟେକ୍ ପ୍ଲାଜାର ୧ ହଜାର ବର୍ଗଫୁଟ୍ ବିଶିଷ୍ଟ ଏକ ୨-ବିଏଚ୍‌କେ ଫ୍ଲାଟ୍ ରହିଥିବା ଜଣାପଡ଼ିଛି। ସେହିପରି କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲ ଅନ୍ତର୍ଗତ ତାରାଗାଁ ମୌଜାରେ ୧୦.୦୩ ଏକର ଜମିରେ ଶ୍ରୀ ସେଠୀଙ୍କର ରହିଛି ଏକ ଫାର୍ମହାଉସ୍, ଯେଉଁଠି ଆମ୍ବ ଓ ୟୁକାଲିପଟାସ୍ ବଗିଚା ବି ରହିଛି। ଉକ୍ତ ମୌଜାରେ ମଧ୍ୟ ତାଙ୍କର ଆଉ ଏକ ୪.୩୫ ଏକର ଜମିରେ ବିସ୍ତୃତ ଫାର୍ମହାଉସ୍ ଠାବ କରାଯାଇଛି। ଆହୁରି କୋରାପୁଟ ଜିଲ୍ଲାର ଜୟପୁର, କୋରାପୁଟ, ବୋରିଗୁମ୍ମା, କୋଟପାଡ଼ ଓ ପଟ୍ଟାଙ୍ଗୀ ତହସିଲ ଅଧୀନରେ ତାଙ୍କର ୩୨ଟି ଦାମୀ ଜମି ଥିବାର ପ୍ରମାଣ ମିଳିଛି। ଭିଜିଲାନ୍ସର ବୈଷୟିକ ଟିମ୍ ଦ୍ୱାରା ଏହି ସମସ୍ତ ଫ୍ଲାଟ୍, ଫାର୍ମହାଉସ୍ ଏବଂ ପ୍ଲଟ୍‌ଗୁଡ଼ିକର ମାପଚୁପ ଓ ସରକାରୀ ମୂଲ୍ୟ ନିର୍ଦ୍ଧାରଣ କାର୍ଯ୍ୟ ଜାରି ରହିଛି। ସେହିପରି ଚଢ଼ାଉ ସମୟରେ ଶ୍ରୀ ମିଶ୍ରଙ୍କ ଘରୁ ୫ ଲକ୍ଷ ୪୮ ହଜାର ଟଙ୍କା ନଗଦ ଓ ୩୦୦ ଗ୍ରାମର ସୁନାଗହଣା ଜବତ କରାଯାଇଛି। ଏହାଛଡ଼ା ବିଭିନ୍ନ ବ୍ୟାଙ୍କ, ପୋଷ୍ଟାଲ୍ ଡିପୋଜିଟ୍ ଓ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନରେ କରାଯାଇଥିବା ପୁଞ୍ଜିନିବେଶର ଯାଞ୍ଚ ଚାଲିଛି। ଏହି ତଲାସୀ ଅଭିଯାନ ଶେଷ ହୋଇନଥିବାରୁ ଆଗକୁ ଆହୁରି ଅଧିକ ସମ୍ପତ୍ତି ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଜଗା ଦୁଆରେ...

ଦର୍ଶନ ପାଇଁ କାହିଁ କେତେଦୂରରୁ ଛୁଟିଆସୁଛନ୍ତି। ଏହାର ଫାଇଦା ନେଇ ଭକ୍ତମାନଙ୍କୁ ଠକିବା ପାଇଁ ଦଲାଲ୍‌ମାନେ ବେଶ୍ ସକ୍ରିୟ ହୋଇଛନ୍ତି। ତେବେ ଏହି ଦଲାଲ୍‌ମାନେ ଗ୍ୟାଙ୍ଗ ସୃଷ୍ଟି କରି ଏଭଳି କାର୍ଯ୍ୟ କରୁଥିବା ଭକ୍ତମାନେ ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ ପୁରୀ ଏସପି, ଜିଲ୍ଲାପାଳ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏଥିରେ ହସ୍ତକ୍ଷେପ କରି ଘଟଣା ପଛରେ କିଏ ମାଷ୍ଟରମାଇଣ୍ଡ ରହିଛି, ସେନେଇ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଭକ୍ତ ମହଲରେ ଦାବି ହେଉଛି।

### ଏନଡିଏ ହାତରେ...

ହେଉଥିବା ଚର୍ଚ୍ଚା ଅନୁଯାୟୀ, ୨୦୨୯ ପୂର୍ବରୁ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ଲୋକସଭାରେ ଆସନ ସଂଖ୍ୟା ୮୦୦ ଅତିକ୍ରମ କରାଇବା ସହ ବର୍ତ୍ତମାନ ଲୋକସଭାକୁ ୧୪ ପ୍ରତିଶତ ମହିଳା ପ୍ରତିନିଧିତ୍ୱ କରୁଥିବା ବେଳେ ଆଗକୁ ୩୩ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ କରିବାକୁ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇଛି। ଏଥିସହ ୟୁନିଫର୍ମ ସିଭିଲ କୋଡ୍ ବିଲ୍ ଏବଂ ଏକା ସାଙ୍ଗରେ ଲୋକସଭା ଓ ବିଧାନସଭା ନିର୍ବାଚନ କରାଇବା ସମ୍ପର୍କିତ ବିଲ୍ ମଧ୍ୟ ସଂସଦରେ ଉପସ୍ଥାପିତ କରାଯିବାକୁ ମୋଦି ସରକାର ଯୋଜନା କରିଥିବା ଜଣାପଡ଼ିଛି।

## ଫୁଟାନଡା ମନ୍ଦିରାପାରାରେ ବହୁ ବୃଦ୍ଧବୃଦ୍ଧା ଭତ୍ତାରୁ ବଞ୍ଚିତ



ରାଇଘର,୧୯।୬ (ସଂଚାର ବ୍ୟୁରୋ): ସରକାର ବୃଦ୍ଧବୃଦ୍ଧାଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଉଥିବା ବେଳେ ପଞ୍ଚାୟତ ଓ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କ ଅବହେଳା ଯୋଗୁଁ ବହୁ ଗରିବ ଅସହାୟ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଥିବା ଦେଖିବାକୁ ମିଳିଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି, ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ହଳଦୀ ପଞ୍ଚାୟତ ଅନ୍ତର୍ଗତ ଫୁଟାନଡା ଗ୍ରାମର ମନ୍ଦିରାପାରାର ବଳରାମ ହରିଜନ (୬୦), କବଲ ହରିଜନ (୭୦), ଦ୍ରୁପଦୀ ବିନ୍ଧାଣି (୬୮)। ଭତ୍ତା ପାଇବାରୁ ସେମାନେ ବଞ୍ଚିତ ଅଛନ୍ତି। ରାଇଘର ବ୍ଲକର ଅନେକ ପଞ୍ଚାୟତରେ ଗରିବ ଓ ଅସହାୟ ଲୋକ ଭତ୍ତା ନ ପାଇ ଯନ୍ତ୍ରଣାଦାୟକ ଜୀବନ ବିତାଉଛନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ଚାଉଳରେ ଗୁଜରାଣ ମେଣ୍ଟାଇବା କଷ୍ଟକର ହୋଇପଡୁଛି। ଏ ନେଇ ଭତ୍ତା ପାଇଁ ହଳଦୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅନେକ ଥର କାଗଜପତ୍ର ଦେଇଆସୁଥିବା ବେଳେ କୌଣସି ସୁଫଳ ମିଳୁନାହିଁ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଏସି କମ୍ପ୍ରେସର ଓ ତମ୍ବା ପାଇପ ଚୋରି



ହିଞ୍ଜିଳିକାଟୁ,୧୯।୬ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ସ୍ୱୟଂ ଶାସିତ ବିଜ୍ଞାନ ମହାବିଦ୍ୟାଳୟର ଉପର ମହଲାରୁ ୯ଟା ଏସିର ଆଉଟଡୋର ୟୁନିଟ୍ ଚୋରି ହୋଇଥିବା ନେଇ ଜଣାପଡିଛି। ଏନେଇ ଆଜି ମହାବିଦ୍ୟାଳୟର ଅଧ୍ୟକ୍ଷ ହରିହର ମୁନି ଥାନାରେ ଏକ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଆସି ତଦନ୍ତ ଆରମ୍ଭ କରିଛି। ଗ୍ରୀଷ୍ମ ଛୁଟି ପରେ ଗତ କାଲି କଲେଜ ଖୋଲିଥିବା ବେଳେ ଚୋରି ହୋଇଥିବା ନେଇ ଦେଖିବାକୁ ମିଳିଥିଲା। କଲେଜ ପରିସରରେ ରାତ୍ରୀ ଜଗୁଆଳି ନିୟୋଜିତ ରହିଥିଲେ ମଧ୍ୟ ଏହି ଚୋରି ହୋଇଥିବା ନେଇ ଜଣାପଡିଛି। କଲେଜ ପରିସର ଓ ଆଖପାଖ ସିସିଟିଭି ଫୁଟେଜକୁ ଯାଞ୍ଚ କରି ପୁଲିସ ତଦନ୍ତ ଜାରି ରଖିଛି।

### ବିଜେଡି ନେତାଙ୍କୁ ଗୁଳିଚାଳନା ଘଟଣା

## ନିର୍ଦ୍ଦୋଷରେ ଖଲାସ ହେଲେ ବିଭୁ ଚକ୍ର

ଆନନ୍ଦପୁର,୧୯।୬ (ସଂଚାର ବ୍ୟୁରୋ): ବହୁ ଚର୍ଚ୍ଚିତ ବିଜେଡି ନେତା ତଥା ସେତେବେଳର ବିଜୁ ଯୁବ ବାହିନୀ ସଭାପତି ଦିନେଶ ମିଶ୍ରଙ୍କୁ ଗୁଳିଚାଳନା ଘଟଣାରେ ଅଭିଯୁକ୍ତ ଥିବା ବିଭୁ ଚକ୍ରଙ୍କୁ କେନ୍ଦୁଝର ସ୍ୱତନ୍ତ୍ର ସହକାରୀ ଦୌରାଜଜ୍ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୮ ମସିହା ମେ ୪ ତାରିଖରେ ଢେଙ୍କିକୋଟସ୍ଥିତ ନିଜ ଦୋକାନରେ ଥିବା ବେଳେ ଦିନେଶ ମିଶ୍ରଙ୍କ ଉପରେ ବିଭୁ ଚକ୍ର ଗୁଳିଚାଳନା କରିଥିବା ନେଇ ଘଟଗାଁ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ବିଭୁ ଚକ୍ର ଉଚ୍ଚ ନ୍ୟାୟାଳୟରୁ ଆଗୁଆ ଜାମିନ ପାଇଥିବାରୁ ଗିରଫ ହୋଇନଥିଲେ। ଦୀର୍ଘ ଆଠ ବର୍ଷ ଧରି ଏହି ମାମଲାର ଶୁଣାଣି ଚାଲିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ବିଚାର କରି କେନ୍ଦୁଝର ସ୍ୱତନ୍ତ୍ର ସହକାରୀ ଦୌରାଜଜ୍ ଶ୍ରୀମତୀ ସୁଚେତା କୃପାଳିନୀ ରାୟ ପ୍ରକାଶ କରି ବିଭୁ ଚକ୍ରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

### କୁଲଡିହା ହାତୀର ଉପଦ୍ରବ

## ଖାଦ୍ୟାଭାବରୁ ଘରବାଡ଼ିରେ ହାତୀ ପଶି ପଣସ ଖାଇବାକୁ ନେଇ ଆତଙ୍କିତ ଗ୍ରାମବାସୀ



ନୀଳଗିରି,୧୯।୬ (ସଂଚାର ବ୍ୟୁରୋ): କୁଲଡିହା ଅଭୟାରଣ୍ୟ ଖାଦ୍ୟ ଅଭାବ ଯୋଗୁଁ ହାତୀ ଅଧ ରାତ୍ରିରେ ଜଙ୍ଗଲରୁ ବାହାରି ଗାଁ ମୁହାଁ ବାରମ୍ବାର ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାଇ ଗତକାଲି ବିଳମ୍ବିତ ରାତ୍ରିରେ କୁଲଡିହା ଅଭୟାରଣ୍ୟରୁ ଏକ ଦନ୍ତା ହାତୀ ଗ୍ରାମ ମୁହାଁ ହୋଇଥିଲା। ଦେବଗିରି ପାହାଡ଼ରୁ ବାହାରି ବାଉଁଶବଣିଆ ପଞ୍ଚାୟତ ହାଟସାହି ଗ୍ରାମରେ ପ୍ରବେଶ କରି ଦେବାଶିଷ ପାଣିଙ୍କ ବାଡ଼ିରେ ପଶି ପଣସ ଖାଉଥିବାର ଭିଡିଓ ସିସି କ୍ୟାମେରାରେ କଏଦ ହୋଇଥିଲା। ଏହା ପଚାର ହେବା କ୍ଷଣି ନୀଳଗିରି ରେ ଚର୍ଚ୍ଚା ହୋଇଛି।

ସୂଚନାଯୋଗ୍ୟ ସରକାର କୁଲଡିହା ଅଭୟାରଣ୍ୟରେ ବନ୍ୟଜନ୍ତୁ ମାନଙ୍କ ପାଇଁ ଜଙ୍ଗଲରେ ଆମ୍ବ, ପଣସ, କଦଳୀ, ଆଖୁ ଓ ଘାସ ରୋପଣ କରିବା ପାଇଁ ବ୍ୟବସ୍ଥା କରିଥିଲେ ମଧ୍ୟ ତାହା କାଗଜ କଲମରେ ସୀମିତ ହୋଇଛି। ଅଧିକାରୀମାନେ ତାର ହିସାବ ଦେଇ ଲକ୍ଷ ଲକ୍ଷ ଟଙ୍କା ଲୁଟ କରୁଛନ୍ତି। ନିଜେ ଠିକାଦାର ନିଜେ ଇଂଜିନିୟର ହୋଇ ବିଲ୍ କରି ନେଉଥିବା ସହଜ ହେଉଅଛି। ଏଠି ଗାଁ ଲୋକ ହନ୍ତସନ୍ତ ହେଉଥିବା ବେଳେ ଜଙ୍ଗଲ ବିଭାଗ ମାଲେମାଲ ହେଉଛି। ସାଧାରଣରେ ଲୋକେ କହୁଛନ୍ତି ସରକାର ବଦଳିଲା ସତ ଅଫିସରଙ୍କ ମାନସିକତା ବଦଳି ଲା ନାହିଁ।

### ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳରେ କୋଟି ଟଙ୍କାର ବିକାଶ କେବଳ କାଗଜକଲମରେ

# ଭୋଟ୍ ବେଳେ ପ୍ରତିଶ୍ରୁତି, ହିସାବ ଦେବେ କେବେ ?

### ୪ ବର୍ଷ ପରେ ବି ୧୫ ପଞ୍ଚାୟତରେ ଖର୍ଚ୍ଚର ହିସାବ ନାହିଁ

### ମନରେଗାରେ ଜେସିବି ଚାଲିଲା, ରାସ୍ତା ଫାଟି ଆଁ କଲାଣି, ଆଲୋକ ବନ୍ଦ




କାକଟପୁର/ଅସ୍ତରଙ୍ଗ,୧୯।୬ (ସଂଚାର ବ୍ୟୁରୋ): ପଞ୍ଚାୟତ ନିର୍ବାଚନକୁ ୪ ବର୍ଷ ବିତିଲାଣି। ଲୋକେ ବିଶ୍ୱାସ କରି ନିଜ ପଞ୍ଚାୟତର ଜନପ୍ରତିନିଧି ବାଛିଥିଲେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅଧୀନ ୧୫ ପଞ୍ଚାୟତରେ ନୂଆ ସରପଞ୍ଚ, ସମିତି ସଭ୍ୟ ଆସିଥିଲେ। ପ୍ରତିଶ୍ରୁତି ଥିଲା - ଗାଁକୁ ରାସ୍ତା, ରାତିକୁ ଆଲୋକ, ସ୍କୁଲ୍‌କୁ ସୁବିଧା, ବାତ୍ୟା ଆଶ୍ରୟସ୍ଥଳୀକୁ ସୁରକ୍ଷା।

୪ ବର୍ଷ ପରେ ପ୍ରଶ୍ନ ଉଠୁଛି - ପ୍ରତିଶ୍ରୁତି କେଉଁଠି? ସରକାରୀ ତହବିଲରୁ ରାସ୍ତା, ଆଲୋକୀକରଣ, ୫ଟି ସ୍କୁଲ୍, ବାତ୍ୟା ଆଶ୍ରୟସ୍ଥଳୀ ମରାମତି, ବୃକ୍ଷରୋପଣ, ମନରେଗାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କାଗଜରେ ଦେଖାଯାଉଛି। କିନ୍ତୁ ଗାଁ ଦାଣ୍ଡରେ ଚାଲିଲେ ସେ ବିକାଶ ନଜରକୁ ଆସୁନି।

"ଶ୍ରମିକ ପାଇଲା ନାହିଁ, ଗାଁ ଦଲାଲ୍ ନେଇଗଲା" - ଏଇଟା ଏବେ ଗାଁ ଗାଁର କଥା। ମନରେଗାରେ ଜେସିବି ଚାଲିଲା, ଗରିବ ହାତକୁ ପଇସା ଆସିଲା ନାହିଁ। ରାସ୍ତା କାମ ୪ ବର୍ଷ ହୋଇନି ଫାଟିଲାଣି। ଆଲୋକ ଖୁଣ୍ଟି ଲାଗିଲା, ରାତିରେ ବିଜୁଳି ନାହିଁ।

ଲୋକଙ୍କ ଦାବି ସ୍ୱଚ୍ଛତା। "କେଉଁ ପଞ୍ଚାୟତରେ କେତେ ଟଙ୍କା ଆସିଲା? କେଉଁ କାମରେ କେତେ ଖର୍ଚ୍ଚ ହେଲା? କଣ୍ଟ୍ରାକ୍ଟର କିଏ? କାମର ଫଟୋ କେଉଁଠି?" ପଞ୍ଚାୟତରାଜ୍ ଆଇନ୍ କହୁଛି ଗ୍ରାମସଭାରେ ସାମାଜିକ ଅଡିଟ୍ ହେବ। କିନ୍ତୁ ୪ ବର୍ଷ ହେଲା ହିସାବ ସାମ୍ନାକୁ ଆସୁନି। ଗଣତନ୍ତ୍ର ମୂଳ ମନ୍ତ୍ର ହେଲା ଜବାବଦିହିତା। ଭୋଟ୍ ନେବା ପରେ ହିସାବ ଦେବା ଜନପ୍ରତିନିଧିଙ୍କ ଧର୍ମ। ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳର ଲୋକେ ଏବେ ସେଇ ଧର୍ମ ପାଳନ ମାଗୁଛନ୍ତି। କେବେ ତଦନ୍ତ ହେବ? କେବେ ଖୋଲା ଚାର୍ଟ ଆସିବ?

## ବିଶାଳକାୟ ଅହିରାଜ ସାପ ଉଦ୍ଧାର



ନୀଳଗିରି,୧୯।୬ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଅଧିନସ୍ଥ ଗରଡ଼ି ପଞ୍ଚାୟତ ବାଲିଆନାଳ ଗ୍ରାମର ବନା ମାରାଣ୍ଡି ଘରେ, ବିଶାଳକାୟ ଅହିରାଜ ସାପ ଉଦ୍ଧାର କରାଯାଇଛି। ସୂଚନା ଯୋଗ୍ୟ ଆଜି ସନ୍ଧ୍ୟାରେ ତାଙ୍କ ଘର ଭିତରେ ଅହିରାଜ ସାପ ପଶି ଗର୍ଜନ କରୁଥିବା ପରିବାର ଲୋକ ଜାଣିପାରି ଭୟଭିତ ହୋଇଥିଲେ। ଖବର ପାଇ ସ୍ନେକ ହେଲ୍ପଲାଇନର ସଦସ୍ୟ ହରେକୃଷ୍ଣ ରାଉତ ଓ କାର୍ତ୍ତିକ ସେଠି ପହଁଚି ନିକଟସ୍ଥ ବାଲିଆନାଳ ବିଟ୍ ହାଉସ୍ ଦାୟିତ୍ୱରେ ଥିବା ଫରେଷ୍ଟ ଗାର୍ଡ ତଥା ବନକର୍ମଚାରୀଙ୍କ ଉପସ୍ଥିତିରେ ୧୨ଫୁଟ ଲମ୍ବର ବିଶାଳକାୟ ଅହିରାଜ ସାପକୁ ଉଦ୍ଧାର କରି ନିକଟସ୍ଥ କୁଲଡିହା ଜଙ୍ଗଲରେ ଛାଡିଥିବା ଜଣାପଡିଛି।

## ବେଲାଣପୁରରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧିତ ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ




ବେତନଟୀ,୧୯।୬ (ସଂଚାର ବ୍ୟୁରୋ): ବେତନଟୀ ବ୍ଲକ୍ ଅନ୍ତର୍ଗତ ପାଟୋଲିପୁରା ଗ୍ରାଃ ପ ଅଧିନସ୍ଥ ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ଫୋର୍ଡ, ଜିଲ୍ଲା ପ୍ରଶାସନ ଓ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ମିଳିତ ଆନୁକୂଲ୍ୟରେ ସାମୂହିକ ଅଭ୍ୟାସ (ମକ ଡ୍ରିଲ) ଅନୁଷ୍ଠିତ ହୋଇଥିଲା।

ଏଥିରେ ବିଭିନ୍ନ ପ୍ରକାର ବିପର୍ଯ୍ୟୟରୁ କିଭଳି ରକ୍ଷା ପାଇବା ଓ ନିଜେ ନିଜକୁ ରକ୍ଷା କରି ଅନ୍ୟ ମାନଙ୍କୁ ସାହାଯ୍ୟ କରିବା ସେ ବିଷୟରେ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶିତ କରାଇଥିଲେ। ଏନଡିଆରଏଫ ଦ୍ୱାରା ବିପର୍ଯ୍ୟୟ ବିଷୟରେ ଯନ୍ତ୍ରପାତି ପ୍ରଦର୍ଶିତ କରି ସମସ୍ତଙ୍କୁ ଦେଖାଇ ଥିଲେ। ଏ ବର୍ଷ ଡକ୍ଟର ରମାକାନ୍ତ ମହାନ୍ତଙ୍କୁ 'ପରିବେଶ ସୁରକ୍ଷା' ସମ୍ମାନରେ ମାନପତ୍ର, ଉପଢୌକନ ଓ ଗୋଟିଏ ଫଳ ଗଛ ପ୍ରଦାନ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ରାଜ ପ୍ରତିନିଧି, ସରକାରଙ୍କର ବିଭିନ୍ନ ବିଭାଗର ଅଧିକାରୀ, ଅଙ୍ଗନବାଡି ଓ ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ ଗୋଷ୍ଠୀ, ଛାତ୍ର ଛାତ୍ରୀ ଓ ଜନସାଧାରଣ ଉପସ୍ଥିତ ହୋଇଥିଲେ। ଏଭଳି କାର୍ଯ୍ୟକ୍ରମ ବର୍ଷକୁ ୩ ରୁ ୪ ଥର କରିବା ପାଇଁ ଜନସାଧାରଣ ସରକାରଙ୍କୁ ଅନୁରୋଧ କରିଥିଲେ। ଆଗାମୀ ବନ୍ୟା ବାତ୍ୟା ପାଇଁ କିଭଳି ପଦକ୍ଷେପ ନିଆଯାଇପାରିବ ପରବର୍ତ୍ତୀ ସମୟରେ ଏକ ଯୋଜନା କରାଯିବା ପାଇଁ ସ୍ଥିର କରାଗଲା।

# ଜକା ଗ୍ରାମରେ ୭ ପରିବାରକୁ ସାମାଜିକ ବାସନ୍ଦ

### ନିଆଁ-ପାଣି ବନ୍ଦ ସହ ଜାତିଆଣ ଆକ୍ଷେପ

### ଥାନାରେ ମାମଲା, ଜିଲ୍ଲାପାଳଙ୍କୁ ଅଭିଯୋଗ



ଢେଙ୍କାନାଳ,୧୯।୬ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ତୁମୁସିଙ୍ଗା ଥାନା ଅନ୍ତର୍ଗତ ଜକା ଗ୍ରାମରେ ସାମାଜିକ ବାସନ୍ଦକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମର ୭ଟି ପରିବାରକୁ କେତେକ ଗ୍ରାମବାସୀ ସାମାଜିକ ଭାବେ ବାସନ୍ଦ କରିଥିବା ଅଭିଯୋଗ ହୋଇଛି। ଏହା ସହିତ ସେମାନଙ୍କ ବିରୋଧରେ ଯାତିଆଣ ଆକ୍ଷେପ କରାଯାଇଥିବା ବେଳେ ନିଆଁ-ପାଣି ବନ୍ଦ କରିଦିଆଯାଇଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି।

ଅଭିଯୋଗ ଅନୁସାରେ, ଗ୍ରାମର କିଛି ପ୍ରଭାବଶାଳୀ ବ୍ୟକ୍ତି ଏକତ୍ରିତ ହୋଇ ୭ଟି ପରିବାରକୁ ଗ୍ରାମର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରୁ ଦୂରେଇ ରଖିବା ସହ ସେମାନଙ୍କ ସହ କୌଣସି ପ୍ରକାର ସମ୍ପର୍କ ନ ରଖିବାକୁ ଫତୁଆ ଜାରି କରିଥିଲେ। ଫଳରେ ଉକ୍ତ ପରିବାରଗୁଡ଼ିକ ଦୈନନ୍ଦିନ ଜୀବନରେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି।

ପୀଡ଼ିତ ପରିବାରଙ୍କ ଅଭିଯୋଗ ମୁତାବକ, ସେମାନଙ୍କୁ ସର୍ବସାଧାରଣ ସୁବିଧା ବ୍ୟବହାରରେ ବାଧା ଦିଆଯାଉଛି। ଏପରିକି ଜାତିକୁ ନେଇ ଅପମାନଜନକ ମନ୍ତବ୍ୟ କରାଯିବା ସହ ସାମାଜିକ ଭାବେ ହଇରାଣ ହରକତ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି।

ଘଟଣାକୁ ନେଇ ପୀଡ଼ିତ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଥିବା ବେଳେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବୟାନ ରେକର୍ଡ କରାଯାଉଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ, ନ୍ୟାୟ ଓ ସୁରକ୍ଷା ଦାବିରେ ପୀଡ଼ିତ ପରିବାରମାନେ ଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି।

# ଖଡ଼ିପାଳ ବ୍ରାହ୍ମଣୀ ପୋଖରୀ ଖନନରେ ଘୋଟାଲା

### ସୂଚନା ଫଳକ ଲିଭାଇ ତଥ୍ୟ ଲୁଚାଯାଉଛି

### ପୋଖରୀ ଖନନ ପାଇଁ ପିଚୁ ରାସ୍ତା ନିର୍ମାଣରେ ବାଧା



ଆନନ୍ଦପୁର,୧୯।୬ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ମୋଚିନ୍ଦା ପଞ୍ଚାୟତ ଅନ୍ତର୍ଗତ ଖଡ଼ିପାଳ ଗ୍ରାମରେ ଥିବା ବ୍ରାହ୍ମଣୀ ପୋଖରୀର ଖନନ କାର୍ଯ୍ୟକୁ ନେଇ ଉଠିଛି ଅନିୟମିତତାର ଅଭିଯୋଗ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ପୋଖରୀ ଖନନ ପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। କିନ୍ତୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କାମର ସ୍ୱଚ୍ଛତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ପୋଖରୀ ନିକଟରେ ଲଗାଯାଇଥିବା ସୂଚନା ଫଳକକୁ ଭାଙ୍ଗି ଦିଆଯାଇଥିବାରୁ ପ୍ରକଳ୍ପର ପ୍ରକୃତ ତଥ୍ୟ ଲୁଚାଯାଉଥିବା ସନ୍ଦେହ ପ୍ରକାଶ ପାଇଛି। କିଏ ଏବଂ କାହିଁକି ସୂଚନା ଫଳକ ଭାଙ୍ଗିଲା, ତାହାକୁ ନେଇ ଉଠିଛି ପ୍ରଶ୍ନ।

ଅନ୍ୟପଟେ ପୋଖରୀ ଖନନ ପାଇଁ ପ୍ରାୟ ଦୁଇଶହ ମିଟର ପିଚୁ ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ଗ୍ରାମବାସୀଙ୍କ ବ୍ୟବହାର ପାଇଁ ଗାଧୁଆ ତୁଠ ନିର୍ମାଣ ହୋଇନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସରକାରୀ ଅର୍ଥରେ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଓ ଜବାବଦେହିତା ରହିବା ଆବଶ୍ୟକ ଥିବାବେଳେ, ବ୍ରାହ୍ମଣୀ ପୋଖରୀ ଖନନ କାର୍ଯ୍ୟକୁ ନେଇ ଉଠିଥିବା ଏହି ଅଭିଯୋଗର ନିରପେକ୍ଷ ତଦନ୍ତ କରାଯିବା ସହ ଅଧାରେ ଅଟକି ଥିବା ରାସ୍ତା କାମ ନିର୍ମାଣ ଶୀଘ୍ର ସାରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ତେବେ ବ୍ରାହ୍ମଣୀ ପୋଖରୀ ଖନନରେ ପ୍ରକୃତରେ ଅନିୟମିତତା ହୋଇଛି କି, ନା ଏହି ଅଭିଯୋଗ ଭିତ୍ତିହୀନ? ସୂଚନା ଫଳକ ଭାଙ୍ଗିବା ପଛରେ କାହାର ହାତ ରହିଛି? ଏସବୁ ପ୍ରଶ୍ନର ଉତ୍ତର ଦେବ ବିଭାଗୀୟ ତଦନ୍ତ। ଏବେ ଦେଖିବାକୁ ବାକି ରହିଲା, ଜିଲ୍ଲା ପ୍ରଶାସନ ଏହି ଘଟଣାକୁ କେତେ ଗୁରୁତ୍ୱର ସହ ନେଉଛି।

## କଳିକା କେନ୍ଦ୍ର ସେବିକାଙ୍କ ପ୍ରଶିକ୍ଷଣ ଶିବିର ଓ କ୍ଷେତ୍ର ପରିଦର୍ଶନ




ସୁନ୍ଦରଗଡ,୧୯।୬ (ସଂଚାର ବ୍ୟୁରୋ): ଶ୍ରମଜିବୀ ମା'ମାନେ ତାଙ୍କର ୬ ମାସରୁ ୩ ବର୍ଷର ପିଲାମାନଙ୍କୁ ଏକ ସୁରକ୍ଷିତ ଓ ନିରାପଦ ପରିବେଶରେ ରଖି ନିଜ କାର୍ଯ୍ୟ କ୍ଷେତ୍ରକୁ ଯାଇପାରିବେ ସେ ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିବା "କଳିକା କେନ୍ଦ୍ର" ପ୍ରକଳ୍ପ ଅନ୍ତର୍ଗତରେ ଏକ ତ୍ରିଦିବସୀୟ ପୁନଃ ପ୍ରଶିକ୍ଷଣ ଶିବିର ଓ ଏକ ଦିବସୀୟ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଏହି ତାଲିମ କାର୍ଯ୍ୟକ୍ରମ ଆଞ୍ଚଳିକ ସାଧନ କେନ୍ଦ୍ର ମହୁଲପାଳିରେ ଜୁନ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପୁନଃ ପ୍ରଶିକ୍ଷଣ ସହିତ ଏକ ଦିବସୀୟ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଟାଙ୍ଗରପାଲି ବ୍ଲକର ନିଆଳିପାଲି ଓ ସୁରଡାରେ ଅନୁଷ୍ଠିତ ହୋଇଥିଲା। ଯେଉଁଠାରେ ସେବିକାମାନେ ପ୍ରୟୋଗାତ୍ମକ ଅନୁଭବ ଓ ଶ୍ରେଷ୍ଠ ପଦ୍ଧତି ବିଷୟରେ ଅଭ୍ୟାସ କରିଥିଲେ।

ଏହି ତାଲିମରେ କଳିକା କେନ୍ଦ୍ରର ଉଦ୍ଦେଶ୍ୟ, ଆବଶ୍ୟକତା, ସେବିକାଙ୍କ ଭୂମିକା, ଶିଶୁ ବିକାଶ, ପୋଷଣ, ସ୍ୱାସ୍ଥ୍ୟ ପ୍ରୋଟୋକଲ, ଖେଳ ଆଧାରିତ ଶିକ୍ଷା ଓ ରେକର୍ଡ ରଖିବା ପ୍ରଣାଳୀ ବିଷୟରେ ବିସ୍ତୃତ ତାଲିମ୍ ଦିଆ ଯାଇଛି।

# କନ୍ଧମାଳ ସରପଞ୍ଚ ମହାସଂଘ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର




ଫୁଲବାଣୀ,୧୯।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ମହାକାଳପଡା ପଞ୍ଚାୟତ ସମିତି ଅଧୀନସ୍ଥ ତିଖିରି ଗ୍ରାମ ପଞ୍ଚାୟତର ଚାମେଲି ଓଝା ପ୍ରତି ହୋଇଥିବା ଅମାନୁଷିକ କାର୍ଯ୍ୟକଳାପକୁ ନ୍ୟାୟ ଦେବା ନିମନ୍ତେ କନ୍ଧମାଳ ଜିଲ୍ଲା ସରପଞ୍ଚ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।

ଗତ ଜୁନ ୧୧ ତାରିଖରେ ଦିନ କେନ୍ଦ୍ରାପଡା ଜିଲ୍ଲା ତିଖୁରି ଗ୍ରାମ ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିବା ନିମନ୍ତେ ବିଡ଼ିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କ ଗ୍ରାମ ପଞ୍ଚାୟତର କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଉନଥିବାର ଅଭିଯୋଗ କରୁଥିବା ସମୟରେ ମହାକାଳପଡାର ବିଧାୟକଙ୍କର ସମର୍ଥକ ୧୦/୧୫ ଜଣ ଚାମେଲିଓଝାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏହି ଘଟଣା ପଛରେ ମହାକାଳପଡା ବିଡ଼ିଓ ଓ ଥାନା ଅଧିକାରୀଙ୍କର ଦୃଢ଼ ସମର୍ଥନ ରହିଥିବାର ଚାମେଲି ଓଝା ଅଭିଯୋଗ କରିଛନ୍ତି। ଚାମେଲି ଓଝା ଗୁଣ୍ଡାମାନେ ତାଙ୍କୁ ହତ୍ୟା ଓ ଧର୍ଷଣ କରିବାରେ ଧମକ ଦେଇ ଥିଲେ ସୁଦ୍ଧା ପୋଲିସ ସେଠାରେ ନୀରବ ଦ୍ରଷ୍ଟା ସାଜିଥିଲା।

ଏହି ସବୁ ଘଟଣାକୁ ଚାମେଲିଓଝା ତାଙ୍କ ମୋବାଇଲ ଫୋନରେ ରେକର୍ଡିଙ୍ଗ କରୁଥିବା ସମୟରେ ତାଙ୍କ ଠାରୁ ବଳ ପୂର୍ବକ ମୋବାଇଲ ଫୋନ ଛଡାଇ ନେବାକୁ ଉଦ୍ୟମ କରିଥିଲେ ପରେ ପୁଲିସ ତାଙ୍କୁ ଓ ତାଙ୍କ ଭାଇଙ୍କୁ ଥାନାକୁ ବଳ ପୂର୍ବକ ନେଇ ଯାଇଥିଲେ। ଚାମେଲିଓଝାଙ୍କୁ ନେବା ସମୟରେ ୩ ଜଣ ମହିଳା କନେଷ୍ଟବଳ ଛାତିରେ ଓ ପିଠିରେ ମାଡ ମାରିଥିଲେ। ଜଣେ ନିର୍ବାଚିତ ମହିଳା ପ୍ରତିନିଧିଙ୍କ ପ୍ରତି ପୁଲିସର ଏଭଳି ଆକ୍ରୋଶ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ କନ୍ଧମାଳ ସରପଞ୍ଚ ସଂଘ ଦୃଢ଼ ନିନ୍ଦା କରୁଅଛି।

ଏଣୁ ସମସ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରିଛି କନ୍ଧମାଳ ଜିଲ୍ଲା ସରପଞ୍ଚ ମହାସଂଘ।

## ଧାମନଗର ଇସଲାମିକ ନୂତନ ବର୍ଷ ପାଳିତ

ଧାମନଗର,୧୯।୬ (ସଂଚାର ବ୍ୟୁରୋ): ପବିତ୍ର ମହରମ ମାସ ହେଉଛି ଇସଲାମିକ ଧର୍ମର ନୂତନ ବର୍ଷ। ଧାମନଗର ଅଞ୍ଚଳରେ ଜସନେ୍ ୟାଦେ-ହୋସେନଙ୍କ ସ୍ମୃତି ଉଦ୍ଦେଶ୍ୟ ତଥା ଏହି ନୂତନ ବର୍ଷ ପାଳନ ଅବସରରେ ବୁଧବାର ଏନ୍ ଏ ସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ଅଧିନ ପଠାଣ ମହିଳା ଗ୍ରାମ ସ୍ଥିତ ବଡେ ଖାନ ଗାଜିବାବାଙ୍କ ଆସ୍ତାନା ପ୍ରାଙ୍ଗଣରେ ରାତି ପ୍ରାୟ ୯ଟା ସମୟରେ ଜଲସା କାର୍ଯ୍ୟକ୍ରମ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ୟାଦେ-ହୋସେନ କମିଟି ତରଫରୁ ଆୟୋଜିତ ଜଲସା କାର୍ଯ୍ୟକ୍ରମ ମୌଲାନା ସେକ ସାହାବୁଦ୍ଦିନଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ଖାନକା ସରିଫ ମତଓଲ୍ଲି ସୟଦ ହବିବ୍ ରଜା ହବିବି ଯୋଗ ଦେଇ ଇସଲାମିକ ନୂତନ ବର୍ଷ ଏବଂ ଜସନେ୍ ୟାଦେ-ହୋସେନଙ୍କ ସ୍ମୃତି ଓ ତାଙ୍କ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଏଥିରେ ମୌଲାନା ସାଦାତ ହୋସେନ, ମୌଲାନା ମସକୁର, ମୌଲାନା ମୋବାରକ ହୋସେନ ମୋବାରକ, ସମସେ ତବରେଜ (ଗିରୀଡି), ସାହିଦ ରଜା ହବିବି, ସାଓନ ରଜା ହସନ ପ୍ରମୁଖ ଜଲସା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗ୍ରାମର ମୁରବି ତଥା ଉପଦେଷ୍ଟା ଗୋଲାମ ଜିଲାନି ହବିବି, ସେକ ଜାଫର ଅଲ୍ଲୀ ଉପସ୍ଥିତ ଥିବା ବେଳେ କମିଟି ସଭାପତି ସେକ ସମିମ, ସମ୍ପାଦକ ସେକ ଏନଜାମୁଲ,ବେସାରତ ଖାଁ ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ତେବେ ଧାମନଗର ବିଭିନ୍ନ ସ୍ଥାନରେ ଏହି ଇସଲାମିକ ନବବର୍ଷ ମହା ଆଡମ୍ବରରେ ପାଳନ କରାଯାଇଛି।

# ଦେଶୀ ମଦ ଦୋକାନ ସ୍ଥାପନକୁ ନେଇ ତୀବ୍ର ଜନଅସନ୍ତୋଷ



- ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ
- ଜନସ୍ୱାର୍ଥ ବିରୋଧୀ ନିଷ୍ପତ୍ତି ବୋଲି ଅଭିଯୋଗ

ଖୋରଧା,୧୯।୬ (ସଂଚାର ବ୍ୟୁରୋ): ଖୋରଧା ପୌରପରିଷଦ ଅଧିନସ୍ଥ ୱାର୍ଡ ନଂ-୨୦ (ତଳସାହି) ଅଞ୍ଚଳରେ ପ୍ରସ୍ତାବିତ ଦେଶୀ ମଦ ଦୋକାନ ସ୍ଥାପନକୁ ନେଇ ଏବେ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି। ସହରର ଶାନ୍ତ ପରିବେଶ, ଶିକ୍ଷାନୁଷ୍ଠାନ, ଧାର୍ମିକ ସ୍ଥଳ ଏବଂ ଜନବସତି ମଧ୍ୟରେ ମଦ ଦୋକାନ ସ୍ଥାପନ ପାଇଁ ଉଦ୍ୟମ ଚାଲିଥିବା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ବୃଦ୍ଧି ପାଇଛି। ଏହାର ପ୍ରତିବାଦ ସ୍ୱରୂପ ଅଞ୍ଚଳବାସୀ ଏକତ୍ରିତ ହୋଇ ଖୋରଧା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହିତ ଉକ୍ତ ପ୍ରସ୍ତାବକୁ ତୁରନ୍ତ ବାତିଲ କରିବାକୁ ଦାବି ଅନୁରୋଧ କରିଛନ୍ତି।

ପ୍ଲଟ ନଂ ୪୫୭/୫୩୧/୬୧୭୫, ୪୫୭/୫୩୧ ଏବଂ ଖାତା ନଂ -୬୪୮/୩୦୦୫, ୬୪୮/୨୦୬୩ ପ୍ଲଟ ନଂ - ୪୫୭/୫୦୭୯,୪୫୭/୫୩୧୬ ରେ ଏକ ଦେଶୀ ମଦ ଦୋକାନ ସ୍ଥାପନ ପାଇଁ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। କିନ୍ତୁ ଏହି ସ୍ଥାନର ଚାରିପାଖରେ ଶତାଧିକ ପରିବାର ବସବାସ କରୁଥିବା ବେଳେ ନିକଟରେ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ମନ୍ଦିର ଓ ଅନ୍ୟାନ୍ୟ ସାର୍ବଜନୀନ ପ୍ରତିଷ୍ଠାନ ରହିଥିବାରୁ ଏଠାରେ ମଦ ଦୋକାନ ଖୋଲିବା ଜନସ୍ୱାର୍ଥ ବିରୋଧୀ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଏକ ଶାନ୍ତିପୂର୍ଣ୍ଣ ପରିବେଶ ପାଇଁ ପରିଚିତ। ଯଦି ଏଠାରେ ମଦ ଦୋକାନ ଖୋଲାଯାଏ, ତେବେ ମଦ୍ୟପାନକାରୀଙ୍କ ଭିଡ଼ ବୃଦ୍ଧି ପାଇବା ସହିତ ସାମାଜିକ ଅସୁରକ୍ଷା, ଝଗଡ଼ା, ଅଶାନ୍ତି ଓ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାର ଆଶଙ୍କା ରହିଛି। ରାଜସ୍ୱ ସଂଗ୍ରହ ପାଇଁ ଲୋକଙ୍କ ସାମାଜିକ ସୁରକ୍ଷାକୁ ବିପଦରେ ପକାଇବା ଉଚିତ ନୁହେଁ ବୋଲି ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ କହିଛନ୍ତି।

ଯଦି ପ୍ରଶାସନ ସେମାନଙ୍କ ଦାବିକୁ ଅଣଦେଖା କରେ, ତେବେ ସେମାନେ ଆଇନସମ୍ମତ ଏବଂ ଗଣତାନ୍ତ୍ରିକ ଉପାୟରେ ବୃହତ୍ତର ଜନଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

## ବିପର୍ଯ୍ୟୟ ପରିଚାଳନା ମକ୍ ଅଭ୍ୟାସ ଉଦ୍‌ଯାପିତ




ବାରିପଦା,୧୯।୬ (ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱରଙ୍କ ସହଯୋଗରେ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୁରଭଞ୍ଜଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୦ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ବିପର୍ଯ୍ୟୟ ପରିଚାଳନା ମକ୍ ଅଭ୍ୟାସ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ପ୍ରସ୍ତୁତି, ସମନ୍ୱୟ ଓ ପ୍ରତିକ୍ରିୟା ବ୍ୟବସ୍ଥାର କାର୍ଯ୍ୟକ୍ଷମତାର ଆକଳନ କରିବା।

ଏଥିରେ ଉଦ୍ଧାରକାରୀ ଦଳ ସ୍ଥାନାନ୍ତର ପ୍ରକ୍ରିୟା, ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଓ ଜରୁରୀକାଳୀନ ଚିକିତ୍ସା ସେବାର ପ୍ରଦର୍ଶନ କରିଥିଲେ। ଆହତମାନଙ୍କୁ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ବେଳେ ପ୍ରତିକ୍ରିୟାକାରୀ ସଂସ୍ଥାମାନଙ୍କ ମଧ୍ୟରେ ଜରୁରୀକାଳୀନ ଯୋଗାଯୋଗ ବ୍ୟବସ୍ଥାର ମଧ୍ୟ ପରୀକ୍ଷଣ କରାଯାଇଥିଲା।

ଏହି ମକ୍ ଅଭ୍ୟାସରେ ଅଗ୍ନିଶମ ସେବା, ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ୍ ଫୋର୍ସ, ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍‌ଡିଆର୍‌ଏଫ୍), ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିପର୍ଯ୍ୟୟ ପ୍ରସ୍ତୁତି, ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ଏବଂ ଜରୁରୀ ପରିସ୍ଥିତିରେ ଅନୁସରଣୀୟ ସୁରକ୍ଷା ପ୍ରୋଟୋକଲ୍ ସମ୍ପର୍କରେ ସଚେତନ କରାଯାଇଥିଲା।

## କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା

ଫୁଲବାଣୀ,୧୯।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ବପଲମେଣ୍ଡି (ଏଲ୍) ଗ୍ରାମ ପଞ୍ଚାୟତର ଗରେନଢ଼ିପ ଗ୍ରାମର ଗଣେଶ୍ୱର ମଲ୍ଲିକ (୩୩) ପରିବାର ସହିତ ବଚସା ହେବାରୁ ରାତ୍ର ସମୟରେ ଘରେ ରଖିଥିବା କିଟନାଶକ ପିଇ ଦେଇଥିଲା। ପରିବାର ଲୋକେ ଗଣେଶ୍ୱରଙ୍କୁ ପ୍ରଥମେ ଗୁମାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇଥିଲେ। ଗଣେଶ୍ୱରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ସେଠାରେ ଚିକିତ୍ସିତ ଅବସ୍ଥାରେ ଗଣେଶ୍ୱରଙ୍କ କାଲି ମୃତ୍ୟୁ ଘଟିଥିଲା।

ଏନେଇ ଗଣେଶ୍ୱରଙ୍କ ଭାଇ ଟିକାବାଲି ଥାନା ଅଧୀନରେ ଥିବା ଲାଇନ୍ ପଡ଼ା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ବିଷ୍ଣୁ ଚରଣ କହଁର ଶବକୁ ଜବତ କରି କେସ୍ ନମ୍ବର ୧୦/୨୬ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ କଲାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

# ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନାରେ ଖର୍ଚ୍ଚ ହେବ ୨୭୪ କୋଟି



ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଇରଙ୍ଗପୁରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରୁଛନ୍ତି।

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ରେଶମ ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥା ପକ୍ଷରୁ ଟସର ପୋଷକ ବୃକ୍ଷ ନର୍ସରୀ ଓ ଏହାର ପରିଚାଳନା ବିଷୟ ଉପରେ ପ୍ରଥମ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ ତାପସ କୁମାର ଉଦ୍‌ଘାଟନ କରିଛନ୍ତି ସେ କହିଛନ୍ତି ଯେ ରେଶମ ଚାଷ ଏକ ବର୍ଷବ୍ୟାପୀ ଜୀବିକାମୂଳକ କାର୍ଯ୍ୟକଳାପ, ଯାହା ଚାଷୀଙ୍କୁ ଲାଭଜନକ ଆୟ ପ୍ରଦାନ କରେ। ଓଡ଼ିଶାରେ ପ୍ରାୟ ୧୫ ହଜାର ପାରମ୍ପରିକ ପରିବାରର ପାଖାପାଖି ୧ ଲକ୍ଷ ଲୋକ ସକ୍ରିୟ ଭାବେ ରେଶମ ଚାଷ କରୁଛନ୍ତି। ଭାରତରେ ଚାରି ପ୍ରକାର ରେଶମ- ମଲବେରି, ଟସର, ଏରି ଓ ମୁଗା ଚାଷ କରାଯାଉଛି। ଏହି ରେଶମ ସେମାନଙ୍କର ଖାଦ୍ୟ ଉଦ୍ଭିଦ, ଜୀବନଚକ୍ରର ଅବଧି, କୋକୁନ ଓ ସୂତାର ଗୁଣବତ୍ତା ଯଥା ଆକାର, ଓଜନ, ଗଠନ, ରଙ୍ଗ ଓ ଦୃଢ଼ତା ଆଦି ଦିଗରେ ପରସ୍ପରଠାରୁ ଭିନ୍ନ। ଓଡ଼ିଶାରେ ଟସର ଚାଷ ଏକ ପୁରାତନ ଓ ପାରମ୍ପରିକ କୃଷି କାର୍ଯ୍ୟକଳାପ। ରାଜ୍ୟର ୧୪ଟି ପାହାଡ଼ିଆରେ ୪୬ ହଜାର ୮୨୮ରୁ ଅଧିକ



ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପରିବାର ଟସର ଚାଷ ସହ ଜଡ଼ିତ ଅଛନ୍ତି। ପ୍ରତିବର୍ଷ ୫୦ ହଜାରରୁ ଅଧିକ ଟସର କୋକୁନ ଉତ୍ପାଦନ ହେଉଥିବା ବେଳେ ଆଦିବାସୀ ଚାଷୀମାନେ ଅଳ୍ପ ବିହନ ନିବେଶରେ ପ୍ରାୟ ୬ କୋଟି ଟଙ୍କା ଆୟ କରୁଥିବା ଶ୍ରୀମତୀ ଗୁହା କହିଛନ୍ତି।

ରାଜ୍ୟର କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, କେନ୍ଦୁଝର, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ଗଜପତି, ଫୁଲବାଣୀ ଓ ସୁନ୍ଦରଗଡ଼ ଜିଲ୍ଲାରେ ଏରି ଚାଷ ପ୍ରଚଳିତ। ପ୍ରାୟ ହଜାରେ ଏକର ଜମିରେ ଏହି ଚାଷ କରାଯାଉଥିବା ବେଳେ ୨ ହଜାର ହିତାଧିକାରୀ ଏଥିରୁ ଉପକୃତ ହେଉଛନ୍ତି। ପ୍ରତିବର୍ଷ ପ୍ରାୟ ୭ ମେଟ୍ରିକ ଟନ୍ ଏରି କୋକୁନ ଉତ୍ପାଦିତ ହୋଇଥାଏ, ଯାହାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କା। ସେହିପରି ମଲବେରି ରେଶମ ଚାଷ ଓଡ଼ିଶା ପାଇଁ ଏକ ପାରମ୍ପରିକ କୃଷି କାର୍ଯ୍ୟ। ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା ଅଧୀନରେ ଆଗାମୀ ୫ ବର୍ଷରେ ସରକାର ୨୭୪ କୋଟି ଟଙ୍କା ବିନିଯୋଗ କରି ଏହି ଚାରି ପ୍ରକାର ରେଶମର ବିକାଶ କରିବାକୁ ଲକ୍ଷ୍ୟ ରହିଛି। ବର୍ଷକ ମଧ୍ୟରେ ୧୧ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ୧୬୫ ଜଣଙ୍କୁ ମାତୃଭାଷାରେ ପ୍ରଶିକ୍ଷଣ ଦିଆଯିବା ଲକ୍ଷ୍ୟ ରହିଛି।

## ଭତ୍ତା ପ୍ରଦାନ ପାଇଁ ମୋହନଙ୍କୁ ନବୀନଙ୍କ ଚିଠି



ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ତିନି ମାସ ଧରି ବନ୍ଦ ରହିଛି ଭତ୍ତା। ରାଜ୍ୟରେ ଥିବା ସମସ୍ତ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭତ୍ତା ମିଳୁ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରି ଲେଖିଛନ୍ତି ଯେ ପେନ୍‌ସନଭୋଗୀଙ୍କ ମଧ୍ୟରେ ଅଛନ୍ତି ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ। ୩ ମାସ ଭତ୍ତା ନ ମିଳିନଥିବାରୁ ସେମାନେ ନାନାଦି ଅସୁବିଧା ଓ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପ୍ରଯୁକ୍ତିଗତ ତ୍ରୁଟି ଯୋଗୁଁ ଲୋକଙ୍କ ଅଧିକାର ବାଧାପ୍ରାପ୍ତ ହେବା ଗ୍ରହଣୀୟ ନୁହେଁ। ବିଳମ୍ବ ନ କରି ତୁରନ୍ତ ବକେୟା ପେନ୍‌ସନ ପ୍ରଦାନ କରିବାକୁ ଶ୍ରୀ ପଟ୍ଟନାୟକ ଅପିଲ କରିଛନ୍ତି। ଭତ୍ତା ପାଇଁ ଲୋକେ ନୟାନ୍ତ ହେବା ଅତ୍ୟନ୍ତ ଦୁଃଖଦାୟକ। ୨ ବର୍ଷ ପୂରଣ କରିଥିବା ବିଜେପି ସରକାରର ଏୟା କ'ଣ ଫାଇଦା ବୋଲି ସେ ପ୍ରଶ୍ନ କରିଛନ୍ତି। ତିନି ମାସରୁ ଅଧିକ ସମୟ ଧରି ରାଜ୍ୟର ଲକ୍ଷ ଲକ୍ଷ ଲୋକ ସାମାଜିକ ସୁରକ୍ଷା ଅଧୀନରେ ଭତ୍ତା ନ ପାଇ ବ୍ୟାପକ ସମସ୍ୟାର ସାମ୍ନା କରୁଛନ୍ତି। ଭତ୍ତା ପାଇଁ ଲୋକ ଜୀବନ ହାରିବା ପରି ଖବର ମଧ୍ୟ ଗଣମାଧ୍ୟମର ଶିରୋନାମା ପାଲଟିଛି; ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

### ଚାମେଲି ଓ ଅତନୁଙ୍କ ସମ୍ପର୍କକୁ ନେଇ ଉଠିଲା ପ୍ରଶ୍ନ

## ରାଜନୈତିକ ମୋହରା ବନିଥିଲେ ଚାମେଲି!



ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ମୋହରା ବନାଯାଇ ମହାକାଳପଡ଼ା ବିଧାୟକଙ୍କୁ ମୋହରା ବନାଯାଉଛି। ଆଉ ଏ ଷଡ଼ଯନ୍ତ୍ରର ରଚୟିତା ହେଉଛନ୍ତି ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ। ଆଜି ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି ଅଭିଯୋଗ କରିଛନ୍ତି ମହାକାଳପଡ଼ା ବ୍ଲକ୍‌ର ନିର୍ବାଚିତ ପ୍ରତିନିଧି। ମହାକାଳପଡ଼ାର ବିଜେପି ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କଠାରୁ ବଡ଼ ବ୍ୟବଧାନରେ ହାରିବା ପରେ ଅତନୁ ଅସହିଷ୍ଣୁ ହୋଇପଡ଼ିଛନ୍ତି ବୋଲି ଅଭିଯୋଗ କରିଛନ୍ତି ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି।

ସେହିପରି ତିଖିରି ସମିତି ସଭ୍ୟ ଅରୁଣା ରାଉତ ଫଟୋ ଦେଖାଇ ଚାମେଲି ଓ ଅତନୁଙ୍କ ଭିତରେ ଥିବା ଘନିଷ୍ଠତାର ପର୍ଦ୍ଦାଫାସ କରିଛନ୍ତି। ଅରୁଣାଙ୍କ ଅଭିଯୋଗ, ଚାମେଲି କହୁଛନ୍ତି ୨୦୧୭ରୁ ସେ ବିଜେପିରେ ଅଛନ୍ତି। ଆମେ ଅସ୍ୱୀକାର କରୁନାହୁଁ। କିନ୍ତୁ ଅତନୁ ବାବୁଙ୍କ ସହ ସେ ମଧ୍ୟ ଘନିଷ୍ଠ। ପୂରା ଘଟଣା ପଛର ଉଦ୍ଦେଶ୍ୟ ହେଲା, ଜଣଙ୍କ ସ୍ୱାର୍ଥ ପୂରଣ କରିବା। ଆଉ ତାହା ହେଲା ଅତନୁ ସବ୍ୟସାଚୀ ନାୟକଙ୍କ ସ୍ୱାର୍ଥ। ଏପରିକି ଅତନୁ ବେଡ୍‌ସିଟରେ ମୁହଁ ଘୋଡ଼େଇ କାରରେ ବସି ମେଡିକାଲକୁ ଯାଇ ଚାମେଲିଙ୍କୁ ଭେଟିଥିଲେ ବୋଲି ଅଭିଯୋଗ କରିଛନ୍ତି ଅରୁଣା। ସେ ଆହୁରି କହିଛନ୍ତି ଯେ ଚାମେଲି ୮ ଦିନ ଧରି ମେଡିକାଲରେ ଥିଲେ, କିନ୍ତୁ କାଲି କେମିତି ସୁସ୍ଥ ହୋଇ ଚାଲିଲେ। କେବଳ ନାଟକ। ଆଉ ଏସବୁ ପଛରେ ରହିଛନ୍ତି ଅତନୁ।

ଚାମେଲି ଓଝା ପ୍ରସଙ୍ଗରେ ଅତନୁଙ୍କୁ ରିଙ୍ଗ୍‌ମାଷ୍ଟର କୁହାଯାଉଥିବା ବେଳେ ସେ କିନ୍ତୁ ସମ୍ପୂର୍ଣ୍ଣ ଚୁପ୍। ମହାକାଳପଡ଼ା ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ମିଳିତ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ନେଇ ମୁହଁ ଖୋଲିନାହାଁନ୍ତି। ଅନ୍ୟପଟେ କେନ୍ଦ୍ରାପଡ଼ା ବିଜେଡି ବିଧାୟକ ଗଣେଶ୍ୱର ବେହେରା ପାଲଟା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଘଟଣାରେ ବିଜେଡିର କୌଣସି ଭୂମିକା ନାହିଁ। ମହାକାଳପଡ଼ା ବିଧାୟକଙ୍କୁ କିଏ ବା ବଦନାମ କରିବ? ଯଦି ତ୍ରୁଟି କରିବେ ବଦନାମ କରିବା ଭୁଲ ନୁହେଁ। କାହିଁକି ଚାମେଲି ଗିରଫ ହେଲେ? ମିଛ ଦଫା କାହିଁକି ଲାଗିଲା ବୋଲି ଗଣେଶ୍ୱର ପ୍ରଶ୍ନ କରିଛନ୍ତି।

● ଲଗ୍ନଧରାକୁ ଯାଇଥିଲେ ପରିବାର

## କଳାକନା ବୁଲାଇଲେ ଲୁଟେରା

ଉଦଳା,୧୯।୬(ସଂଚାର ବ୍ୟୁରୋ): ଝିଅାରୀ ଲଗ୍ନଧରାକୁ ଯାଇଥିଲେ ପୂରା ପରିବାର। ଏହାର ସୁଯୋଗ ନେଇ ଘରେ କଳାକନା ବୁଲାଇଛନ୍ତି ଲୁଟେରା। ଉଦଳା ଥାନା ଅଠଣଗାଁ ୧୦ ନମ୍ବର ୱାର୍ଡରେ ଘଟିଛି ଏପରି ଏକ ବଡ଼ ଧରଣର ଲୁଟ୍। ନୀଳକଣ୍ଠ ବେହେରା ପରିବାର ସମେତ ବରହମପୁର ଥାନା ଅଞ୍ଚଳରେ ରହୁଥିବା ଝିଅାରୀର ଲଗ୍ନଧରାକୁ ଯାଇଥିଲେ। ଆଜି ସକାଳ ସମୟରେ ଘରର ବାଡ଼ ଭଙ୍ଗାଯିବା ସହ ମୁଖ୍ୟ ଗେଟ୍ ଖୋଲାଥିବା ଦେଖି ନୀଳକଣ୍ଠଙ୍କ ପରିବାର ଲୋକଙ୍କୁ



ପଡ଼ିଶା ଲୋକେ ଫୋନ କରିଥିଲେ। ଏହାପରେ ନୀଳକଣ୍ଠଙ୍କ ପରିବାର ଲୋକେ ଘରେ ପହଞ୍ଚିବା ପରେ ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ। ଲୁଟେରାମାନେ ଘରର ମୁଖ୍ୟ ଗେଟ୍ ତାଲା ଭାଙ୍ଗିବା ସହ ଘର ଭିତରେ ଥିବା ଗଡ଼ରେଜ ଭାଙ୍ଗି ଝିଅାରୀ ବାହାଘର ପାଇଁ ଥିବା ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ସହ ନଗଦ ୬୦ ହଜାର ଟଙ୍କା ଲୁଟି ନେଇଥିବା ଦେଖିଥିଲେ। ହେଲେ ସେମାନେ ବ୍ୟବହାର କରିଥିବା ଏକ ହାପ ପ୍ୟାଣ୍ଟ ଓ ଲୁଟ୍‌ରେ ବ୍ୟବହୃତ ଦୁଇଟି ଲୁହା ରଡ଼ ଛାଡ଼ିଯାଇଛନ୍ତି। ଏନେଇ ପରିବାର ଲୋକେ ସ୍ଥାନୀୟ ପୁଲିସ୍‌କୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଥିବା ଜଣାପଡ଼ିଛି।

## କାର୍ଯ୍ୟଭାର ସହି ନପାରି ବିଏଲ୍‌ଓଙ୍କ ଆତ୍ମହତ୍ୟା

### ଉପରିସ୍ଥ ଅଧିକାରୀଙ୍କ ବିରୋଧରେ ଅଭିଯୋଗ



ବୌଦ୍ଧ,୧୯।୬(ସଂଚାର ବ୍ୟୁରୋ): ବୌଦ୍ଧରେ ଏସ୍‌ଆଇଆର୍ କାର୍ଯ୍ୟଭାର ସହି ନ ପାରି ଜଣେ ବୁଥ୍ ଲେବଲ୍ ଅଫିସର୍ (ବିଏଲ୍‌ଓ) ଆତ୍ମହତ୍ୟା କରିଛନ୍ତି। ଚାପଗ୍ରସ୍ତ ହୋଇ ବିଷପାନ କରି ଜୀବନ ହାରିଥିବା ବିଏଲ୍‌ଓ ଜଣଙ୍କ ହେଲେ ଡିମିରିଖୋଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୟନ ସାହୁ। ମିଳିଥିବା ସୂଚନାନୁଯାୟୀ, ଗୋଛାପଡ଼ା ଗାଁର ସୟନ ଗୁନ୍ଦୁଲିଆ କ୍ଲଷ୍ଟର୍ ଡିମିରିଖୋଲ ସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଏସ୍‌ଆଇଆର୍ କାର୍ଯ୍ୟରେ ବିଏଲ୍‌ଓ ଭାବେ ନିଯୁକ୍ତ ହୋଇଥିଲେ ସୟନ। ତେବେ ଠିକ ଭାବେ ଦାୟିତ୍ୱ ନିର୍ବାହ କରୁ ନାହାନ୍ତି ବୋଲି ଉପରିସ୍ଥ ଅଧିକାରୀ ତାଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି। ଏପରିକି ଦାୟିତ୍ୱରେ ଅବହେଳା ପାଇଁ ତାଙ୍କୁ ସସପେଣ୍ଡ ମଧ୍ୟ କରାଯିବ ବୋଲି ଉପରିସ୍ଥ ଅଧିକାରୀ ଧମକ ଦେଇଥିବାରୁ ସୟନ ଏପରି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ଦୁଇ ଦିନ ତଳେ ଏସ୍‌ଆଇଆର୍ କାର୍ଯ୍ୟରେ ଅବହେଳା ପାଇଁ ବୌଦ୍ଧ ଜିଲ୍ଲାପାଳ ଦୁଇ ଜଣ ଶିକ୍ଷକଙ୍କୁ ସସପେଣ୍ଡ କରିଥିଲେ। ସେ ମଧ୍ୟ ଏହି ତାଲିକାରେ ସାମିଲ୍ ହୋଇଯିବେ ବୋଲି ଭାବି ଭାବି ସୟନ ଗତକାଲି ବିଷ ପାନ କରି ଜୀବନ ହାରିଥିବା ତାଙ୍କ ପୁଅ ଅଭିଯୋଗ କରିଛନ୍ତି। ବିଷ ଖାଇବା ପରେ ଗୁରୁତର ଅବସ୍ଥାରେ ସୟନଙ୍କୁ ପ୍ରଥମେ ବାଉଁଶୁଣି ଓ ପରେ ସୋନପୁର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିସହ ସୟନଙ୍କ ଉପରେ ଯେଉଁ ଅଧିକାରୀ ଚାପ ପକାଉଥିଲେ, ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ତାଙ୍କ ପୁଅ ଦାବି କରିଛନ୍ତି। ଏ ସମ୍ପର୍କରେ ବୌଦ୍ଧ ଉପଜିଲ୍ଲାପାଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ସୟନ କ'ଣ ପାଇଁ ଆତ୍ମହତ୍ୟା କରିଛନ୍ତି, ତା' ସେ କହିପାରିବେ ନାହିଁ। କିନ୍ତୁ ସୟନ ଏସ୍‌ଆଇଆର୍ କାମ ସଠିକ୍ ଭାବେ କରୁନଥିଲେ ବୋଲି ଉପଜିଲ୍ଲାପାଳ ସ୍ୱୀକାର କରିଛନ୍ତି।

## କଟକ ସ୍ଥାନାନ୍ତର ବେଳେ ଅକ୍ସିଜେନ ସରିଗଲା, ରୋଗୀ ମୃତ

ଅନୁଗୋଳ,୧୯।୬(ସଂଚାର ବ୍ୟୁରୋ): ରୋଗୀ ମୃତ୍ୟୁକୁ ନେଇ ଦେଖାଦେଇଛି ଉତ୍ତେଜନା। ରୋଗୀଙ୍କୁ କଟକ ସ୍ଥାନାନ୍ତର ସମୟରେ ଅକ୍ସିଜେନ ସରିଯିବାରୁ ଉକ୍ତ ରୋଗୀଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ଏହି ଘଟଣାରେ କ୍ଷତିପୂରଣ ଦାବିରେ ମେଡିକାଲ ସାମ୍ନାରେ ପରିବାର ଲୋକେ ହଙ୍ଗାମା କରିବା ଫଳରେ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଛି। ଅନୁଗୋଳର ଉକ୍ତ ଘରୋଇ ହସ୍ପିଟାଲ ଚିକିତ୍ସାରେ ଅବହେଳା କରିବାରୁ ଉକ୍ତ ରୋଗୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ଜଣଙ୍କ ହେଲେ ବନ୍ତଲା ଥାନା କଞ୍ଚା ଗାଁର ଭ୍ରମର ନାଏକ। ଗତ ରବିବାର ଭ୍ରମର ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଅନୁଗୋଳର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ହସ୍ପିଟାଲ୍ କର୍ତ୍ତୃପକ୍ଷ ତାଙ୍କୁ



କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରିବା ସକାଶେ ପରାମର୍ଶ ଦେବା ସହ ଆମ୍ବୁଲାନ୍ସର ବ୍ୟବସ୍ଥା କରିଥିଲେ। ତେବେ ଆମ୍ବୁଲାନ୍ସ ଢେଙ୍କାନାଳରେ ପହଞ୍ଚିବା ସମୟରେ ସେଠାରେ ଅଚାନକ ଅକ୍ସିଜେନ୍ ସରିଯାଇଥିଲା। ଫଳତଃ ଅକ୍ସିଜେନ୍ ଅଭାବରୁ ଭ୍ରମରଙ୍କର ମୃତ୍ୟୁ ହୋଇଥିଲା। ତେବେ ଏଥିରେ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ଭୁଲ୍ ଥିବା ଦର୍ଶାଇ ପରିବାର ଲୋକେ ଭ୍ରମରଙ୍କ ମୃତଦେହ ଫେରାଇ ଆଣି ଘରୋଇ ହସ୍ପିଟାଲ୍ ସମ୍ମୁଖରେ ବିକ୍ଷୋଭ କରିବା ସହ ମେଡିକାଲ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି କରିଛନ୍ତି। ଏଥିସହ ସେମାନେ ଏହି ମାମଲାରେ ତୁରନ୍ତ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରିଛନ୍ତି। ପରିବାର ଲୋକଙ୍କ ସହ କଂଗ୍ରେସ କର୍ମୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ କରିଥିଲେ। ତେବେ ଏହି ପ୍ରସଙ୍ଗରେ ହସ୍ପିଟାଲ୍ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ପୋଖରୀ ହୁଡ଼ାରୁ ମୃତଦେହ ଉଦ୍ଧାର

ବାଂଶପାଳ,୧୯।୬(ସଂଚାର ବ୍ୟୁରୋ): ପଥରରେ ଛେଚି ହତ୍ୟା ସନ୍ଦେହ। କେନ୍ଦୁଝର ଜିଲ୍ଲା ସଦର ଥାନା ଆମୁଣି ଭରାଳି ସାହିର ଶ୍ରୀକାନ୍ତ ମହାକୁଡ଼ଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଆଜି ସକାଳୁ ଗାଁ ପୋଖରୀକୁ ଶୌଚ ହେବାକୁ ଆସିଥିବା ବେଳେ ଏଭଳି ଅଘଟଣ ଘଟିଛି। ସଦର ଥାନା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଉପରରାଇଗୋଡ଼ା ପଞ୍ଚାୟତ ଆମୁଣି ଗାଁରେ ଏପରି ଏକ ଅଘଟଣ ଘଟିଛି। ମିଳିଥିବା ସୂଚନାନୁସାରେ ଶ୍ରୀକାନ୍ତ ସକାଳୁ ଶୌଚ ହେବାକୁ ଗାଁ ପୋଖରୀକୁ ଆସିଥିଲେ। ପରେ ତାଙ୍କ ମୃତଦେହ ପୋଖରୀ ନିକଟରେ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। କିଛିଦିନ ହେଲା ଜମିବାଡ଼ିକୁ ନେଇ ଗାଁର ଜଣେ ଯୁବକଙ୍କ ସହ ଶ୍ରୀକାନ୍ତଙ୍କ ବିବାଦ ଲାଗିରହିଥିଲା। ଏହାକୁ ନେଇ ଯୁବକ ଜଣଙ୍କ ଶ୍ରୀକାନ୍ତଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ସେହି ଯୁବକ ହିଁ ଶ୍ରୀକାନ୍ତଙ୍କୁ ହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରୁଛି।

## ଡବ୍ଲ୍ୟୁଏଲ୍‌ସିସି ତଦନ୍ତ ପାଇଁ ସୁପାରିସ କଲେ ଏସ୍‌ପି

ବ୍ରହ୍ମପୁର,୧୯।୬ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଜରଡ଼ାରେ କଲରାପତରିଆ ବାଘ ଚମଡ଼ା ଚୋରା ଚାଲାଣ ହେଉଥିବା ବେଳେ ଏହା ପଛରେ ବଡ଼ ଧରଣର ର୍‍ୟାକେଟ୍ କାମ କରୁଥିବା ଅନୁମାନ କରାଯାଉଛି। ତେଣୁ ଏହି ମାମଲାର ତଦନ୍ତ 'ୱାଇଲ୍ଡ ଲାଇଫ୍ କ୍ରାଇମ ସେଲ୍' ବା ଡବ୍ଲ୍ୟୁଏସ୍‌ସିସି କରିବା ସକାଶେ ବ୍ରହ୍ମପୁର ଏସ୍‌ପି ସୁପାରିସ୍ କରିଛନ୍ତି। ଏନେଇ ଏସ୍‌ପି ସିଆଇଡି କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଚିଠି ମାଧ୍ୟମରେ ଅବଗତ ମଧ୍ୟ କରାଇଛନ୍ତି।



ସୂଚନାନୁସାରେ, ଗତ ୬ ତାରିଖରେ ତୁମ୍ବା ଫାଣ୍ଡି ବୁରାତାଲ ଜଙ୍ଗଲରେ କଲରାପତରିଆ ବାଘ ଚମଡ଼ା କାରବାର ହେଉଥିବା ନେଇ ଗୁପ୍ତ ସୂଚନା ପାଇ ପୁଲିସ ଚଢ଼ାଉ କରିଥିଲା। ଜଙ୍ଗଲରୁ ଦୁଇ ଜଣଙ୍କୁ ଗିରଫ କରିବା ସହ ପୁଲିସ୍ ଦୁଇଟି ବସ୍ତା ଜବତ କରିଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି କଲରାପତରିଆ ବାଘର ଚମଡ଼ା, ଦୁଇଟି ଜୀବନ୍ତ ହାତବୋମା ଓ ଗୋଟିଏ ଖଣ୍ଡା ବି ଜବତ ହୋଇଥିଲା। କଲରାପତରିଆ ବାଘ ଭଳି ସଂରକ୍ଷିତ ବନ୍ୟଜନ୍ତୁର ଅବୈଧ ବ୍ୟବସାୟ, ବିସ୍ଫୋରକ ଓ ଅସ୍ତ୍ରର ବ୍ୟବହାର ଓ ସମ୍ଭାବ୍ୟ ଆନ୍ତଃଜିଲ୍ଲା ଚୋରାଚାଲାଣ ନେଟୱାର୍କର ଲିଙ୍କ୍‌କୁ ଦୃଷ୍ଟିରେ ରଖି ମାମଲାକୁ କ୍ରାଇମବ୍ରାଞ୍ଚର 'ଡବ୍ଲ୍ୟୁଏଲ୍‌ସିସି'କୁ ହସ୍ତାନ୍ତର କରିବା ପାଇଁ ଏସ୍‌ପି ନିବେଦନ କରିଛନ୍ତି। ବନ୍ୟଜନ୍ତୁ ଅପରାଧ ବିରୋଧୀ ଅଭିଯାନରେ ତଦନ୍ତ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆଣିବା ନେଇ ବନ ବିଭାଗ ଓ ତଦନ୍ତକାରୀ ସଂସ୍ଥା ଆଶା ରଖିଛନ୍ତି।

## ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ନୂଆ ଏସ୍‌ଓପି ଜାରି

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ରାଜ୍ୟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମନ୍ୱିତ କରିବା ଉଦ୍ଦେଶ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ଆପାର୍ଟମେଣ୍ଟ ପଞ୍ଜୀକରଣ ନିମନ୍ତେ ଏକ ମାନକ କାର୍ଯ୍ୟପ୍ରଣାଳୀ (ଏସଓପି) ଜାରି କରିଛନ୍ତି।

ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଆଇନ, ୨୦୨୩, ରିଅଲ୍ ଇଷ୍ଟେଟ୍ (ନିୟନ୍ତ୍ରଣ ଓ ବିକାଶ) ଆଇନ, ୨୦୧୬ ଓ ପଞ୍ଜୀକରଣ ଆଇନ, ୧୯୦୮ର ବିଭିନ୍ନ ବ୍ୟାଖ୍ୟା କାରଣରୁ ସୃଷ୍ଟି ହେଉଥିବା ଅସ୍ପଷ୍ଟତା ଦୂର କରିବା ସହ ରାଜ୍ୟବ୍ୟାପୀ ଏକ ସମାନ ପ୍ରକ୍ରିୟା ଅନୁସରଣ ସୁନିଶ୍ଚିତ କରିବା ପାଇଁ ଏହି ଏସଓପି ପ୍ରଣୟନ କରାଯାଇଛି।

ନୂତନ ଏସ୍‌ଓପି ଅନୁଯାୟୀ ଆପାର୍ଟମେଣ୍ଟ୍ ସମ୍ବନ୍ଧୀୟ ପଞ୍ଜୀକରଣକୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି- ପ୍ରି-ରେରା ଆପାର୍ଟମେଣ୍ଟର ପୁନଃ ବିକ୍ରୟ,



ପ୍ରି-ରେରା ପ୍ରକଳ୍ପରେ ବିକ୍ରୟ ହୋଇ ନ ଥିବା ଫ୍ଲାଟ୍‌ର ପ୍ରଥମ ବିକ୍ରୟ ଓ ପୋଷ୍ଟ-ରେରା ଆପାର୍ଟମେଣ୍ଟ। ପ୍ରତ୍ୟେକ ବିଭାଗ ପାଇଁ ଆବଶ୍ୟକ ଦଲିଲପତ୍ର, ଯାଞ୍ଚ ପ୍ରକ୍ରିୟା ଓ ପଞ୍ଜୀକରଣର ସର୍ତ୍ତାବଳୀ ସ୍ପଷ୍ଟ ଭାବେ ଏହି ନୂତନ ଏସଓପିରେ ନିର୍ଦ୍ଧାରଣ କରାଯାଇଛି। ପୋଷ୍ଟ-ରେରା ଆପାର୍ଟମେଣ୍ଟ କ୍ଷେତ୍ରରେ ପଞ୍ଜୀକରଣ ପୂର୍ବରୁ ଓଡ଼ିଶା ରେରା ପଞ୍ଜୀକରଣ, ଅକ୍ୟୁପାନ୍ସି ସାର୍ଟିଫିକେଟ୍, ଆଲଟିମାନଙ୍କ ସଂଘର ପଞ୍ଜୀକରଣ, ଧାରା-୯ ଅନୁଯାୟୀ ଘୋଷଣାପତ୍ରର ପଞ୍ଜୀକରଣ ଏବଂ ସାଧାରଣ କ୍ଷେତ୍ର ଓ ସୁବିଧାର ହସ୍ତାନ୍ତର ସମ୍ବନ୍ଧୀୟ ବ୍ୟବସ୍ଥା ପାଳନ ବାଧ୍ୟତାମୂଳକ କରାଯାଇଛି। ଏଥିସହ ସମ୍ପୃକ୍ତ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ହିଁ ପଞ୍ଜୀକରଣ ସମ୍ଭବ ହେବ।

ଏସ୍‌ଓପିରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳ, ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳ ଓ ରାଜସ୍ୱ ଉପଖଣ୍ଡ ଅଞ୍ଚଳ ପାଇଁ ପୃଥକ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଭୂମିକା ଓ ଦାୟିତ୍ୱ ମଧ୍ୟ ସ୍ପଷ୍ଟ କରାଯାଇଛି। ମହିଳାଙ୍କ ନାମରେ ହେଉଥିବା ଆପାର୍ଟମେଣ୍ଟ ହସ୍ତାନ୍ତର କ୍ଷେତ୍ରରେ ପୂର୍ବରୁ ଚାଲୁଥିବା ଏକ ପ୍ରତିଶତ ଷ୍ଟାମ୍ପ ଶୁଳ୍କ ରିହାତି ସୁବିଧା ଜାରି ରହିବ। ସେହିପରି ଆଲଟିମାନଙ୍କ ସଂଘ ସପକ୍ଷରେ ସାଧାରଣ କ୍ଷେତ୍ର ଓ ସୁବିଧା ହସ୍ତାନ୍ତର ଦଲିଲ ପାଇଁ ନାମମାତ୍ର ଷ୍ଟାମ୍ପ ଶୁଳ୍କ ଓ ପଞ୍ଜୀକରଣ ଫି' ନିର୍ଦ୍ଧାରଣ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଫଳରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟା ଅଧିକ ସ୍ୱଚ୍ଛ, ସୁବ୍ୟବସ୍ଥିତ ଓ ନାଗରିକ-କୈନ୍ଦ୍ରିକ ହେବା ସହ ଆପାର୍ଟମେଣ୍ଟ କ୍ରେତାଙ୍କ ସ୍ୱାର୍ଥର ସୁରକ୍ଷା ଓ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ସୁଶାସନ ସୁନିଶ୍ଚିତ ହେବ ବୋଲି ଆଶା କରାଯାଉଛି।

### ଶିବ ବିବାହ ରୋଷଣୀରେ ଅଘଟଣ

## ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

କାମାକ୍ଷାନଗର,୧୯।୬(ସଂଚାର ବ୍ୟୁରୋ): ଶିବ ବିବାହ ରୋଷଣୀରେ ଘଟିଛି ଅଘଟଣ। ଜଣେ‌କ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ଧର୍ମେନ୍ଦ୍ର ସାହୁଙ୍କୁ କେହି ଜଣେ ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳତଃ ଧର୍ମେନ୍ଦ୍ର ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାଙ୍କୁ ସାହି ବାସିନ୍ଦା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଶିବ ବିବାହ ରୋଷଣୀ ଚାଲିଥିବା ସମୟରେ ବ୍ରାହ୍ମଣୀ ଦେବୀ ଛକରେ ଧର୍ମେନ୍ଦ୍ର ରୋଷଣୀ ଦେଖୁଥିଲେ। ତେବେ ଏହି ସମୟରେ କୌଣସି ଦୁର୍ବୃତ୍ତ ଭିଡ଼ ଭିତରୁ ବାହାରି ହଠାତ ଆକ୍ରମଣ କରିବା ଆରମ୍ଭ କରିଥିଲେ। ନିଜକୁ ରକ୍ଷା କରିବାକୁ ଯାଇ ହାତକୁ ମୁଣ୍ଡ ଉପରେ ରଖିବା ସମୟରେ ବାମ ହାତରେ ଗଭୀର ଅସ୍ତ୍ର ଚୋଟ ପଡ଼ିଥିଲା। ଏନେଇ ଭୁବନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଧର୍ମେନ୍ଦ୍ରଙ୍କ ବାପା ଦୀନବନ୍ଧୁ।

## କଲେଜ କ୍ୟାମ୍ପସରେ ଯୋଗ ଓ ବ୍ୟାୟାମ ବାଧ୍ୟତାମୂଳକ

### ନିର୍ଦ୍ଦେଶନାମା ଜାରି କଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଏଣିକି ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ କେବଳ ପାଠପଢ଼ା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ଯୋଗ, ବ୍ୟାୟାମ, ଖେଳକୁଦ, ଶାରୀରିକ ସୁସ୍ଥତା ଓ ମାନସିକ ସ୍ୱାସ୍ଥ୍ୟକୁ ବାଧ୍ୟତାମୂଳକ କରାଯାଇଛି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ 'ଫିଟ୍ ଓଡ଼ିଶା ମିଶନ' ଅଧୀନରେ 'ଫିଟ କଲେଜ ପ୍ରୋଗ୍ରାମ' ଆରମ୍ଭ ହୋଇଛି ଓ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ବିଶ୍ୱବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକଙ୍କ ଦ୍ୱାରା ଜାରି ଏହି ନିର୍ଦ୍ଦେଶନାମାରେ ପ୍ରତ୍ୟେକ କଲେଜ ଓ



ବିଶ୍ୱବିଦ୍ୟାଳୟରେ ଏହି ଫିଟ୍ କଲେଜ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିବା ପାଇଁ ଅଧ୍ୟକ୍ଷ କିମ୍ବା କୁଳପତିଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ସମନ୍ୱୟ ସମିତି ଗଠନ କରାଯିବ। ଏଥିରେ ବରିଷ୍ଠ ଅଧ୍ୟାପକ, ଶାରୀରିକ ଶିକ୍ଷା ବିଭାଗର ପ୍ରତିନିଧି, ଏନ୍‌ଏସ୍‌ଏସ୍, ଏନସିସି, ଛାତ୍ର ପ୍ରତିନିଧି ଓ ୱେଲନେସ୍ କୋ-ଅର୍ଡିନେଟର ସାମିଲ ହେବେ। ସେହିପରି ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନରେ ଜଣେ ନୋଡାଲ ଅଫିସର, ଜଣେ କାଉନସେଲିଂ ଓ ୱେଲନେସ୍ କୋ-ଅର୍ଡିନେଟରଙ୍କ ନିଯୁକ୍ତି ବାଧ୍ୟତାମୂଳକ କରାଯାଇଛି।

ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ କ୍ୟାମ୍ପସରେ ସ୍ପୋର୍ଟସ୍ ଓ ଫିଟ୍‌ନେସ କ୍ଲବ୍, ଯୋଗ ଓ ୱେଲନେସ୍ କ୍ଲବ, ହେଲଥ ଆଣ୍ଡ ନ୍ୟୁଟ୍ରିସନ୍ କ୍ଲବ୍, ମେଣ୍ଟାଲ ହେଲ୍‌ଥ ସପୋର୍ଟ ଗ୍ରୁପ୍, ଆଡଭେଞ୍ଚର ଓ ଆଉଟଡୋର ଆକ୍ଟିଭିଟି ଗ୍ରୁପ୍ ଭଳି ବିଭିନ୍ନ ସ୍ୱତନ୍ତ୍ର କ୍ଲବ ଗଠନ କରାଯିବ, ଯାହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ବିକାଶ, ସୁସ୍ଥ ଜୀବନଶୈଳୀ ଓ ସାମୂହିକ ଅଂଶଗ୍ରହଣକୁ ପ୍ରୋତ୍ସାହନ ମିଳିବ। କ୍ୟାମ୍ପସଗୁଡ଼ିକରେ ବର୍ଷସାରା ଯୋଗ ଓ ଧ୍ୟାନ ଶିବିର, କ୍ରୀଡ଼ା ପ୍ରତିଯୋଗିତା, ମାରାଥନ୍ ଓ ସାଇକ୍ଲୋଥନ୍ ଆଦି ଆୟୋଜନ କରାଯିବ। ଏଥିସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ, ଚାପ ପରିଚାଳନା, ଅବସାଦ ନିବାରଣ, ଜୀବନ କୌଶଳ ବିକାଶ, ପୋଷଣ, ସ୍ୱଚ୍ଛତା, ନିଦ୍ରା ସ୍ୱାସ୍ଥ୍ୟ, ଡିଜିଟାଲ ୱେଲନେସ୍, ନିଶାମୁକ୍ତ ଜୀବନଶୈଳୀ ଓ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ସମ୍ପର୍କିତ ସଚେତନତା ଅଭିଯାନ ଚଳାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

## ୨୪ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ: ୫ ଗିରଫ

ସମ୍ବଲପୁର,୧୯।୬(ସଂଚାର ବ୍ୟୁରୋ): ସମ୍ବଲପୁର ସହରରେ ଅବକାରୀ ଗୁଇନ୍ଦା ଓ ପ୍ରବର୍ତ୍ତନ ବ୍ୟୁରୋ (ଇଆଇ ଓ ଇବି) ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇ ପ୍ରାୟ ୨୪ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରାଯାଇଛି। ଗତ ଗୁରୁବାର ସନ୍ଧ୍ୟାରେ ସମ୍ବଲପୁର ଇଆଇ ଓ ଇବି ଶାଖା ପକ୍ଷରୁ ଅଇଁଠାପାଲି ଥାନା ଅନ୍ତର୍ଗତ ବୁଢ଼ାରଜା ଦେହେରୀପାଲି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଏକ ମିଳିତ ଚଢ଼ାଉ କରାଯାଇ ବ୍ୟାପକ ପରିମାଣର ବ୍ରାଉନସୁଗର ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ କରାଯାଇଛି।ଗିରଫ ଅଭିଯୁକ୍ତମାନେ ହେଲେ ଦେହେରୀପାଲି ଅଞ୍ଚଳର ସୁମନ୍ତ ମୁଣ୍ଡା, ରାହୁଲ ନାଗ, ସୌରଭ ଆଦବାର, ସତ୍ୟମ ମହାନନ୍ଦୀ ଓ ସୁବୋଧ ଭୋଇ। ସେମାନଙ୍କ ନିକଟରୁ ଅବକାରୀ ସ୍କ୍ୱାଡ୍ ପ୍ରାୟ ୨୪୨ ଗ୍ରାମ ଓଜନର ବ୍ରାଉନସୁଗର, ୪ଟି ମୋବାଇଲ୍ ଫୋନ୍, ୬ ହଜାର ଟଙ୍କା ନଗଦ ରାଶି ଓ ଗୋଟିଏ ମୋଟର ସାଇକେଲ ମଧ୍ୟ ଜବତ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ପ୍ରାୟ ୨୪ ଲକ୍ଷ ହେବ ବୋଲି ଅନୁମାନ କରାଯାଉଛି। ଏହାକୁ ନେଇ ସମ୍ବଲପୁର ଇଆଇ ଓ ଇବି ୟୁନିଟ୍ ପକ୍ଷରୁ ୩୨୧/୨୬-୨୭ ନମ୍ବରରେ ଏକ ଅବକାରୀ ମାମଲା ରୁଜୁ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ୨୭ କୋଟି ନୂଆ ଶେୟାର ଜାରି କରିବ ଜିଓ




**ମୁମ୍ବାଇ,୧୯।୬:** ଭାରତୀୟ କର୍ପୋରେଟ୍ ଜଗତ ପାଇଁ ଏକ ବଡ଼ ଖବର। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଟେକ୍ କମ୍ପାନୀ 'ଜିଓ ପ୍ଲାଟଫର୍ମସ' ପାଇଁ ଆଇପିଓ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। କମ୍ପାନୀର ୪୯ତମ ବାର୍ଷିକ ସାଧାରଣ ସଭାରେ ଚେୟାରମ୍ୟାନ୍ ମୁକେଶ ଅମ୍ବାନୀ ଏହା ଘୋଷଣା କରିଛନ୍ତି। ଆଜି ଜୁନ୍ ୧୯ ତାରିଖରେ କମ୍ପାନୀ ସେବି ନିକଟରେ ଡ୍ରାଫ୍ଟ ପେପର୍ସ ଦାଖଲ କରିବ ବୋଲି ଅମ୍ବାନୀ କହିଛନ୍ତି। ଆଇପିଓ ଓ ଶେୟାର ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଅମ୍ବାନୀଙ୍କ ସୂଚନା ଅନୁସାରେ, ଜିଓଆଇପିଓ ମାଧ୍ୟମରେ ୧୦ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ପ୍ରାୟ ୨୭ କୋଟି ନୂଆ ଶେୟାର ଜାରି କରିବ। ଶେୟାରର ମୂଲ୍ୟ ବୁକ୍ ବିଲ୍ଡିଂ ପ୍ରକ୍ରିୟା ମାଧ୍ୟମରେ ସେବିର ନିୟମ ଅନୁସାରେ ସ୍ଥିର କରାଯିବ। ଜିଓ ଆଇପିଓର ସମଗ୍ର ପ୍ରକ୍ରିୟାର ଦାୟିତ୍ୱ ଆକାଶ ଅମ୍ବାନୀ, ଇଶା ଅମ୍ବାନୀ ଓ ଅନନ୍ତ ଅମ୍ବାନୀ ସମ୍ଭାଳିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଆକାଶ ଅମ୍ବାନୀଙ୍କ ଗୁରୁତ୍ୱପୂର୍ଣ୍ଣ ଘୋଷଣା: ଏବେ ହେ ସିରି ନୁହେଁ, ହେ ଜିଓ କହିଲେ କାମ କରିବ ଏଆଇ କମ୍ପାନୀର ୪୯ତମ ବାର୍ଷିକ ସାଧାରଣ ସଭାରେ ଜିଓ ପ୍ଲାଟଫର୍ମସର ଏମଡି ଆକାଶ ଅମ୍ବାନୀ ଜିଓର ଭବିଷ୍ୟତ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନେଇ ସେ କହିଥିଲେ ଯେ ଜିଓ ଏକ ଅତ୍ୟାଧୁନିକ ଏଆଇ ଭଏସ୍ ଆସିଷ୍ଟାଣ୍ଟ 'ଜିଓ କଲ୍ ଏଜେଣ୍ଟ' ଲଞ୍ଚ କରିବ। ଏହା ସିଧାସଳଖ ଜିଓ ନେଟୱର୍କରେ ଜଡିତ ରହିବ, ଯେଉଁଥିପାଇଁ କୌଣସି ଆପ୍ର ଆବଶ୍ୟକତା ନାହିଁ। "ହେ ଜିଓ" କହିବା ମାତ୍ରେ ଏହା ସକ୍ରିୟ ହେବ। ଏହା ୧୦ ଜଣଙ୍କ ସ୍ୱର ଚିହ୍ନଟ କରିପାରିବ, କଲ୍ ସମରୀ ପ୍ରସ୍ତୁତ କରିବ ଏବଂ ଖାଦ୍ୟ ଅର୍ଡର କରିବା, କ୍ୟାବ୍ ବୁକିଂ ଓ ମିଟିଂ ଶେଡ୍ୟୁଲ୍ କରିବା ଭଳି କାର୍ଯ୍ୟ କରିବ। ଏହା ଏହି ବର୍ଷ ଶେଷ ସୁଦ୍ଧା ୫୦ କୋଟିରୁ ଅଧିକ ଜିଓ ୟୁଜର୍ସଙ୍କ ପାଇଁ ଉପଲବ୍ଧ ହେବ ବୋଲି ଆକାଶ ଅମ୍ବାନୀ କହିଛନ୍ତି। ଜିଓ ବିଶ୍ୱର ପ୍ରମୁଖ ସାଟେଲାଇଟ୍ କମ୍ପାନୀଙ୍କ ସହ ମିଶି ଭାରତ ପାଇଁ ନିଜର 'ଲୋ ଅର୍ଥ ଅର୍ବିଟ୍' ସାଟେଲାଇଟ୍ ନେଟୱର୍କ ଉପରେ କାମ କରୁଛି। ଜାମନଗରରେ AI ବ୍ୟାକବୋନ୍ ପ୍ରସ୍ତୁତ କରାଯାଉଛି, ଯାହାର ୧୨୦ ମେଗାୱାଟ୍ର ପ୍ରଥମ ପର୍ଯ୍ୟାୟ ୨୦୨୬ ଶେଷ ସୁଦ୍ଧା ଆରମ୍ଭ ହେବ। କମ୍ପାନୀ ଏଥିପାଇଁ ନାଭିଦିଆ ଜିବି୩୦୦' ଜିପିୟୁର ବ୍ୟବହାର କରୁଛି। ସେହିପରି ଜିଓ ହୋମ୍ସ ୫ ଜିବିପିଏସ୍ ଡାଉନଲୋଡ୍ ଏବଂ ୧ ଜିବିପିଏସ୍ ଅପଲୋଡ୍ ସ୍ପିଡ୍ ସହ ବ୍ରଡବ୍ୟାଣ୍ଡ କନେକ୍ଟିଭିଟି ପ୍ରଦାନ କରିବ। ବର୍ତ୍ତମାନ ଜିଓର ୟୁଜର୍ ବେସ୍ ୫୨.୪ କୋଟି ଟପିଛି, ଯାହା ଚୀନ୍ ବାହାରେ ସବୁଠୁ ବଡ଼ 5G ୟୁଜର ବେସ୍। ରିଟେଲ ବିଜନେସର ସଫଳତା: ଇଶା ଅମ୍ବାନୀ ସେହିପରି ରିଲାଏନ୍ସ ରିଟେଲର ବ୍ୟବସାୟ ସମ୍ଭାଳୁଥିବା ଏହାର ନନ୍-ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ଇଶା ଅମ୍ବାନୀଙ୍କ ବ୍ୟବସାୟର ସଫଳତା ନେଇ ସୂଚନା ଦେଇଥିଲେ। ସେ କହିଥିଲେ ଯେ ପଞ୍ଜୀକୃତ ଗ୍ରାହକ ସଂଖ୍ୟା ୧୧% ବୃଦ୍ଧି ସହ ୩୮.୭ କୋଟିରେ ପହଞ୍ଚିଛି। ୧.୯୩ ଅରବ ଟ୍ରାନ୍ଜାକ୍ସନ ସମ୍ପନ୍ନ ହୋଇଛି, ଯାହା ଗତ ବର୍ଷଠାରୁ ୩୯% ଅଧିକ ବୋଲି ସେ କହିଛନ୍ତି। ଇଶା କହିଛନ୍ତି ଦେଶରେ ସ୍ମାର୍ଟ ବଜାର ଷ୍ଟୋର ସଂଖ୍ୟା ଏକ ହଜାର ଅତିକ୍ରମ କରିଛି। ଜିଓମାର୍ଟ ୩,୧୦୦ରୁ ଅଧିକ ଷ୍ଟୋର୍ ସହ ଦେଶର ବୃହତ୍ତମ କ୍ୱିକ୍ କମର୍ସ ନେଟୱର୍କ ପାଲଟିଛି, ଯାହା ୧,୨୦୦ରୁ ଅଧିକ ସହରରେ ସେବା ପ୍ରଦାନ କରୁଛି। ଏଥିରେ ବାର୍ଷିକ ରାଜସ୍ୱ ୧୧.୮% ବୃଦ୍ଧି ସହ ୩,୭୦,୦୨୬ କୋଟି ଟଙ୍କାରେ ପହଞ୍ଚିଛି ବୋଲି ଇଶାନ ଅମ୍ବାନୀ ସୂଚନା ଦେଇଛନ୍ତି। ସୂଚନା ଥାଉକି, ୨୦୨୫-୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ କମ୍ପାନୀର ନେଟ୍ ପ୍ରଫିଟ୍ ୧୩% ହ୍ରାସ ପାଇ ୧୬,୯୭୧ କୋଟି ଟଙ୍କା ହୋଇଛି। ତେବେ ରାଜସ୍ୱ ୧୩% ବୃଦ୍ଧି ପାଇ ୨.୯୮ ଲକ୍ଷ କୋଟି ଟଙ୍କା ରେକର୍ଡ କରାଯାଇଛି।



### ଖସିଲା ଶେୟାର ବଜାର

## ଖୋଲୁ ଖୋଲୁ ୮୦୦ ପଏଣ୍ଟ ଖସିଲା ସେନସେକ୍ସ

**ନୂଆଦିଲ୍ଲୀ,୧୯।୬:** ସପ୍ତାହର ଶେଷ କାରବାର ଦିନ (ଶୁକ୍ରବାର) ସେୟାର ବଜାରରେ ଏକ ବଡ଼ ଧରଣର ହ୍ରାସ ବା କ୍ରାସ୍ ଦେଖିବାକୁ ମିଳିଛି। ବଜାର ଖୋଲିବା ମାତ୍ରେ ହିଁ ସେନସେକ୍ସ ୮୦୦ ରୁ ଅଧିକ ପଏଣ୍ଟ୍ ତଳକୁ ଖସିଯାଇଥିଲା। ବିଶେଷକରି ଆଇଟି ଏବଂ ଟେକ୍ କମ୍ପାନୀଗୁଡ଼ିକର ସେୟାର ଅତି ବୁରା ସ୍ଥିତିରେ ଥିବା ଦେଖାଯାଇଛି। ୧. ବଜାର ଖୋଲିବା କ୍ଷଣି ସେନସେକ୍ସ ଓ ନିଫ୍ଟି ଧଡ଼ାମ୍ସେ ନସେକ୍ସ ପୂର୍ବରୁ ସେନସେକ୍ସ ୭୭,୪୦୯ ରେ ବନ୍ଦ ହୋଇଥିଲା। କିନ୍ତୁ ଶୁକ୍ରବାର ଦିନ ଏହା ୭୬,୮୫୨ ରେ ଖୋଲିବା ପରେ ହଠାତ୍ ଆହୁରି ଖସିଯାଇ ୭୬,୬୦୫ ସ୍ତରରେ ପହଞ୍ଚିଯାଇଥିଲା। ଅର୍ଥାତ୍ ଏକାବେଳେ ୮୦୪ ପଏଣ୍ଟ୍ ର ବଡ଼ ହ୍ରାସ ଦେଖାଯାଇଥିଲା। ନିଫ୍ଟି ନିଫ୍ଟି ୫୦ ର ଅବସ୍ଥା ମଧ୍ୟ ସମାନ ଥିଲା। ଏହା ନିଜର ପୂର୍ବ ବନ୍ଦ ୨୪,୧୬୮ ତୁଳନାରେ ୨୩,୯୯୧ ରେ ଖୋଲିଥିଲା। ଏହାପରେ ପ୍ରାୟ ୨୨୦ ପଏଣ୍ଟ୍ ଖସିଯାଇ ୨୩,୯୩୯ ରେ ପହଞ୍ଚିଥିଲା। ୨. ଆଇଟି ସେୟାରଗୁଡ଼ିକରେ କୋକୁଆଭୟ ବଜାରର ଏହି ପତନ ପଛରେ ମୁଖ୍ୟତଃ ଆଇଟି ଓ ଟେକ୍ କମ୍ପାନୀଗୁଡ଼ିକର ସେୟାର ଦାୟୀ ଥିଲା,ଯାହା ବଜାର ଖୋଲିବା ମାତ୍ରେ ଧରାଶାୟୀ ହୋଇଯାଇଥିଲା। ଇନଫୋସିସ୍:୮.୫୦% ହ୍ରାସ ଟିସିଏସ୍:୬.୨୦% ହ୍ରାସ ଟେକ୍ ମହିନ୍ଦ୍ରା:୫.୬୦% ହ୍ରାସ ଏଚ୍ସିଏଲ୍ ଟେକ୍:୫.୪୦% ହ୍ରାସ ଏହା ବ୍ୟତୀତ ଏଚଡିଏଫସି ବ୍ୟାଙ୍କ ୨.୩୦%, ଏମ୍ଫାସିସ୍ ୬.୬୦% ଏବଂ ପରସିଷ୍ଟେଣ୍ଟ ସେୟାର ମଧ୍ୟ ୫% ଖସିଥିବାର ଦେଖିବାକୁ ମିଳିଥିଲା। ୩. ବଜାରର ସାମଗ୍ରିକ ସ୍ଥିତି ବିଶ୍ୱ ବଜାରର ମିଶ୍ରିତ ସଙ୍କେତ ମଧ୍ୟରେ, ଶୁକ୍ରବାର ଦିନ ବଜାର ଖୋଲିବା ବେଳେ ମାତ୍ର ୯୫୬ ଟି କମ୍ପାନୀର ସେୟାର ବୃଦ୍ଧି ସହ ଟ୍ରେଡିଂ ଆରମ୍ଭ କରିଥିଲେ। ଅନ୍ୟପଟେ ୧୩୨୪ ଟି କମ୍ପାନୀର ସେୟାର ବଡ଼ ଧରଣର ହ୍ରାସ ସହ 'ରେଡ୍ ଜୋନ୍' ରେ ଖୋଲିଥିଲେ। ୧୭୮ ଟି ସେୟାରରେ କୌଣସି ପରିବର୍ତ୍ତନ ଦେଖାଯାଇନଥିଲା। ୪. ଏତେ ବଡ଼ କ୍ରାସ୍ କାହିଁକି ହେଲା? ଏହି ବଡ଼ ଧରଣର ପତନ ପଛର ମୁଖ୍ୟ କାରଣ ହେଉଛି ଗ୍ଲୋବାଲ୍ ଆଇଟି ସର୍ଭିସ୍ କମ୍ପାନୀ 'ଏକ୍ସେଞ୍ଚର୍'ର ନୂଆ ରିପୋର୍ଟ। ପଶ୍ଚିମ ଏସିଆରୁ ଆସୁଥିବା ରାଜସ୍ୱରେ ସମସ୍ୟା ଦେଖାଦେଉଥିବାରୁ ଏକ୍ସେଞ୍ଚର୍ ୨୦୨୬ ଆର୍ଥିକ ବର୍ଷ ପାଇଁ ନିଜର ରାଜସ୍ୱ ଅଭିବୃଦ୍ଧି ଅନୁମାନକୁ ହ୍ରାସ କରିଛି। ଏହି ଖବର ଆସିବା ପରେ ରାତାରାତି ଏକ୍ସେଞ୍ଚର୍ର ସେୟାର ପ୍ରାୟ ୧୮ ପ୍ରତିଶତ ତଳକୁ ଖସିଯାଇଥିଲା। ଏହାର ପ୍ରଭାବ ଭାରତୀୟ ଆଇଟି ସେୟାର ଉପରେ ପଡ଼ିଲା, ଯେଉଁଥିପାଇଁ ରେ ପ୍ରାୟ ୧୦% ଏବଂରେ ୩.୬% ହ୍ରାସ ଘଟିଛି।

## ପେଟ୍ରୋଲ ପମ୍ପରେ ୨୦୦ ଲିଟରରୁ ଅଧିକ ମିଳିବନି ତେଲ

ନୂଆଦିଲ୍ଲୀ,୧୯।୬: ଭାରତ ସରକାର ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଏବଂ ଡିଜେଲ କ୍ରୟ ଉପରେ ରୋକ ଲଗାଇଛନ୍ତି । ଏକ ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ସରକାର ଇଣ୍ଡଷ୍ଟ୍ରିଆଲ, ବାଣିଜ୍ୟିକ ଏବଂ ଅନୁଷ୍ଠାନିକ ବ୍ୟବହାରକାରୀଙ୍କୁ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଏବଂ ଡିଜେଲ କିଣିବାକୁ ନିଷେଧ କରିଛନ୍ତି । ଏହି ପ୍ରକାରର ଗ୍ରାହକମାନଙ୍କୁ ହୋଲସେଲ ପଏଣ୍ଟରୁ ତେଲ କିଣିବାକୁ କୁହାଯାଇଛି । ଏହି ସରକାରୀ ନିର୍ଦ୍ଦେଶ ୯୦ ଦିନ ପାଇଁ କାର୍ଯ୍ୟକାରୀ ହେବ। କିଛି ଅଞ୍ଚଳରେ ତୈଳ ଚାହିଦାରେ ଅସ୍ୱାଭାବିକ ବୃଦ୍ଧି ପରେ ଏହି ନିଷ୍ପତ୍ତି ନିଆଯାଇଛି । ଗ୍ରାହକ ପମ୍ପରେ ତେଲ ମୂଲ୍ୟ ସ୍ୱାଭାବିକଠାରୁ ଅଧିକ । ଏହି କାରଣରୁ, ଅନେକ ଗ୍ରାହକ ପେଟ୍ରୋଲ ପମ୍ପରୁ ବହୁ ପରିମାଣରେ ତେଲ କିଣିବା ଆରମ୍ଭ କରିଛନ୍ତି । ତେଣୁ ନିଷ୍ପତ୍ତି ହୋଇଛି କି ୨୦୦ ଲିଟରରୁ ଅଧିକ ତେଲ ମିଳିବ ନାହିଁ । ଡ୍ରମ୍ ଫୁଲ୍ କରିବାକୁ ୩୯ ଟଙ୍କା ଅଧିକ ଲାଗିବ । ଟେଲିକମ୍ ଟାୱାରରେ ଅତ୍ୟଧିକ ଡିଜେଲ ବ୍ୟବହାର- ଟେଲିକମ୍ ଟାୱାର ଏବଂ ବିଦ୍ୟୁତ୍ ଉତ୍ପାଦନ ଏବଂ ଅନ୍ୟାନ୍ୟ ଫିଲ୍ଡରେ ଆବଶ୍ୟକତା ପାଇଁ ଡିଜେଲ ବ୍ୟବହାର କରୁଥିବା ଶିଳ୍ପଗୁଡ଼ିକ ଭଳି ବଲ୍କ ଉପଭୋକ୍ତାଙ୍କଠାରୁ ବଜାର ମୂଲ୍ୟ ଆଦାୟ କରାଯାଏ । କିନ୍ତୁ ଖୁଚୁରା ପମ୍ପ ଦର ମୂଲ୍ୟ ତୁଳନାରେ ଯଥେଷ୍ଟ କମ୍ । ଜୁନ୍ ୧୧ ତାରିଖରେ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ମୋଟର ସ୍ପିରିଟ୍ ଏବଂ ହାଇ ସ୍ପିଡ୍ ଡିଜେଲ୍ ଅର୍ଡର, ୨୦୨୬ ଜାରି କରିଥିଲା। ଏହା ଇନ୍ଧନ ଖୁଚୁରା ବିକ୍ରେତା ଏବଂ ତୈଳ ବିପଣନ କମ୍ପାନୀଗୁଡ଼ିକୁ ଏକ ସମୟରେ ୯୦ ଦିନ ପର୍ଯ୍ୟନ୍ତ ଖୁଚୁରା ବିକ୍ରୟରୁ ବଲ୍କ କ୍ରୟ ନିଷେଧ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସରକାର କହିଛନ୍ତି ଯେ "ବିଶ୍ୱର କିଛି ଅଞ୍ଚଳକୁ ପ୍ରଭାବିତ କରୁଥିବା ବର୍ତ୍ତମାନର ଭୂରାଜନୈତିକ ପରିସ୍ଥିତି" ଯୋଗୁଁ ଏହି ପଦକ୍ଷେପ ଆବଶ୍ୟକ, ଯାହା ଆନ୍ତର୍ଜାତୀୟ ପେଟ୍ରୋଲିୟମ୍ ଯୋଗାଣ ଶୃଙ୍ଖଳ, ପରିବହନ ଲଜିଷ୍ଟିକ୍ସ ଏବଂ ପେଟ୍ରୋଲିୟମ୍ ଉତ୍ପାଦର ଉପଲବ୍ଧତା ଉପରେ ପ୍ରତିକୂଳ ପ୍ରଭାବ ପକାଇଛି ।




## ବିନା ଇଣ୍ଟରନେଟ୍‌ରେ ବି କରିପାରିବେ ଗୁଗଲ୍ ମ୍ୟାପ୍ସ ବ୍ୟବହାର

ନୂଆଦିଲ୍ଲୀ,୧୯।୬: ଗୁଗଲ୍ ମ୍ୟାପ୍ସ ଏବେ କେବଳ କୌଣସି ସ୍ଥାନର ରାସ୍ତା ଦେଖାଇବା ପାଇଁ ଏକ ସାଧାରଣ ଆପ୍ ହୋଇ ରହିନାହିଁ, ବରଂ ଏହା ଏକ ସମ୍ପୂର୍ଣ୍ଣ 'ଡିଜିଟାଲ୍ ଟ୍ରାଭେଲ୍ ଆସିଷ୍ଟାଣ୍ଟ' ପାଲଟିଛି। ଗତ କିଛି ବର୍ଷ ମଧ୍ୟରେ ଏଥିରେ ଅନେକ ସ୍ମାର୍ଟ ଫିଚର୍ସ ଯୋଡ଼ି ହୋଇଛି, ଯାହା ଆପଣଙ୍କ ଯାତ୍ରାକୁ ଅଧିକ ସହଜ, ସୁରକ୍ଷିତ ଏବଂ ସୁବିଧାଜନକ କରିଥାଏ। ଟ୍ରାଫିକ୍‌ରୁ ବଞ୍ଚିବା ଠାରୁ ଆରମ୍ଭ କରି ପାର୍କିଂ ମନେ ରଖିବା ଏବଂ ଗହଳି ବିଷୟରେ ଜାଣିବା ପର୍ଯ୍ୟନ୍ତ, ଏହି ଆପ୍ ପ୍ରତିଟି ପାଦରେ ସାହାଯ୍ୟ କରେ। ଆସନ୍ତୁ ଜାଣିବା ଏହି ସ୍ମାର୍ଟ ଫିଚର୍ସଗୁଡ଼ିକ ବିଷୟରେ:

୧. ଅଫ୍‌ଲାଇନ୍ ମ୍ୟାପ୍ସ : ବିନା ଇଣ୍ଟରନେଟ୍‌ରେ ମିଳିବ ରାସ୍ତା

ଯଦି ଆପଣଙ୍କ ମୋବାଇଲ୍‌ରେ ଇଣ୍ଟରନେଟ୍ ନାହିଁ ବା ନେଟୱର୍କ ସମସ୍ୟା ରହିଛି, ତଥାପି ଗୁଗଲ ମ୍ୟାପ୍ସ କାମ କରିବ। ଏଥିପାଇଁ ୟୁଜର୍ସ ନିଜ ପସନ୍ଦର ଅଞ୍ଚଳର ମ୍ୟାପ୍‌କୁ ପୂର୍ବରୁ ଡାଉନଲୋଡ୍ କରି ରଖିପାରିବେ। ଆପ୍ ଖୋଲି ପ୍ରୋଫାଇଲ୍ ଫଟୋ ଉପରେ ଟ୍ୟାପ୍ କରନ୍ତୁ, "Offline Maps" ବାଛନ୍ତୁ ଏବଂ "Select Your Own Map" ଉପରେ କ୍ଲିକ୍ କରି ନିଜ ସହର କିମ୍ବା ରୁଟ୍‌କୁ ଡାଉନଲୋଡ୍ କରିନିଅନ୍ତୁ।



ଏହାପରେ ବିନା ନେଟୱର୍କରେ ମଧ୍ୟ ନେଭିଗେସନ୍ ସମ୍ଭବ ହେବ।

୨. ପାର୍କିଂ ଲୋକେସନ: ଗାଡ଼ି ଖୋଜିବା ହେଲା ସହଜ

ଅନେକ ସମୟରେ ଲୋକେ ବଡ଼ ବଡ଼ ମଲ୍ ବା ଗହଳି ସ୍ଥାନରେ ନିଜ ଗାଡ଼ି ପାର୍କିଂ କରିବା ପରେ କେଉଁଠି ରଖିଛନ୍ତି ଭୁଲିଯାଆନ୍ତି। ଏଥିପାଇଁ ଗାଡ଼ି ପାର୍କିଂ କରିବା ସମୟରେ ମ୍ୟାପ୍ସରେ "Save Parking" ବିକଳ୍ପ ଚୟନ କରି ଲୋକେସନ ସେଭ୍ କରିପାରିବେ। ପରବର୍ତ୍ତୀ ସମୟରେ "Parking Saved" ଉପରେ ଟ୍ୟାପ୍ କରି ସିଧାସଳଖ ନିଜ ଗାଡ଼ି ପାଖରେ ପହଞ୍ଚି ହେବ। ଏଥିରେ ନୋଟ୍ସ ଏବଂ ଫଟୋ ଯୋଡ଼ିବାର ସୁବିଧା ମଧ୍ୟ ମିଳିଥାଏ।

୩. ଗ୍ରୁପ୍ ଟ୍ରିପ୍ ଲିଷ୍ଟ: ପରିବାର ସହ ସହଜ ପ୍ଲାନିଂ

ସାଙ୍ଗସାଥୀ କିମ୍ବା ପରିବାର ସହିତ ଯାତ୍ରା ପାଇଁ ଯୋଜନା କରିବା ଏବେ ଅତି ସହଜ। ୟୁଜର୍ସ "Saved" ଟ୍ୟାବ୍‌କୁ ଯାଇ "Lists" ଖୋଲିପାରିବେ ଏବଂ ଏକ ନୂତନ ଲିଷ୍ଟ ପ୍ରସ୍ତୁତ କରି ତାହାକୁ ଶେୟାର କରିପାରିବେ। ଏହାଦ୍ୱାରା ଗ୍ରୁପ୍‌ର ସମସ୍ତ ସଦସ୍ୟ ଗୋଟିଏ ସ୍ଥାନରେ ପୂରା ଟ୍ରିପ୍ ପ୍ଲାନ୍ ଦେଖିବା ସହ ଏଡିଟ୍ ମଧ୍ୟ କରିପାରିବେ।

## ମେମୋରି ଚିପ୍ ହବ୍ ପାଲଟିବ ଭାରତ ! ଶସ୍ତା ହେବ ମୋବାଇଲ-ଲାପଟପ୍

ନୂଆଦିଲ୍ଲୀ,୧୯।୬: ଏଆଇ ଡାଟା ସେଣ୍ଟର ଓ ହାଇପରଫରମାନ୍ସ କମ୍ପ୍ୟୁଟିଂର ବଢୁଥିବା ଆବଶ୍ୟକତା ଭିତରେ ସାରା ଦୁନିଆରେ ମେମୋରି ଚିପ୍ର ଆବଶ୍ୟକତା ଦ୍ରୁତ ଗତିରେ ବଢିବାରେ ଲାଗିଛି। ଏହାକୁ ଦେଖି ଭାରତ ମଧ୍ୟ ସେମିକଣ୍ଡକ୍ଟର ଓ ମେମୋରି ଚିପ୍ ନିର୍ମାଣ କ୍ଷେତ୍ରରେ ବଡ଼ ନିବେଶ କରିବାର ପ୍ରସ୍ତୁତି କରୁଛି। କେନ୍ଦ୍ର ଇଲୋକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରାଦ୍ୟୋଗିକ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଗାମୀ ସମୟରେ ଭାରତରେ ମେମୋରୀ ଚିପ୍ ନିର୍ମାଣ ସମ୍ପର୍କିତ ନୂଆ କମ୍ପାନୀ ନିବେଶ କରି ପାରିବେ, ସେଭଳି ପୂର୍ବରୁ ଥିବା କମ୍ପାନୀ ମଧ୍ୟ ନିଜ ପ୍ରଡକ୍ଟ ଉତ୍ପାଦନ କ୍ଷମତାକୁ ବଢାଇବା ଉପରେ କାମ କରିପାରିବ।



ମନ୍ତ୍ରୀଙ୍କ କହିବା ଅନୁସାରେ, ବିଶ୍ୱ ସ୍ତରରେ ମେମୋରୀ ଚିପ୍‌ର ଆବଶ୍ୟକତା ଓ ଯୋଗାଣ ଭିତରେ ବଡ଼ ଧରଣର ପ୍ରାର୍ଥକ୍ୟ ଦେଖିବାକୁ ମିଳିଛି। ବିଶେଷ ଭାବରେ ଏଆଇ ଡାଟା ସେଣ୍ଟର, କ୍ଲାଉଡ୍ କମ୍ପ୍ୟୁଟିଂ, ସୁପର କମ୍ପ୍ୟୁଟର ଓ ହାଇ-ବ୍ୟାଣ୍ଡଓ୍ୱିଡଥ୍ ମେମୋରି ଚିପ୍‌ର ଆବଶ୍ୟକତା ଉଦ୍ୟୋଗ ଜଗତ ଉପରେ ଚାପ ପକାଉଛି। ଏହି କାରଣରୁ ଗତ କିଛି ତ୍ରୟମାସିକରେ ମେମୋରି ଚିପ୍ର ଦାମ୍ ବି ଲଗାତାର ବଢିବାରେ ଲାଗିଛି। ଏହାର ପ୍ରଭାବ ସ୍ମାର୍ଟଫୋନ୍ ଓ ଅନ୍ୟ ଇଲୋକ୍ଟ୍ରୋନିକ୍ସ ଉପକରଣର ଉପରେ ବି ପଡିଛି।

ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସେମି କଣ୍ଡକ୍ଟର ଉଦ୍ୟୋଗର ଇତିହାସରେ ପ୍ରଥମ ଥର କିଛି ବିଶେଷ ପ୍ରକାରର ମେମୋରି ଚିପ୍ର ଅଭାବ ଅନୁଭୂତ ହେଉଛି। ଏଆଇ ଆଧାରିତ ଟେକ୍ନୋଲୋଜିର ବିସ୍ତାର କାରଣରୁ ଡାଟା ପ୍ରୋସେସିଂ ଓ ଷ୍ଟୋରେଜର ଦାବି ରେକର୍ଡ ସ୍ତରରେ ପହଁଞ୍ଚିପାରେ। ଏଭଳି ସ୍ଥିତିରେ ସାରା ଦୁନିଆରେ କମ୍ପାନୀ ଗୁଡିକ ନୂଆ ଉତ୍ପାଦନ ୟୁନିଟ୍ ତିଆରି କରିବା ଓ ଥିବା ପ୍ଲାଣ୍ଟର ବିସ୍ତାର କରିବାରେ ଲାଗିଛନ୍ତି। ତାଙ୍କର କହିବା ଅନୁସାରେ, ହାଇ ବ୍ୟାଣ୍ଡଓ୍ୱିଡଥ୍ ମେମୋରୀ ଚିପ ବ୍ୟବହାର ମୁଖ୍ୟ ରୂପରେ ଏଆଇ ସିଷ୍ଟମ, ଡାଟା ସେଣ୍ଟର, ସୁପର କମ୍ପ୍ୟୁଟର ଓ ଆଡଭାନ୍ସ ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍ କରାଯାଏ। ବର୍ତ୍ତମାନ ଏହି ଚିପ୍‌ର ଆବଶ୍ୟକତା ଏତେ ଅଧିକ ଯେ, ବହୁ କମ୍ପାନୀ ନୂଆ ଫ୍ୟାକ୍ଟ୍ରି ଆରମ୍ଭ କରୁଛନ୍ତି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୮୬୦ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୭୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୭୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୮୬୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୦୧୦ ଟଙ୍କା ଓ ୨୨ କ୍ୟାରେଟ ୧,୩୩,୮୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୮,୦୪୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୮୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୫ ପଇସା ରହିଛି ।

## ମଣ୍ଡପମଣ୍ଡିତ ଯଜ୍ଞବେଦୀରେ ଉମା-ମହେଶ୍ୱର

**● ଅଷ୍ଟଶତବର୍ଷୀୟ ଈଶ୍ୱରନାଥ ପୀଠରେ ଶୀତଳଷଷ୍ଠୀ ମହୋତ୍ସବ**



**କାକଟପୁର/ଅସ୍ତରଙ୍ଗ,୧୯।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକଣ୍ଠ ଜୀଉନ୍ତି ଗ୍ରାମର ଅଷ୍ଟଶତବର୍ଷୀୟ ଶୈବକ୍ଷେତ୍ର ଶ୍ରୀଶ୍ରୀ ଈଶ୍ୱରନାଥ ମନ୍ଦିରରେ ଶୀତଳଷଷ୍ଠୀର ପୁଣ୍ୟଲଗ୍ନରେ ଉମା-ମହେଶ୍ୱରଙ୍କ ବିବାହୋତ୍ସବ ଆଧ୍ୟାତ୍ମିକ ପରିବେଶରେ ସମ୍ପନ୍ନ ହୋଇଛି।

ତ୍ରେତାୟାଯୁଗୀୟ ଏହି ପ୍ରାଚୀନ ପୀଠରେ ଶକ୍ତିସ୍ୱରୂପିଣୀ ମା ପାର୍ବତୀ ନବବଧୂ ବେଶରେ ଓ ତ୍ରିଲୋକନାଥ ଈଶ୍ୱରନାଥ ବରବେଶରେ ବୈଦିକ ମନ୍ତ୍ରୋଚ୍ଚାରଣ ସହ ପାଣିଗ୍ରହଣ କଲେ। କନ୍ୟାକର୍ତ୍ତା ଉମେଶ ଚନ୍ଦ୍ର ପଣ୍ଡା-ପୁଷ୍ପଲତା ପଣ୍ଡା ଏବଂ ବରକର୍ତ୍ତା ମଞ୍ଜୁଲତା ମିଶ୍ର-ଅକ୍ଷୟ କୁମାର ଦାଶ ପ୍ରାଜାପତ୍ୟ ବିଧିରେ ଦାୟିତ୍ୱ ତୁଲାଇଲେ।

ଷୋଡ଼ଶୋଉପଚାର ପୂଜନ, ଦିଅଁମଙ୍ଗୁଳା, ମହାସ୍ନାନ ପରେ ମଣ୍ଡପମଣ୍ଡିତ ଯଜ୍ଞବେଦୀରେ ବର-କନ୍ୟା ବେଶରେ ଚଳନ୍ତି ବିଗ୍ରହଦ୍ୱୟ ଉପବିଷ୍ଟ ହେଲେ। କନ୍ୟାମାତା ପୁଷ୍ପଲତା ପଣ୍ଡା ଓ ବରମାତା ମଞ୍ଜୁଲତା ମିଶ୍ର କନକାଞ୍ଜଳୀ ବନ୍ଧନ କଲେ। ପୂଜକ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ଲୋସନ କର ଓ ଅମୁଲ୍ୟ କୁମାର ମିଶ୍ରଙ୍କ ମନ୍ତ୍ରପାଠରେ ସପ୍ତପଦୀ ସମ୍ପନ୍ନ ହେଲା। ସପ୍ତ ସଧବା ମହିଳା ବନ୍ଦାପନା କଲେ। ଶଙ୍ଖଧ୍ୱନି, ହୁଳହୁଳି ଓ ମଙ୍ଗଳବାଦ୍ୟରେ କମ୍ପିଲା ଶୈବକ୍ଷେତ୍ର। ଗୋପବନ୍ଧୁ ଯୁବସଂଗଠନ ସଭାପତି ଙ୍କ ପରିଚାଳନାରେ ଶହଶହ ଶ୍ରଦ୍ଧାଳୁ ପ୍ରସାଦ ପାଇଲେ। "ଅଷ୍ଟଶହ ବର୍ଷ ବି ଏହି ପୀଠର ଭକ୍ତିକୁ ମଳିନ କରିପାରିଲା ନାହିଁ। ଆଜି ବି ଈଶ୍ୱରନାଥ ସେହି ପୁରାତନ ମହିମାରେ ବିରାଜମାନ।"

## ବିଭିନ୍ନ ଶୈବ ପୀଠରେ ଶୀତଳଷଷ୍ଠୀ ଓ ଶିବ ପାର୍ବତୀଙ୍କ ବିବାହ ମହୋତ୍ସବ ପାଳିତ

**ନିଶ୍ଚିନ୍ତକୋଇଲି,୧୯।୬ (ସଂଚାର ବ୍ୟୁରୋ):** ପବିତ୍ର ଶୀତଳଷଷ୍ଠୀ ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବିଭିନ୍ନ ଶୈବ ପୀଠରେ ଶିବ ପାର୍ବତୀଙ୍କ ବିବାହ ମହୋତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ବରପଡ଼ା ସ୍ଥିତ ସୋମନାଥ ପୀଠରେ ଦେବଦମ୍ପତ୍ତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠିତ ଉତ୍ସବରେ ବର ପିତାମାତା ଭାବେ ଡ଼ଃ.ଦେବ୍ ମହାନ୍ତି, ହରପ୍ରିୟା ମହାନ୍ତି ଏବଂ କନ୍ୟା ପିତାମାତା ଭାବେ ବିପିନ୍ ବିହାରୀ ଦଣ୍ଡପାଟ, ପୁଷ୍ପବିହାରୀ ଦଣ୍ଡପାଟ କାର୍ଯ୍ୟନିର୍ବାହ କରିଥିଲେ। ପ୍ରଶାନ୍ତ ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା, ଅକ୍ଷୟ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ସୋମନାଥ ମନ୍ଦିରର ସମସ୍ତ ପୂଜକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ରମାକାନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ କ୍ଷୀରୋଦ ପରିଡ଼ା, ରାୟଗୁରୁ ବିଜୟ ମିଶ୍ର, ସମିତିସଭ୍ୟ ଭବାନୀଶଙ୍କର ବେହେରା ପ୍ରମୁଖଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସେହିପରି ପାଇକରାପୁର ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ଦେବଦମ୍ପତ୍ତିଙ୍କ ବିବାହରେ କନ୍ୟାପିତା ଭାବେ ପଦ୍ମଚରଣ ଆଚାର୍ଯ୍ୟ, ବରପିତା ଭାବେ ଶଶଧର ମିଶ୍ର ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ତିଳକଣା ଦେମାଣ୍ଡୋ ସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ପୀଠରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ଉତ୍ସବ ଉଜ୍ଜ୍ୱଳ, ବ୍ଲକ୍ ସାମ୍ନା ଅନ୍ଧାର

## ସରକାରୀ ପାଣ୍ଠିରେ ଲାଗିଲା ଖୁଣ୍ଟି, ଜଳିଲା ନାହିଁ ଲାଇଟ୍



**କାକଟପୁର/ଅସ୍ତରଙ୍ଗ,୧୯।୬ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଧୁମଧାମରେ ବିକାଶ ଉତ୍ସବ ପାଳିତ ହେଉଛି। ମଞ୍ଚ, ବ୍ୟାନର୍, ଫଟୋ, ଷ୍ଟଲ ପଏଣ୍ଟ ସବୁ ଜଳଜଳ। କିନ୍ତୁ ଉତ୍ସବ ମଞ୍ଚଠୁ ମାତ୍ର କିଛି ହାତ ଦୂରରେ ଥିବା ବ୍ଲକ୍ ସାମ୍ନା ରାସ୍ତାରେ ଲାଗିଥିବା ଆଲୋକୀକରଣ ଖୁଣ୍ଟି ଗୁଡ଼ିକ ନିରବ ଦର୍ଶକ ପାଲଟିଛି। ଖୁଣ୍ଟି ଅଛି, ଲାଇଟ୍ ଜଳୁନାହିଁ।

ସରକାରୀ ପାଣ୍ଠିରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଅସ୍ତରଙ୍ଗ ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ରାସ୍ତା ଆଲୋକୀକରଣ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା - ରାତିରେ ଲୋକଙ୍କ ସୁରକ୍ଷା, ମହିଳା, ଛାତ୍ରଛାତ୍ରୀଙ୍କ ଯିବାଆସିବା ସୁଗମ। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଅସ୍ତରଙ୍ଗ ମୁଖ୍ୟ ବଜାର ନିକଟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସାମ୍ନା, ବସଷ୍ଟାଣ୍ଡ ଛକ, ବ୍ଲକ୍ ମୁଖ୍ୟ ରାସ୍ତା ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲାଗିଥିବା ଖୁଣ୍ଟିରେ ମାସ ମାସ ହେଲା ଲାଇଟ ଖରାପ ହୋଇଥିବା ଜଳୁନାହିଁ। ଯାହା ବିଶେଷ ସୂତ୍ରରୁ ଜଣାପଡିଛି ଠିକାଦାର ଓ ଜନପ୍ରତିନିଧି ମଧ୍ୟସ୍ଥିକାରେ ସ୍ଥାନୀୟ ଅଞ୍ଚଳରେ ନିମ୍ନମାନର ଲାଇଟି ଲଗାଇ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି।

"ଟଙ୍କା ଉଠିସାରିଲା, ଖୁଣ୍ଟି ଲାଗିସାରିଲା, କିନ୍ତୁ ଆଲୋକ କେଉଁଠି ପ୍ରାୟତଃ ଜଳୁନାହିଁ ? ସରକାରୀ ଅଧିକାରୀ, ଅଧିକାରିଣୀ ଓ କୁଜି ନେତା ପକେଟ୍ ଗରମ କଲେ, ଆମେ ଅନ୍ଧାର ରେ ଗଲୁ" ବୋଲି ଜଣେ ସ୍ଥାନୀୟ ବ୍ୟବସାୟୀ ଅଭିଯୋଗ କରିଛନ୍ତି।ବସଷ୍ଟାଣ୍ଡ ପରି ଜନବହୁଳ ସ୍ଥାନରେ ଆଲୋକ ନଥିବାରୁ ସନ୍ଧ୍ୟା ପରେ ଚୋରି, ଛିନତାଇ ଆଶଙ୍କା ବଢ଼ିଯାଉଛି। ମହିଳା ଓ ଛାତ୍ରୀମାନେ ଭୟରେ ରାତିରେ ବାହାରକୁ ବାହାରୁନାହାନ୍ତି।କାରଣ ଗ୍ରାମାଞ୍ଚଳ ରେ ଅନେକ ସ୍ଥାନରେ ଖୁଣ୍ଟି ରେ ଲାଇଟି ଲାଗିଥିଲେ ମଧ୍ୟ ଜଳୁନାହିଁ।

ଲୋକଙ୍କ ପ୍ରଶ୍ନ - କେତେ ଟଙ୍କାରେ କେତେ ଖୁଣ୍ଟି ଲାଗିଲା? କେଉଁ ଠିକାଦାର କାମ ପାଇଲା? କାମ ସରିଲା ପରେ ବିଭାଗ କାହିଁକି ତଦାରଖ କଲାନାହିଁ? ଦୁଇ ବର୍ଷ ପୂର୍ତ୍ତି ଉତ୍ସବରେ "ଆଲୋକିତ ଓଡ଼ିଶା" ସ୍ଲୋଗାନ୍ ଦିଆଯାଉଥିବା ବେଳେ ବ୍ଲକ୍ ସାମ୍ନାରେ ହିଁ ଅନ୍ଧାରରେ ବୁଡ଼ିରହିଛି।

ସ୍ଥାନୀୟ ବାସିନ୍ଦା ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସରକାରୀ ଟଙ୍କାର ଅପଚୟ ଓ ଠିକାଦାରୀ ଅନିୟମିତ ଉପରେ ପଦକ୍ଷେପ ନେଇ ଶୀଘ୍ର ସମସ୍ତ ଖୁଣ୍ଟିରେ ଆଲୋକ ଜାଳିବାକୁ ସ୍ଥାନୀୟ ଜିଲ୍ଲା ପ୍ରଶାସନଙ୍କୁ ଦାବି ଜଣାଇଛନ୍ତି। ଖବର ଲେଖାଯାଏଁ ବ୍ଲକ୍ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନଥିଲା।

### ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ପ୍ରୋତ୍ସାହନ

## 'ପାଲା'କୁ ସହରରେ ଲୋକାଭିମୁଖୀ କରିବାକୁ ପ୍ରୟାସ



**କେନ୍ଦ୍ରାପଡା,୧୯।୬ (ସଂଚାର ବ୍ୟୁରୋ):** ଓଡ଼ିଶା ମାଟି କଳା ଓ ସଂସ୍କୃତି ସମ୍ପୂର୍ଣ୍ଣ ଗନ୍ତାଘର ଅଟେ। ଏଥିପାଇଁ ଏହା ସାରା ଭାରତ ସହ ବିଶ୍ୱରେ ମଧ୍ୟ ମର୍ଯ୍ୟାଦା ରହିଛି। ଆମ ଓଡିଶା ରେ ଏବେ ବହୁତ ପାଶ୍ଚାତ୍ୟ ନୃତ୍ୟ ଓ ହୀନମାନସିକତାର ସଂଗୀତ କାର୍ଯ୍ୟକ୍ରମକୁ ଆପଣାଇ ଯୁବଗୋଷ୍ଠୀ ଏବେ ପଥଭ୍ରଷ୍ଟ । ଓଡିଶାର ଲୋକକଳା "ପାଲା" ମାଧ୍ୟମରେ ଶିକ୍ଷା, ସଂସ୍କୃତି, ଶାଳୀନତା, ବିଚାର ଓ ଆଧ୍ୟାତ୍ମିକତା ଭରପୁର ରହିଥିଲା ଯାହା ସମାଜ ଗଠନ ଓ ସଂସ୍କୃତି ସମ୍ପନ୍ନ ହେବା ପାଇଁ ସହାୟକ ହେଉଥିଲା।

କେନ୍ଦ୍ରାପଡ଼ା ଜିଲ୍ଲା ପୌରପାଳିକା ମଧ୍ୟ ରେ ମାଧପୁର ସହର ର ଅନନ୍ୟ ଅଞ୍ଚଳ ଅଟେ। ଏହି ଗ୍ରାମର ପୁରାତନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ ମାଧପୁରରେ ବସବାସ କରନ୍ତି । ତାଙ୍କର ନାତୁଣୀର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ପଟ୍ଟାମୁଣ୍ଡାଇ ଅଞ୍ଚଳର ମା ଭଗବତୀ ପାଲା ପରିଷଦକୁ ନିମନ୍ତ୍ରଣ କରିଥିଲେ। ସହରରେ ଏହା ଦେଖି ଅଂଚଳବାସୀ ଆଶ୍ଚର୍ଯ୍ୟ ହୋଇଥିଲେ । ପାଲା ମାଧ୍ୟମରେ ଯାହା ପରିବେଷଣ କରିଥିଲେ ତାହା ଶିକ୍ଷଣୀୟ ଓ ସାମାଜିକ ଚଳଣି ସହ ସଂସ୍କୃତି ସହ ଜଡିତ ଥିଲା।

ସହରରେ ଏହିପରି କାର୍ଯ୍ୟକ୍ରମ ଜାଣି କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ସେଠାରେ ଉପସ୍ଥିତ ହୋଇ ଏହି ଲୋକକଳାକୁ ପ୍ରୋତ୍ସାହନ ଦେବା ସହ ତାଙ୍କ ମନୋବଳ ବଢାଇବା ପାଇଁ ତାଙ୍କର ମୁଖ୍ୟଙ୍କୁ ସମ୍ମାନିତ କରିଥିଲେ। ଜୀବନ୍ତ ଉପହାରରେ ଏକ କଲମୀ ଆମ୍ବ ଗଛ ଓ ଉତ୍ତରୀୟ ପ୍ରଦାନ କରାଯଇଥିଲା। ମା ଭଗବତୀ ପାଲା ପରିଷଦର ଗାୟିକା ସୁର ଭାରତୀ ସସ୍ମିତା ପ୍ରଧାନ, ବାୟକ କଲ୍ୟାଣ ବେହେରା, ହାସ୍ୟ ଅଭିନେତା ସୁଧାକର ତରାଇ, ଭଜନ ସଂଗୀତ ମୁନା ନାୟକ, ସହଯୋଗୀ ସସ୍ମିତା ସାହୁ ଓ କୈଳାସ ବଳ ଉପସ୍ଥିତ ଥିଲେ।

## ଠିକାଦାର ସଂଘର ସାଧାରଣ ସଭା ଅନୁଷ୍ଠିତ




**ହିଞ୍ଜିଳିକାଟୁ,୧୯।୬ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ନିକଟସ୍ଥ ମା' ଶ୍ୟାମଳାଇ ମନ୍ଦିର ପରିସରରେ ଠିକାଦାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଠିକାଦାରମାନଙ୍କ ସ୍ୱାର୍ଥ ସୁରକ୍ଷା, ସଂଘର ଏକତା ବଜାୟ ରଖିବା ଏବଂ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସଂଘର ପରିଚାଳନାକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସଭାରେ ସର୍ବସମ୍ମତିକ୍ରମେ ୧୫ ସଦସ୍ୟ ବିଶିଷ୍ଟ ପରିଚାଳନା କମିଟି ଗଠନ କରାଯାଇଥିଲା । ଏହି କମିଟି ଆଗାମୀ ଦିନରେ ସଂଘର ସାଂଗଠନିକ କାର୍ଯ୍ୟକ୍ରମ, ଠିକାଦାରମାନଙ୍କ ସ୍ୱାର୍ଥ ସୁରକ୍ଷା, ସରକାରୀ ବିଭାଗ ସହ ସମନ୍ୱୟ ଏବଂ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବ। ଠିକାଦାରମାନଙ୍କ ବିଭିନ୍ନ ଦାବି ଓ ସମସ୍ୟା ପ୍ରତି ସରକାର ତୁରନ୍ତ ପଦକ୍ଷେପ ନେବାକୁ ସଭାରୁ ଦାବି କରାଯାଇଥିଲା।

## ପଟ୍ଟାମୁଣ୍ଡାଇ ବ୍ଲକରେ ବିପର୍ଯ୍ୟୟ ପ୍ରସ୍ତୁତି, ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ



**ପଟ୍ଟାମୁଣ୍ଡାଇ,୧୯।୬ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ସମ୍ଭାବ୍ୟ ବାତ୍ୟା ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ପ୍ରଶାସନ ସବୁ ମତେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଶୀତଲ ଅଗ୍ରୱାଲ,ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ଅନ୍ୱେଷଣ ସମ୍ପାଦକ ଅନନ୍ତ କର, ଦିହୁଡ଼ିପୁର ସରପଞ୍ଚ ନରେଶ ମଲିକ, ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡା ଅମୃତମଣୋହି ସରପଞ୍ଚ ନିରୁପମା ଦାସ ଦୋଷିଆ ସରପଞ୍ଚ ସ୍ମୃତି ରେଖା ସ୍ୱାଇଁ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ,ଦୀପ୍ତିରଞ୍ଜନ ବେହୁରା, ସୁନୀଲ ନାୟକ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ବିଶ୍ୱଜିତ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

ଏହାଛଡା ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ଅନ୍ୱେଷଣ ସମ୍ପାଦକ ଅନନ୍ତ କରଙ୍କ ତତ୍ତ୍ୱାବଧାନ ରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ଟି ବାତ୍ୟା ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ପାଇଁ ମକ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତୃପକ୍ଷ ଡି ପି ଓ ଅଜୟ ମହାନ୍ତି ଯୋଗ ଦେଇ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡିଶାର ସୁନାମ ଓ ଗୁରୁତ୍ୱ ଉପରେ ଆଲୋକପାତ କରି ସଫଳ ମୁକାବିଲା କୌଶଳ ଉପରେ ସୂଚନା ଦେଇଥିଲେ। ସେହିପରି ଦିହୁଡ଼ିପୁର ବାତ୍ୟା ଆଶ୍ରୟସ୍ଥଳୀରେ ସରପଞ୍ଚ ନରେଶ ମଲିକ, ଶଙ୍ଖପୁର ବାତ୍ୟା ଆଶ୍ରୟସ୍ଥଳୀରେ ସଭାପତି ସରପଞ୍ଚ ଅନିଲ ଲେଙ୍କା ଓ ସମ୍ପାଦକ ସୁବ୍ରତ ବାରିକ, ବିଲିକଣା ବାତ୍ୟା ଆଶ୍ରୟସ୍ଥଳୀରେ ସଭାପତି ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସାତକୁଡ଼ିଆ ବାତ୍ୟା ଆଶ୍ରୟସ୍ଥଳୀରେ ସତ୍ୟବ୍ରତ ଛାଟୋଇ, ବଢ଼େଇପଡା ବାତ୍ୟା ଆଶ୍ରୟସ୍ଥଳୀରେ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ବିଶ୍ୱାଳ, ବାଲିପାଟଣା ବାତ୍ୟା ଆଶ୍ରୟସ୍ଥଳୀରେ ସତ୍ୟବ୍ରତ ଓଝା, ଦାଣ୍ଡିସାହି ବାତ୍ୟା ଆଶ୍ରୟ ସ୍ଥଳୀରେ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ ଓ ଅଖିଳ ପ୍ରଧାନ,ସିଂହଗାଁ ବାତ୍ୟା ଆଶ୍ରୟସ୍ଥଳୀରେ ସରପଞ୍ଚ ଗଣେଶ ଦାସ, ଦୋଷିଆ ବାତ୍ୟା ଆଶ୍ରୟସ୍ଥଳୀରେ ସରପଞ୍ଚ ସ୍ମୃତିରେଖା ସ୍ୱାଇଁ, ପାଳପାଟଣା ବାତ୍ୟା ଆଶ୍ରୟସ୍ଥଳୀରେ ସଭାପତି ସରପଞ୍ଚ ସସ୍ମିତା ସେଠୀ ଓ ସମ୍ପାଦକ ଉମାକାନ୍ତ ମହାନ୍ତି ନରସିଂହପୁର ଅଇନିପଡା ବାତ୍ୟା ଆଶ୍ରୟସ୍ଥଳୀରେ ସରପଞ୍ଚ ଦୀପ୍ତିମୟୀ ପରିଡାଙ୍କ ତତ୍ତ୍ୱାବଧାନରେ ବିପର୍ଯ୍ୟୟ ମୁକାବିଲା ମକ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି।

## ପ୍ରଶାସନ ଓ ପୁଲିସର ମିଳିତ ଚଢ଼ାଉ, ୨ ଗାଡ଼ି ଜବତ୍

**ନୀଳଗିରି,୧୯।୬ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନ ତିନିଘଟିକାରେ ମିତ୍ରପୁର ଆର ଆଇ ସର୍କଲ ଅଞ୍ଚଳ ରେ ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ ଓ ନୀଳଗିରି ପୋଲିସ ର ମିଳିତ ଚଢ଼ାଉ କରି ଗୋଟିଏ ୧୦ ଚକିଆ ବାଲି ବୋଝେଇ ଡମ୍ଫର ଯାହାର ନମ୍ବର ଓଆର୍ ୦୪ ଏମ୍- ୦୬୨୫ କୁ କାଠପାଳ ପୋଲ ନିକଟରୁ ଜବତ୍ କରିଥିବା ବେଳେ ଅନ୍ୟ ଗୋଟିଏ ପଥର ବୋଝେଇ ଡମ୍ଫର ଯାହାର ନମ୍ବର ଓ ଆର- ୦୧ ଏମ୍ -୦୮୦୯ କୁ ମଖା ପଦା ଠାରୁ ଜବତ୍ କରି ନୀଳଗିରି ଥାନାକୁ ଆଣିଛନ୍ତି।ନୀଳଗିରି ଥାନାର ଆଇ.ଆଇ.ସି. ଗୋଓ୍ୱର୍ଦ୍ଧନ ନାୟକ ଙ୍କ ନେତୃତ୍ୱରେ ଏ. ଏସ. ଆଇ .ଶ୍ରୀନିବାସ ରାଉତ ଓ କନେଷ୍ଟ ବଳ ସାମିଲ ଥିଲେ । ଏପରି ଚଢଉ ଦେଖି ଚୋରା ବେପାରୀ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।



## ପ୍ରତିଭା ଅନ୍ୱେଷଣ ଓ ସମ୍ବର୍ଦ୍ଧନା ସମାରୋହ



**ଡେରାବିଶ,୧୯।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରୀ ପ୍ରତୀକ୍ଷା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। 'ଗୀତି ଗଙ୍ଗୋତ୍ରୀ' ତ୍ରୈମାସିକ ଓଡ଼ିଆ ପତ୍ରିକାର ସମ୍ପାଦକ, ଗୀତୀ ଭାରତୀ ଟ୍ରଷ୍ଟର ମୁଖ୍ୟ ତଥ୍ୟ ଦୋହଳୀ ମଡେଲ ହାଇସ୍କୁଲର ୧୯୭୦ ବ୍ୟାଚ୍‌ର ଟପ୍ପର ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତିଙ୍କ ଆନୁକୂଲ୍ୟରେ ପ୍ରତିବର୍ଷ ନୂତନ ଛାତ୍ର ପ୍ରତିଭା ଅନ୍ୱେଷଣ ତଥା ସମ୍ବର୍ଦ୍ଧନା ପ୍ରକ୍ରିୟାରେ ଚଳିତ ବର୍ଷ ଏହି ବିଦ୍ୟାଳୟର ମାଟ୍ରିକରେ ଏ-୧ ଗ୍ରେଡ଼ରେ ସର୍ବୋଚ୍ଚ ନମ୍ବର ରଖି ପାସ୍ କରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ, ମାନପତ୍ର, ସ୍ମାରକୀ ପ୍ଲେଟ ଓ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି ମଞ୍ଚ ସଂଯୋଜନା କରିଥିବା ବେଳେ ଅତିଥି ଭାବରେ ପ୍ରାଧ୍ୟାପକ ଶ୍ରୀ ମହାନ୍ତି, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ଉପସଭାପତି ଅମ୍ବିକା ପ୍ରସାଦ ରଥ, ପୁରାତନ ଛାତ୍ର ଗୋପାଳ ପ୍ରସାଦ ରଥ, ଧରଣୀଧର ଦାଶ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ ପ୍ରମୁଖ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପ୍ରତିଯୋଗିତା ଯୁଗରେ ସଫଳତା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତୀକ୍ଷା ପଣ୍ଡାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟର ଟପ୍ପରଙ୍କୁ ୧୦୦୦ ଟଙ୍କା, ବ୍ଲକ ଟପ୍ପର ହୋଇପାରିଲେ ୨୦୦୦ ଟଙ୍କା ଓ ଜିଲ୍ଲା ଟପ୍ପର ହେଲେ ୫୦୦୦ ଟଙ୍କା ଓ ରାଜ୍ୟର ପ୍ରଥମ ଦଶଜଣଙ୍କ ମଧ୍ୟରେ ରହିଲେ ୧୦୦୦୦ ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ମୁଖ୍ୟ ପ୍ରାଧ୍ୟାପକ ଶ୍ରୀ ମହାନ୍ତି ଘୋଷଣା କରିଥିଲେ।

## ସାମ୍ବାଦିକଙ୍କୁ ଧମକପୂର୍ଣ୍ଣ ମେସେଜ୍; ଥାନାରେ ଅଭିଯୋଗ



**ନିଶ୍ଚିନ୍ତକୋଇଲି,୧୯।୬ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଅଞ୍ଚଳର ଏକ ଘରୋଇ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ସୀତାନାଥ ସିଂ ଆଇଡ଼ିଏଫସି ବ୍ୟାଙ୍କରୁ ଋଣ ନେଇ ଏକ ଆଇ ଫୋନ୍ କିଣିଥିଲେ। ଡ଼ାଉନ ପେମେଣ୍ଟ ବାବଦରେ ୧୫ହଜାର ଟଙ୍କା ବ୍ୟାଙ୍କରେ ପୈଠ କରିବା ସହ ମାସିକ କିସ୍ତି ୩୭୭୪ ଟଙ୍କା ନିୟମିତ ପୈଠ କରୁଥିଲେ। ହେଲେ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଦୁଇଟି କିସ୍ତି ଧାର୍ଯ୍ୟ ସମୟରେ ପୈଠ କରିପାରିନଥିଲେ। ପରବର୍ତ୍ତୀ ସମୟରେ ଶ୍ରୀ ସିଂ ଗୋଟିଏ କିସ୍ତି ପୈଠ କରିଛନ୍ତି। ହେଲେ ଏକ ଅଜଣା ମୋବାଇଲ ନଂ-୯୫୮୩୯୩୭୬୭୨ରୁ କଲ ଆସିଥିଲା। ଶ୍ରୀ ସିଂ କଲ ରିସିଭ କରିବାରୁ ସମ୍ପୃକ୍ତ ନମ୍ବର ବ୍ୟବହାରୀ ବ୍ୟକ୍ତି ଜଣକ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଗଣମାଧ୍ୟମ ପ୍ରତିନିଧି ଶ୍ରୀ ସିଂଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଛି।ତାଙ୍କର ଏଭଳି ଧମକ ପାଇବା ପରେ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧି ଓ ତାଙ୍କ ପରିବାରର ସଦସ୍ୟ ସଦସ୍ୟାଙ୍କ ପ୍ରତି ବିପଦ ରହିଥିବା ନେଇ ଶ୍ରୀ ସିଂ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ଏବଂ ତାଙ୍କ ପରିବାରକୁ ସୁରକ୍ଷା ଦେବା ସହିତ ଧମକ ଦେଇଥିବା ବ୍ୟକ୍ତିଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ସିଂ ନିବେଦନ କରିଛନ୍ତି। ଶ୍ରୀ ସିଂ ଅଭିଯୋଗ ପତ୍ର ଦାଖଲ କରିବା ସମୟରେ ସାମ୍ବାଦିକ ନାରାୟଣ ଓଝା, ଶିବପ୍ରସାଦ ରାଉତ, ପ୍ରସନ୍ନ କୁମାର ମହାପାତ୍ର, ଫାଲଗୁନୀ ପ୍ରସାଦ ପଣ୍ଡା, ମନୋଜ କୁମାର ସାମଲ ଉପସ୍ଥିତ ଥିଲେ।

## ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ସଚେତନତା ବୈଠକ




**ଢେଙ୍କାନାଳ,୧୯।୬ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲ ଠାରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ଏବଂ ଏହା ବିରୁଦ୍ଧରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ରମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଢେଙ୍କାନାଳ, ଶ୍ରୀମତୀ ମୋନାଲିସ ନାୟକ, ଉପ ଆରକ୍ଷୀ ଅଧୀକ୍ଷକ, ଢେଙ୍କାନାଳ, ଶ୍ରୀମତୀ ସୁଷମା ପ୍ରଧାନ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଢେଙ୍କାନାଳ, ଡ଼. ଶାନ୍ତନୁ କୁମାର ଟୁଡୁ, ଜିଲ୍ଲା ଶିଶୁ ମଙ୍ଗଳ ସଦସ୍ୟ, ଢେଙ୍କାନାଳ, ଜିତେନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ନିୟୋଜନ ଅଧିକାରୀ, ଢେଙ୍କାନାଳ, ତତ୍ତ୍ୱମସି ମହାପାତ୍ର, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ, ଢେଙ୍କାନାଳ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ ,ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ଓ ସହକାରୀ ଶ୍ରମ ଅଧିକାରୀ ଯୋଗଦାନ କରିଥିଲେ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ, ଏନ୍‌ଜିଓ, ଟ୍ରେଡ୍ ୟୁନିୟନ ର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀଯୁକ୍ତ ତପନ କୁମାର ସୂତାର ପରିଚାଳନା କରିଥିଲେ ।

ବୈଠକରେ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା ହୋଇଥିଲା। ୧୪ ବର୍ଷରୁ କମ୍ ଶିଶୁମାନଙ୍କୁ କୌଣସି ବି ଦୋକାନ, ହୋଟେଲ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନରେ ନିୟୋଜିତ ନ କରିବା ଏବଂ (୧୪ ବର୍ଷ ରୁ ଉର୍ଦ୍ଧ ୧୮ ବର୍ଷ ରୁ କମ) କିଶୋରମାନଙ୍କୁ ବିପଦସଙ୍କୁଳ କାର୍ଯ୍ୟରୁ ଦୂରେଇ ରଖିବା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି।

### ସରିଲା ରଜ, ଫିଟିଲା ମେଘ

## ପରମ୍ପରା ସହ ଆଧୁନିକତାରେ ଆରମ୍ଭ ହେଲା ଚାଷ

**ତେଲ ଦର ବୃଦ୍ଧି ଯୋଗୁଁ ଚାଷୀଙ୍କୁ ବାଧୁଛି ଟ୍ରାକ୍ଟର ଭଡ଼ା**



**କାକଟପୁର/ଅସ୍ତରଙ୍ଗ,୧୯।୬ (ସଂଚାର ବ୍ୟୁରୋ):** ବଙ୍ଗୋପସାଗର ରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗତ ଶୁକ୍ରବାର ଅଥବା ପୂର୍ବ ଦିନ ସକାଳୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ପବନ ସହ ବର୍ଷା ଆରମ୍ଭ ହୋଇଯାଇଛି। ତିନି ଦିନର ରଜ ପର୍ବ ସରିବା ମାତ୍ରେ ଆସିଥିବା ଏଇ ବର୍ଷା ଚାଷୀ ମାନଙ୍କ ପାଇଁ ଆଶୀର୍ବାଦ ସାଜିଛି। ମା' ବସୁମତୀ ଓଦା ହେବା ସହ ଅଞ୍ଚଳର ଚାଷୀ ନିଜ ନିଜ କ୍ଷେତ ପଟେ ଯାଇଛନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ମୁଖ୍ୟତଃ ଧାନ ଓ ପନିପରିବା ଚାଷ ହୋଇଥାଏ। ଲଘୁଚାପ ଜନିତ ବର୍ଷାରେ ଜମି ଓଦା ହେବା ମାତ୍ରେ ଶୁକ୍ରବାର ସକାଳୁ ସକାଳୁ ବିଭିନ୍ନ ପଂଚାୟତ ରେ ଶତାଧିକ ଚାଷୀ ନିଜର ଏକର ଜମିରେ ଟ୍ରାକ୍ଟର ରେ ହଳ କାମ ଆରମ୍ଭ କରିଦେଇଛନ୍ତି । ସମୟ ବଞ୍ଚାଇବା ପାଇଁ ଚାଷୀମାନେ ଏବେ ମେସିନ୍ ଉପରେ ଅଧିକ ନିର୍ଭର କରୁଛନ୍ତି। "ଗୋଟେ ଦିନରେ ୫ ଏକର ଜମି ହଳ ହୋଇଯାଉଛି। ଶୁକ୍ରବାର ରୁ ବର୍ଷା ଆସିଲା ପରେ ଟ୍ରାକ୍ଟର ନହେଲେ ଚଳୁନି" ବୋଲି ବେଗୁନିଆବସ୍ତ ଗ୍ରାମର ଚାଷୀ ଶ୍ରୀ ହରେକୃଷ୍ଣ ସ୍ୱାଇଁ କହିଛନ୍ତି ।

ହେଲେ ପରମ୍ପରା ସମ୍ପୂର୍ଣ୍ଣ ଲୋପ ପାଇନି। ଛୋଟ ଚାଷୀ ଓ କିଛି ଗାଁରେ ଏବେ ବି ବଳଦ ଧରି ଲଙ୍ଗଳରେ ହଳ କରିବା ଦେଖିବାକୁ ମିଳୁଛି। ବିଶେଷକରି ପନିପରିବା ଚାଷ ପାଇଁ ବଳଦ ଲଙ୍ଗଳରେ ମାଟି ମିଶାଇବା ଭଲ ବୋଲି ବୟସ୍କ ଚାଷୀମାନେ କହୁଛନ୍ତି। "ଟ୍ରାକ୍ଟର ଶୀଘ୍ର ହୁଏ ସତ, କିନ୍ତୁ ଗୋରୁ ହଳରେ ମାଟି ନରମ ହୁଏ" ବୋଲି ଓସ୍ତପୁର ଚାଷୀ ଦୀନବନ୍ଧୁ ଲେଙ୍କା କହିଛନ୍ତି। କିନ୍ତୁ ତେଲ ଦର ବୃଦ୍ଧି ଯୋଗୁଁ ଟ୍ରାକ୍ଟର ଉଚ୍ଚ ଭଡା ଦର ଗରିବ ଚାଷୀ ଙ୍କୁ ବାଧୁଛି।

ପାଣିପାଗ ବିଭାଗ ସୂତ୍ରୁ ପ୍ରକାଶ ଯେ ଲଘୁଚାପ ପ୍ରଭାବରେ ଆଗାମୀ ୨ରୁ ୪ଦିନ ପର୍ଯ୍ୟନ୍ତ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଘଣ୍ଟା ପ୍ରତି ୨୦ରୁ ୩୦କିମି ବେଗରେ ପବନ ହେବାର ସମ୍ଭାବନା ଅଛି। ଏହି ବର୍ଷା ଖରିଫ ଋତୁର ଚାଷ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ ବୋଲି କୃଷି ବିଭାଗ କହିଛି। ବିଭାଗ ପକ୍ଷରୁ ଚାଷୀଙ୍କୁ ସମୟରେ ଉନ୍ନତ ଜାତର ବିହନ ଓ ସାର ଯୋଗାଇଦେବା ପାଇଁ ବ୍ୟବସ୍ଥା ହୋଇଛି।

ଟ୍ରାକ୍ଟର ଗର୍ଜନ ଓ ବଳଦ ର ଲଙ୍ଗଳର ଛାପ - ଲଘୁଚାପ ଜନିତ ପ୍ରଥମ ବର୍ଷା ପରେ ଅସ୍ତରଙ୍ଗଅଂଚଳର ଚାଷ ଜମିରେ ଏବେ ପରମ୍ପରା ଓ ଆଧୁନିକତାର ସମନ୍ୱୟ ଦେଖିବାକୁ ମିଳୁଛି। ଚାଷୀ ମନରେ ଏବେ ଗୋଟିଏ ଆଶା - ଏଥର ସୁନା ଧାନ ସହ ପନିପରିବାରେ ମଧ୍ୟ ଭଲ ଫଳ ହେବ।

## ସୁନୁପେଇ ବିଦ୍ୟାପୀଠ ସିପୁରାର ୧୯୯୭ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




**ମାହାଙ୍ଗା,୧୯।୬ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ସିପୁରା ସ୍ଥିତ ସୁନୁପେଇ ବିଦ୍ୟାପୀଠ ୧୯୯୭ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ପୁରାତନ ଛାତ୍ର ବାଦଲ କୁମାର ରାଉତରାୟ, ସନ୍ତୋଷ ରାଉତରାୟ, ସୁଶାନ୍ତ କୁମାର ସାହୁ, ନିରଞ୍ଜନ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲକ୍ଷ୍ମୀମଣ୍ଡପ ଠାରେ ମହାଆଡମ୍ବରରେ ପାଳିତ ହୋଇଯାଇଛି।

ଏଥିରେ ପୁରାତନ ଛାତ୍ରଛାତ୍ରୀ ସର୍ବଶ୍ରୀ ରିନା ରାଣୀ ରାଉତରାୟ, ଜ୍ୟୋତିର୍ମୟୀ ମହାନ୍ତି, ମମତା କର, ନମିତା ରାଉତରାୟ, ସୁଚିସ୍ମିତା ରାଉତରାୟ, ସତ୍ୟବ୍ରତ ରାଉତରାୟ ସୁମନ୍ତ ବେହେରା, ଜୟନ୍ତ କୁମାର ଜେନା, ସାଗରିକା ମହାନ୍ତି, ବିଶ୍ୱରଞ୍ଜନ ଜେନା, ମଧୁସ୍ମିତା ରାଉତରାୟ, ଜୟନ୍ତ କୁମାର ଜେନା, ସତ୍ୟଜିତ ମହାନ୍ତି, ସଂଘମିତ୍ରା ଜେନା, ବିଶ୍ୱରଞ୍ଜନ ଜେନା, ଶ୍ୟାମସୁନ୍ଦର ଦଳାଇ, ଗଣେଶ ଚନ୍ଦ୍ର ଦାସଙ୍କ ସମେତ ଏହି ବ୍ୟାଚର ବହୁ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଦୀର୍ଘ ୨୯ ବର୍ଷ ବିଦ୍ୟାଳୟ ଜୀବନ ସମୟରେ ଛାତ୍ରଛାତ୍ରୀ ମାନେ ବିତି ଯାଇଥିବା ବିଦ୍ୟାଳୟ ଜୀବନ ସମୟର ସ୍ମୃତିକୁ ରୋମନ୍ଥନ କରିଥିଲେ। ପୁରୁଣା ଦିନର ଅଭୁଲା ସ୍ମୃତି ସମ୍ପର୍କରେ ଆଲୋଚନା କରିବା ସହ ବିଦ୍ୟାଳୟର ଆହୁରି କିପରି ବିକଶିତ କରାଯାଇପାରିବ ସେ ଉପରେ ଗୁରୁତ୍ୱରୋପ କରିଥିଲେ।

ପ୍ରାରମ୍ଭରେ ସ୍ଥାନୀୟ ସୁନୁପେଇ ମନ୍ଦିର ପରିସରରେ ସମସ୍ତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ରିଲିଜ ହେଲା 'ଇଥା'ର ଟିଜର





ଫିଲ୍ମ 'କକଟେଲ୍ ୨' ସହିତ ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଇଥା'ର ଟିଜର ମଧ୍ୟ ମୁକ୍ତିଲାଭ କରିଛି।'ଛାଭା' ପରେ ନିର୍ଦ୍ଦେଶକ ଲକ୍ଷ୍ମଣ ଉଟେକର ମହାରାଷ୍ଟ୍ରର ଲୋକକଳା ଓ ଇତିହାସର ଆଉ ଏକ ଅଧ୍ୟାୟକୁ ବଡ଼ ପରଦାରେ ଆଣିବାକୁ ଯାଉଛନ୍ତି।ତାଙ୍କ ନୂଆ ଫିଲ୍ମ 'ଇଥା' ରେ ତମାଶା କଳାକାର ବିଠାବାଇ ଭାଉ ମାଙ୍ଗ ନାରାୟଣଗାଓଁକରଙ୍କ ଜୀବନ କାହାଣୀ ଦେଖିବାକୁ ମିଳିବ। ଏଥିରେ ଶ୍ରଦ୍ଧା କପୁର ମୁଖ୍ୟ ଭୂମିକାରେ ଥିବାବେଳେ ରଣଦୀପ ହୁଡ୍ଡା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସିବେ। ଟିଜରରେ ଶ୍ରଦ୍ଧାଙ୍କ ଅଭିନୟ ଦର୍ଶକଙ୍କୁ ବେଶ ପସନ୍ଦ ଆସିଛି। ଗର୍ଭବତୀ ବିଠାବାଇଙ୍କ ଭୂମିକାରେ ଶ୍ରଦ୍ଧାଙ୍କ ଦମଦାର ଅଭିନୟ ଟିଜରରେ ବିଠାବାଇଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଦେଖାଯାଇଛି।ମହାରାଷ୍ଟ୍ରର ପ୍ରସିଦ୍ଧ ତମାଶା କଳାକାର ବିଠାବାଇ ଲୋକନୃତ୍ୟ ଓ ଲାବଣୀ ପରମ୍ପରାକୁ ଏକ ନୂଆ ପରିଚୟ ଦେଇଥିଲେ। ଗର୍ଭବତୀ ଅବସ୍ଥାରେ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ସେ ମଞ୍ଚ ଉପରେ ନୃତ୍ୟ ପରିବେଷଣ କରୁଥିବା ବେଳେ ପ୍ରସବ ସମୟ ଆସିଥିବା ଅନୁଭବ କରନ୍ତି। ତଥାପି ପରିବେଷଣକୁ ଅଧାରେ ଛାଡ଼ି ନଦେଇ, ପଛପଟକୁ ଯାଇ ଶିଶୁକୁ ଜନ୍ମ ଦେବା ପରେ ପୁଣି ମଞ୍ଚକୁ ଫେରି ନୃତ୍ୟ ଜାରି ରଖନ୍ତି। ତାଙ୍କ ଏହି ନିଷ୍ଠା,ସାହସ ଦର୍ଶକଙ୍କୁ ଆଶ୍ଚର୍ଯ୍ୟଚକିତ ଓ ଭାବପ୍ରବଣ କରିଛି। ନଅୱାରୀ ଶାଢ଼ି, କେଶରେ ଗଜରା ଏବଂ କପାଳରେ ବଡ଼ ବିନ୍ଦି ପିନ୍ଧି ଶ୍ରଦ୍ଧା ଜଣେ ପାରମ୍ପରିକ ମରାଠୀ ତମାଶା ନୃତ୍ୟଶିଳ୍ପୀ ଭାବେ ଲାବଣୀ ନୃତ୍ୟ ପରିବେଷଣ କରୁଥିବା ନଜର ଆସିଛନ୍ତି। ତାଙ୍କ ମୁହଁରେ କ୍ରୋଧ, ଯନ୍ତ୍ରଣା ଏବଂ ନୃତ୍ୟ ପ୍ରତି ଅଦମ୍ୟ ନିଷ୍ଠା ସ୍ପଷ୍ଟ ଭାବେ ପ୍ରକାଶ ପାଇଛି। କେବେ ମୁକ୍ତିଲାଭ କରିବ 'ଇଥା'? 'ଇଥା' ୨୦୨୬ ଅଗଷ୍ଟ ୨୮ରେ ବିଶ୍ୱବ୍ୟାପୀ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ବର୍ତ୍ତମାନ ଏହାର ଟିଜର କେବଳ ସିନେମା ହଲ୍‌ରେ ପ୍ରଦର୍ଶିତ ହେଉଥିବାବେଳେ ଖୁବ୍ ଶୀଘ୍ର ଏହାକୁ ଅଧିକାରିକ ଭାବେ ଅନଲାଇନରେ ପ୍ରସାରଣ କରାଯିବ।"



## ମହିଳା-କେନ୍ଦ୍ରିତ ଫିଲ୍ମକୁ ନେଇ ମାଧୁରୀଙ୍କ ମତ

# ମୁଁ ସେହି କାମ କରିବାକୁ ଚାହୁଁଛି ଯାହା ପୂର୍ବରୁ କେବେ ହୋଇନି

ନିକଟରେ ମୁକ୍ତିଲାଭ କରିଥିବା ସିନେମା ''ମା' ବେହେନ୍'କୁ ନେଇ ସୁପରଷ୍ଟାର ମାଧୁରୀ ଦୀକ୍ଷିତ ଚର୍ଚ୍ଚାରେ ଅଛନ୍ତି। ଏକ ସାକ୍ଷାତ୍କାରରେ ଯୋଗ ଦେଇ ମାଧୁରୀ କେବଳ ଆଜିର ସମୟ ବିଷୟରେ ନୁହେଁ, ବରଂ ପୂର୍ବ ସମୟକୁ ମଧ୍ୟ ମନେ ପକାଇ କହିଛନ୍ତି', ଏମିତି ଏକ ସମୟ ଥିଲା। ଯେଉଁ ସମୟରେ ମୋତେ ଇଣ୍ଡଷ୍ଟ୍ରିରେ କୁହାଯାଉଥିଲା ଯେ 'ଏହି ଝିଅ ଚାଲିବ ନାହିଁ'। ସର୍ବଦା ମନେ ରହିବ ମା'ଙ୍କ କଥା କ୍ୟାରିଅରର ପ୍ରାରମ୍ଭିକ ସମୟକୁ ମନେପକାଇ ମାଧୁରୀ କହିଛନ୍ତି, 'ଯେତେବେଳେ ମୁଁ ମୋର ଫିଲ୍ମ କ୍ୟାରିଅର ଆରମ୍ଭ କରିଥିଲି, ସେତେବେଳେ ମୁଁ ସେ ସମୟର ତିଆରି ହୋଇଥିବା ହିରୋଇନ୍‌ମାନଙ୍କ ଭଳି ଦେଖାଯାଉ ନଥିଲି। ସେଥିପାଇଁ ଲୋକେ ମୋର ଖୁବ ମଜାକ ଉଡ଼ାଇଛନ୍ତି। ଏଭଳି ସମୟରେ ମା' ସର୍ବଦା ମୋ ସହିତ ଠିଆ ହୋଇଥିଲେ। ଆଉ ଗୋଟିଏ କଥା ବୁଝାଉଥିଲେ କି, ଲୋକେ ଆଜି ଯାହାକୁ ସମାଲୋଚନା କରୁଛନ୍ତି, କାଲି ତାହା ତୁମର ସବୁଠୁ ବଡ଼ ଶକ୍ତି ହେବ।' ହିନ୍ଦୀ ସିନେମାରେ ମହିଳାମାନଙ୍କୁ ନେଇ ପରିବର୍ତ୍ତିତ ଚିନ୍ତାଧାରା ବିଷୟରେ କଥାହେବା ସମୟରେ ମାଧୁରୀ ଏମିତି ଏକ ପ୍ରଶ୍ନ ଉଠାଇଛନ୍ତି , ଯାହା ଚର୍ଚ୍ଚାର ବିଷୟ ପାଲଟିଛି। ମାଧୁରୀ କହିଛନ୍ତି, 'ମୋତେ ଲାଗେ ''ମା' ବେହେନ୍' ଭଳି ଫିଲ୍ମଗୁଡ଼ିକ ଏହାର ସଙ୍କେତ ଯେ ଏବେ ପରିସ୍ଥିତି ବଦଳୁଛି। ଆଜି ଆମ ପାଖରେ ଏମିତି ଲେଖକ ଓ ନିର୍ଦ୍ଦେଶକ ଅଛନ୍ତି, ଯେଉଁମାନେ ମହିଳାମାନଙ୍କୁ କାହାଣୀର କେନ୍ଦ୍ରରେ ରଖି କାମ କରୁଛନ୍ତି। କିନ୍ତୁ ଗୋଟେ କଥା ମୁଁ ଆଜି ପର୍ଯ୍ୟନ୍ତ ବୁଝିପାରୁନି— ଯେତେବେଳେ କୌଣସି ହିରୋଙ୍କ ଫିଲ୍ମ ଆସେ, ତାକୁ କେହି ଅଲଗା ନାମ ଦେଉନାହାନ୍ତି, କିନ୍ତୁ ଯେତେବେଳେ ହିରୋଇନ୍ କାହାଣୀର କେନ୍ଦ୍ରରେ ଥାନ୍ତି, ତାହାକୁ ସହଜରେ 'ଫିମେଲ୍ ସେଣ୍ଟ୍ରିକ୍' ବୋଲି କୁହାଯାଏ। ଏମିତି କାହିଁକି?'

# ଅଲ୍ଲୁ ଅର୍ଜୁନଙ୍କୁ କୋର୍ଟଙ୍କ ସମନ



ଆଲୁ ଅର୍ଜୁନଙ୍କୁ ହାଇଦ୍ରାବାଦ ନାମପଲ୍ଲୀ କୋର୍ଟରେ ସମନ ଜାରି କରାଯାଇଛି । ପୁଷ୍ପା ୨ ଦଳାଚକଟା ମୃତ୍ୟୁ ମାମଲାରେ ଜାରି କରାଯାଇଛି । ଆଲୁ ଅର୍ଜୁନଙ୍କୁ ସମନଏହି ସମନ ପୁଷ୍ପା ୨ ପ୍ରଦର୍ଶନ ସମୟରେ ସନ୍ଧ୍ୟା ଥିଏଟରରେ ହୋଇଥିବା ଦଳାଚକଟା ସହିତ ଜଡିତ, ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିଲା ଏବଂ ତାଙ୍କ ପୁଅ ଗୁରୁତର ଆହତ ହୋଇଥିଲା। କୋର୍ଟ ଜୁନ୍ ୨୨ ତାରିଖରେ କୋର୍ଟରେ ହାଜର ହେବାକୁ କୋର୍ଟ ଅଲ୍ଲୁ ଅର୍ଜୁନଙ୍କୁ ସମନ ଜାରି କରିଛନ୍ତି । ଚିକ୍କଡପାଲି ପୋଲିସ ଏହି ମାମଲାରେ ଆଲୁ ଅର୍ଜୁନଙ୍କୁ ୧୧ତମ ଅଭିଯୁକ୍ତ ଭାବରେ ନାମିତ କରିଛି । ସନ୍ଧ୍ୟା ଥିଏଟରର ପରିଚାଳନାକୁ ମଧ ଅଭିଯୁକ୍ତ ନମ୍ବର ୧ ରୁ ୧୦ ଭାବରେ ସାମିଲ କରାଯାଇଛି। ଅଭିନେତାଙ୍କ ବ୍ୟତୀତ ନାମପାଲି କୋର୍ଟ ସନ୍ଧ୍ୟା ଥିଏଟରରେ ଦଳଚକଟା ଘଟଣାରେ ଅନ୍ୟ ୧୯ ଜଣ ଅଭିଯୁକ୍ତଙ୍କୁ ସମନ ଜାରି କରିଛି । ଡିସେମ୍ବର ୪ ତାରିଖରେ ହାଇଦ୍ରାବାଦରେ ସନ୍ଧ୍ୟା ଥିଏଟରରେ "ପୁଷ୍ପା ୨: ଦି ରୁଲ୍"ର ପ୍ରିମିୟର ଶୋ' ସମୟରେ ଦଳାଚକଟା ହୋଇଥିଲା। ଆଲୁ ଅର୍ଜୁନ ପହଞ୍ଚିବା ପରେ ହଜାର ହଜାର ପ୍ରଶଂସକ ଥିଏଟରରେ ଏକାଠି ହୋଇଥିଲେ । ଫଳରେ ବ୍ୟାପକ ବିଶୃଙ୍ଖଳା ଏବଂ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା । ଦଳାଚକଟା ସମୟରେ, ୩୫ ବର୍ଷୀୟା ରେବତୀଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଥିଲାବେଳେ ତାଙ୍କ ପୁଅ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସେପଟେ ହାଇଦ୍ରାବାଦ ପୋଲିସ ଆଲୁ ଅର୍ଜୁନ, ତାଙ୍କ ସୁରକ୍ଷା ଦଳର ସଦସ୍ୟ ଏବଂ ସନ୍ଧ୍ୟା ଥିଏଟର ପରିଚାଳନା ବିରୋଧରେ ଆଇପିସିର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରିଛି। ଯେଉଁଥିରେ ଅବହେଳା ଏବଂ ଭିଡ଼ ପାଇଁ ଅପର୍ଯ୍ୟାପ୍ତ ବ୍ୟବସ୍ଥା ଅଭିଯୋଗ କରାଯାଇଛି ।

# 'କାଳା ହିରନ'କୁ ନେଇ ଚିନ୍ତାରେ ଭାଇଜାନ୍!



ବଲିଉଡର ସୁପରଷ୍ଟାର ସଲମାନ ଖାନଙ୍କୁ ନେଇ ପୁଣି ଏକ ବଡ଼ ଖବର ସାମ୍ନାକୁ ଆସିଛି । ଆଗାମୀ ଚଳଚ୍ଚିତ୍ର 'କାଳା ହିରନଃ ଦ ବ୍ୟାଟେଲ ଫର୍ ଲିଗେସି' ରିଲିଜ୍ ହେବା ପୂର୍ବରୁ ହିଁ ବଡ଼ ବିବାଦରେ ଛନ୍ଦି ହୋଇପଡ଼ିଛି । ଏହି ଫିଲ୍ମର ରିଲିଜ୍ ଉପରେ ଆପତ୍ତି ଜଣାଇ ସଲମାନ ଖାନ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହି ମାମଲାକୁ ନେଇ ଆଜି କୋର୍ଟରେ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ମଧ ହେବାର ଅଛି । ଏହା ପୂର୍ବରୁ ସଲମାନ ଫିଲ୍ମର ନିର୍ମାତାମାନଙ୍କୁ ଆଇନଗତ ନୋଟିସ ପଠାଇ ଫିଲ୍ମର ପ୍ରମୋଶନ ଓ ରିଲିଜ୍‌କୁ ବିରୋଧ କରିଥିଲେ । ସୂଚନା ଅନୁଯାୟୀ, 'କାଳା ହିରନ' ଫିଲ୍ମଟି ବଲିଉଡ୍ ସୁପରଷ୍ଟାର ସଲମାନ ଖାନଙ୍କ ସହ ଜଡ଼ିତ ଚର୍ଚ୍ଚିତ କୃଷ୍ଣସାର ମୃଗ ଶିକାର ମାମଲା ଉପରେ ଆଧାରିତ । ଏଥିରେ କୋର୍ଟରୁମ୍ ଡ୍ରାମା ଏବଂ କ୍ରାଇମ ଥ୍ରୀଲର ଦେଖିବାକୁ ମିଳିବ । ସବୁଠାରୁ ବଡ଼ କଥା ହେଉଛି, ଏହି ଫିଲ୍ମରେ ସଲମାନ ଖାନ ଏବଂ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ମଧରେ ଥିବା ଶତ୍ରୁତାକୁ ସିନେମାଟିକ୍ ଶୈଳୀରେ ଉପସ୍ଥାପନ କରାଯାଇଛି । ଫିଲ୍ମର ପ୍ରୋମୋ ରିଲିଜ୍ ହେବା ମାତ୍ରେ ହିଁ ସଲମାନ ଏହାକୁ ରୋକିବା ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି। ଫିଲ୍ମକୁ ନେଇ ସଲମାନଙ୍କର କ'ଣ ରହିଛି ଆପତ୍ତି ? ଦିଲ୍ଲୀ ହାଇକୋର୍ଟରେ ଦାଖଲ ହୋଇଥିବା ଆବେଦନରେ ସଲମାନ ଖାନ କେତେକ ଗୁରୁତ୍ୱପୂର୍ଣ୍ଣ ଦାବି କରିଛନ୍ତି । ସଲମାନଙ୍କ ଅଭିଯୋଗ ଅନୁଯାୟୀ, ଫିଲ୍ମ ନିର୍ମାତାମାନେ ତାଙ୍କ ଭଳି ଦେଖାଯାଉଥିବା ଜଣେ କଳାକାରଙ୍କୁ ଏଥିରେ ରଖାଯାଇଛି । ବିନା ଅନୁମତିରେ ଫିଲ୍ମର ପ୍ରମୋଶନ ପାଇଁ ସଲମାନଙ୍କ ନାମ ଏବଂ ତାଙ୍କ ଛବିର ସହାରା ନିଆଯାଉଛି, ଯାହା ତାଙ୍କର 'ପବ୍ଲିସିଟି ଏବଂ ପର୍ସନାଲିଟି ରାଇଟ୍ସ'ର ସିଧାସଳଖ ଉଲ୍ଲଂଘନ । ସଲମାନ କହିଛନ୍ତି ଯେ ଏହି ଫିଲ୍ମ ରିଲିଜ୍ ହେଲେ ତାଙ୍କ ବିରୋଧରେ ଚାଲିଥିବା ଆଇନଗତ ପ୍ରକ୍ରିୟା ପ୍ରଭାବିତ ହୋଇପାରେ ଏବଂ ସମାଜରେ ତାଙ୍କର ପବ୍ଲିକ୍ ଇମେଜ୍ ଖରାପ ହୋଇପାରେ । ସଲମାନ ଫିଲ୍ମର ପ୍ରଡକ୍ସନ, ପ୍ରମୋଶନ, ରିଲିଜ୍, ଓଟିଟି ଷ୍ଟ୍ରିମିଂ ଏବଂ ଏହା ସହ ଜଡ଼ିତ ସମସ୍ତ ପ୍ରମୋଶନାଲ କଣ୍ଟେଣ୍ଟ ଉପରେ ରୋକ୍ ଲଗାଇବାକୁ ଦାବି କରିଛନ୍ତି ।

# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର

## ସୁନୀଲ ସେଟ୍ଟୀଙ୍କ ଫାର୍ମହାଉସ୍

ବଲିଉଡ୍ ଅଭିନେତା ସୁନୀଲ ସେଟ୍ଟୀଙ୍କ ଖଣ୍ଡାଳାସ୍ଥିତ ଆଲିଶାନ ଫାର୍ମହାଉସ୍‌ର ଭିତର ଝଲକ ସମ୍ପ୍ରତି ସାମ୍ନାକୁ ଆସିଛି। ପ୍ରକୃତି ମଝିରେ ନିର୍ମିତ ଏହି ଘରଟି ତାହାର ନିଆରା ଗଠନ ଓ ସୌନ୍ଦର୍ଯ୍ୟ ପାଇଁ ସବୁଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଚାରିପାଖରେ ସବୁଜ ଗଛମାଳା ସହିତ ପାହାଡ଼ିଆ ପରିବେଶ ମଧରେ ଥିବା ଏହି ଫାର୍ମହାଉସ୍‌ରେ ପ୍ରାକୃତିକ ପଥରକୁ ଘରର ଡିଜାଇନ୍‌ର ଅଂଶ କରାଯାଇଛି। ଘର ଭିତରେ ପୁରୁଣା ରେଳପଥର ବିମ୍ ବ୍ୟବହାର କରି ଏକ ସ୍ୱତନ୍ତ୍ର ଚଳାଚଳ ପଥ ତିଆରି କରାଯାଇଛି, ଯାହା ଘରକୁ ଅଧିକ ଆକର୍ଷଣୀୟ କରିଛି। ଘର ଭତରେ ଥିବା ବଡ଼ ବଡ଼ ଝରକା ମାଧମରେ ବାହାରର ସୁନ୍ଦର ଦୃଶ୍ୟକୁ ମନଭରି ଉପଭୋଗ କରାଯାଇପାରିବ। ଘରର ସବୁଠାରୁ ଖାସ୍ ଆକର୍ଷଣ ହେଉଛି ଏକ ବିଶେଷ କୋଠରୀ, ଯାହାର ଛାତ ଦୁଇ ଭାଗରେ ଖୋଲିଯାଏ। ଏହା ଦ୍ୱାରା ରାତିରେ ତାରାଭରା ଆକାଶର ସୌନ୍ଦର୍ଯ୍ୟ ଦେଖିହେବ। ଏହାଛଡ଼ା ଫାର୍ମହାଉସ୍ ପରିସରରେ ଏକ ଛୋଟ ଜଳଧାରା ଓ କାଠର ପୋଲ ରହିଛି, ଯାହା ସ୍ଥାନଟିକୁ ଆହୁରି ମନୋରମ କରିଛି। ପ୍ରକୃତି ଓ ଆଧୁନିକ ନିର୍ମାଣଶୈଳୀର ସୁନ୍ଦର ମିଶ୍ରଣରେ ତିଆରି ଏହି ଫାର୍ମହାଉସ୍‌ର ଝଲକ ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ ଭାଇରାଲ୍ ହେଉଛି। ପ୍ରଶଂସକମାନେ ମଧ ଏହାର ସୌନ୍ଦର୍ଯ୍ୟ ଓ ନିଆରା ଡିଜାଇନ୍‌ର ଭୂରିଭୂରି ପ୍ରଶଂସା କରିଛନ୍ତି।





ପାଣିମୁଣ୍ଡା ଗ୍ରାମରେ ମହାବନ୍ଧର ପୁନରୁଦ୍ଧାର କାମରେ ଅନିୟମିତତା

# ଲକ୍ଷାଧିକ ଟଙ୍କା ହରିଲୁଟ୍ ଉଦ୍ୟମ



**ଲାଞ୍ଜିଗଡ଼,୧୯।୬(ସଂଚାର ବ୍ୟୁରୋ):** ପୋଖରୀ ପୁନରୁଦ୍ଧାରରେ ଯୋଜନା ନାଁରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଦୁର୍ଗମ ଅଞ୍ଚଳରେ ଏହି ଯୋଜନାରେ ଆସୁଥିବା କୋଟି କୋଟି ଟଙ୍କାର ଅନୁଦାନ ରାଶିକୁ ଚତୁରତାର ସହ ହେରଫେର କରାଯାଉଛି।ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକରେ। ବ୍ଲକରେ ଥିବା ୪ ଗୋଟି ପଞ୍ଚାୟତରେ ଜିଲ୍ଲା ପରିଷଦ କଳାହାଣ୍ଡି କେପିଟାଲ ଏସ୍ସେଟ ଯୋଜନାରେ ଟେଣ୍ଡର ହୋଇ ୧୦ଟି ମହାବନ୍ଧର ପ୍ରାୟ୧ କୋଟି ଟଙ୍କାର ମହାବନ୍ଧର ପୁନରୁଦ୍ଧାର କାମ ଚାଲିଛି।କିଛି ସ୍ଥାନୀୟ ଲୋକ ଓ ଯନ୍ତ୍ରୀଙ୍କ ସହ ସଲାସୁତୁରା ହୋଇ କମ୍ କାମ କରାଇ ଠିକାଦାର ମାନେ ମିଥ୍ୟା ବିଲ୍ ଦର୍ଶାଇ ଲକ୍ଷାଧିକ ଟଙ୍କାର ହରିଲୁଟ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି।ଏଭଳି ଏକ ଅଭିଯୋଗ ଆସିଛି ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ପାଣିମୁଣ୍ଡା ଗାଁରେ ଥିବା ମହାବନ୍ଧର ପୁନରୁଦ୍ଧାର କାମରୁ।ସୂଚନା ଅନୁସାରେ ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ପାଣିମୁଣ୍ଡା ଗାଁ ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ଆର୍ଥିକ ୨୦୨୫-୨୬ ବର୍ଷରେ ଜିଲ୍ଲା ପରିଷଦ କଳାହାଣ୍ଡି ତରଫରୁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ରାଶି ଆସିଥିଲା।ଏହି କାମଟି ଗତ ୨୦୨୬ ମେ ୨୫ ତାରିଖରେ ଆରମ୍ଭ ହୋଇଥିବା ବେଳେ ଏବେ ସୁଦ୍ଧା କାମ ୮୦ ପ୍ରତିଶତ ସରିଛି।ବର୍ତ୍ତମାନ ଏହି କାମ ସମ୍ପୂର୍ଣ୍ଣ ନ ହେଉଣୁ ପୁଣି ଉକ୍ତ ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ନୂତନ ଭାବେ ଆର୍ଥିକ ବର୍ଷ ୨୦୨୫-୨୬ ଜିଲ୍ଲା ପରିଷଦ କଳାହାଣ୍ଡି କେପିଟାଲ ଏସ୍ସେଟ ଯୋଜନାରେ ଟେଣ୍ଡର ହୋଇ ଉକ୍ତ ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ରାଶି ଆସିଛି।କିନ୍ତୁ ୧୫ ଦିନ ପୂର୍ବରୁ ମାତ୍ର ୪ ରୁ ୫ ଦିନ ଜେସିବି ମାଧ୍ୟମରେ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର କାମ କରି ଠିକାଦାର କାମ ବନ୍ଦ କରି ଚାଲିଯାଇଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି।ଏହା ବ୍ୟତୀତ ମହାବନ୍ଧକୁ ପଶୁଥିବି ପାଣିକୁ ମାଟି ପକେଇ ବନ୍ଦ କରିଦେଇଛି।ପୂର୍ବରୁ ଚାଲିଥିବା ୫ ଲକ୍ଷ ଟଙ୍କାର କାମରେ ସୂଚନା ଫଳକ ଲାଗିଥିବା ବେଳେ ଏହି ୧୦ ଲକ୍ଷ ଟଙ୍କା ଟେଣ୍ଡର କାମରେ କୌଣସି ସୂଚନା ଫଳକ ଲଗା ଯାଇନାହିଁ।ଗୋବର୍ଦ୍ଧନପୁର ପଞ୍ଚାୟତ ତଥା ଏହି କାମ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା ଦିନେ ମଧ୍ୟ କାମ ଦେଖିବା ପାଇଁ ଆସିନାହାଁ। ଆଜିକୁ ୫ ଦିନ ହେଲା ଗ୍ରାମବାସୀମାନେ କାମକୁ ନେଇ ଯନ୍ତ୍ରୀକୁ ଅଭିଯୋଗ କରିଥିଲେ ମଧ୍ୟ ଶୁଣୁନ’ଥିବା କହିଛନ୍ତି।ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ବର୍ତ୍ତମାନ ଗୋଟିଏ ଫଳକ ରହିଥିବା ବେଳେ ୨ ଗୋଟି କାମ କରାଯାଉଥିବା ଗାଁ ଲୋକେ କହୁଛନ୍ତି।ବର୍ତ୍ତମାନ ମୌସୁମୀ ବର୍ଷା ଆରମ୍ଭ ହୋଇଥିବା ବେଳେ ମହାବନ୍ଧରେ ବର୍ଷା ପାଣି ପଶିବା ସହିତ ବନ୍ଧ ହିଡରେ ମଣିଷ ଚାଲିବା କଷ୍ଟକର ହେଉଛି।ଏହି ପରିପ୍ରେକ୍ଷୀରେ କିପରି ମହାବନ୍ଧର ବକେୟା ଥିବା କାମ କରିପାରିବ ବୋଲି ଗାଁ ଲୋକେ ପ୍ରଶ୍ନ କରିଛନ୍ତି।

## ଶିଶୁ ଶ୍ରମିକମୁକ୍ତ ଜିଲ୍ଲା ଗଠନ ପାଇଁ ଜିଲ୍ଲାସ୍ତରୀୟ ବୈଠକ



**ବଲାଙ୍ଗିର,୧୯।୬(ସଂଚାର ବ୍ୟୁରୋ):** ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଶୁ ଶ୍ରମିକ ନିବାରଣ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶିଶୁ ଶ୍ରମିକ ପ୍ରଥା ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବଲାଙ୍ଗିର ଜିଲ୍ଲାକୁ ଶିଶୁ ଶ୍ରମିକମୁକ୍ତ ଜିଲ୍ଲାରେ ପରିଣତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗ ପକ୍ଷରୁ ଶିଶୁ ଶ୍ରମ ରୋକିବା ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା ରଖାଯାଇଥିଲା। ଜିଲ୍ଲାର କୌଣସି ଶିଶୁ ଯେପରି ଶ୍ରମିକ ଭାବେ ନିୟୋଜିତ ନ ହୁଅନ୍ତି, ସେଥିପାଇଁ ସମସ୍ତ ବିଭାଗକୁ ଅଧିକ ସତର୍କ ଓ ସକ୍ରିୟ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପାଠପଢ଼ା ଅଧାରୁ ଛାଡ଼ିଥିବା ଶିଶୁମାନଙ୍କୁ ଚିହ୍ନଟ କରି ପୁନର୍ବାର ବିଦ୍ୟାଳୟରେ ନାମଲେଖାଇବା ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା ସହ ସ୍ଥାନୀୟ ପ୍ରଶାସନ, ଶ୍ରମ ବିଭାଗ ଓ ପୁଲିସକୁ ନେଇ ଗଠିତ ଟାସ୍କ ଫୋର୍ସ ଦ୍ୱାରା ହୋଟେଲ, ଦୋକାନ, ଗ୍ୟାରେଜ ଓ ବିପଦପୂର୍ଣ୍ଣ କାର୍ଯ୍ୟସ୍ଥଳୀଗୁଡ଼ିକରେ ଚଢ଼ାଉ ଜୋରଦାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶିଶୁ ଶ୍ରମିକ ନିୟୋଜନ କରୁଥିବା ମାଲିକଙ୍କ ବିରୋଧରେ ବାଲ୍ୟ ଶ୍ରମ ନିଷେଧ ଆଇନ ଅନୁଯାୟୀ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରାଯିବା ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାପାଳ ସାଧାରଣ ଲୋକଙ୍କୁ ମଧ୍ୟ ଏହି ଅଭିଯାନରେ ସହଯୋଗ କରି ଏକ ଶିଶୁ ଶ୍ରମିକମୁକ୍ତ ବଲାଙ୍ଗିର ଗଠନରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। କୌଣସି ଶିଶୁ ଯଦି ଶ୍ରମିକ ଭାବେ କାର୍ଯ୍ୟ କରିବା ନଜରକୁ ଆସେ ତେବେ ତୁରନ୍ତ ନିକଟସ୍ଥ ଶ୍ରମ କାର୍ଯ୍ୟାଳୟ/ଥାନା/ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ/ ଜିଲ୍ଲାପାଳ କିମ୍ବା ଚାଇଲ୍ଡ ହେଲ୍ପ ଲାଇନ୍ ୧୦୯୮ କିମ୍ବା ନିଶୁଳ୍କ ଶ୍ରମିକ ସହାୟତା ନମ୍ବର ୧୮୦୦-୩୪୫୬୭-୦୩ ରେ ଯୋଗାଯୋଗ କରି ଜଣାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଯେ, ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ସେହିପରି ୧୫ରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଂକୁଳ କାର୍ଯ୍ୟରେ ନିୟୋଜନ କରିବା ଆଇନତଃ ନିଷିଦ୍ଧ।

## ମଠ ଖୋକସା ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ

**ଭୁବନ,୧୯।୬(ସଂଚାର ବ୍ୟୁରୋ):** ଭୁବନ ବ୍ଲକ ଅନ୍ତର୍ଗତ ବାରୁଆଁ (ବି) ପଞ୍ଚାୟତର ମଠଖୋକସା ଦେହୁରୀ ସାହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଗତ ସରକାର ସମୟରେ ଯାହା ନାଲି ମାଟି ଗଣ୍ଡାଏ ପଡ଼ିଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ଏହି ରାସ୍ତାକୁ ସି ସି (ସିମେଣ୍ଟ କଂକ୍ରିଟ) ରାସ୍ତା କରାଯିବ, ଆଉ ପାଣି କାଦୁଅ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ପଞ୍ଚାୟତ ନିର୍ବାଚନ ପରଠାରୁ ଆଜି ପର୍ଯ୍ୟନ୍ତ ଏହି ରାସ୍ତାରେ ସିମେଣ୍ଟ କଂକ୍ରିଟ କରିବା ଦୂରେ ଥାଉ, ମୋରମ ଗାଣ୍ଡୁଏ ପଡ଼ି ପାରିଲା ନାହିଁ। ବର୍ଷା ଦିନେ ଏହି ରାସ୍ତାରେ ଆଣ୍ଠୁଏ କାଦୁଅ ପାଣିରେ ଯିବା ଆସିବା କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର। ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଆସନ୍ତା ତ୍ରିସ୍ତରୀୟ ନିର୍ବାଚନ ପୂର୍ବରୁ ଏହି ରାସ୍ତାକୁ ସି ସି ରୋଡ/ ପେଭର୍ ରାସ୍ତା କରାନଗଲେ ସମଗ୍ର ଦେହୁରୀ ସାହି ବାସିନ୍ଦା ଭୋଟ ବର୍ଜନ କରିବେ ବୋଲି ନିଷ୍ପତି ନେଇ ଗଣମାଧ୍ୟମ ଜରିଆରେ ପ୍ରଶାସନକୁ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ବାରୁଆଁ (ବି) ସରପଞ୍ଚ ଶ୍ରୀମତୀ ବୀଣାପାଣି ସାହୁଙ୍କୁ ଯୋଗାଯୋଗ କରିବାରୁ ଆମେ ବାରମ୍ବାର ପ୍ରୋଜେକ୍ଟ ଦେଉଛୁ କିନ୍ତୁ ପଇସା ସାଙ୍କସନ ହେଉନି। ଏଥିପାଇଁ ଆମେ କ’ଣ କରିବୁ ବୋଲି ନିଜର ଅସହାୟତା ପ୍ରକାଶ କରିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି।

## ଗ୍ରାମୀଣ ମହିଳା ଉଦ୍ୟମିତା ବିକାଶ କର୍ମଶାଳା



**ସୁବର୍ଣ୍ଣପୁର,୧୯।୬(ସଂଚାର ବ୍ୟୁରୋ):** ମିଶନ ଶକ୍ତି ବିଭାଗ, ଓଡିଶା ସରକାର, ସୁବର୍ଣ୍ଣପୁର ଜିଲ୍ଲା ପକ୍ଷରୁ କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଡିସିସି ବୈଠକ ଏବଂ ‘ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ଉଦ୍ୟମିତା ବିକାଶ ଏବଂ ସ୍ୱାବଲମ୍ବନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ‘ପ୍ରତ୍ୟେକ ଘରେ ଉଦ୍ୟମ, ପ୍ରତ୍ୟେକ ଗାଁରେ ସମୃଦ୍ଧି’ ଶୀର୍ଷକ ଜାତୀୟ ଅଭିଯାନ ଅଧୀନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏହା ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା, ଆର୍ଥିକ ସଶକ୍ତିକରଣ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।‘ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍ ଡ଼. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଗ୍ରାମୀଣ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଫଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା, ଉଦ୍ୟମିତା ବିକାଶକୁ ପ୍ରୋତ୍ସାହନ ଦେବା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିଭିନ୍ନ ଆର୍ଥିକ ଓ ବ୍ୟବସାୟିକ ସୁଯୋଗ ସହ ଯୋଡ଼ିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। କର୍ମଶାଳାରେ ଏଲଡିଏମ, ଡିଜିଏମ- ନାବାର୍ଡ, ଆରବିଆଇ ଏଲଡିଓ, ଉପନିର୍ଦ୍ଦେଶକ (ହସ୍ତଶିଳ୍ପ), ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡିଡବ୍ଲୁଓ, ଡିଏସଏସଓ, ଏଡିଏଚ, ଡିଏଫଏଓ, ଜିଲ୍ଲା କୃଷି ଅଧିକାରୀ, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ବିଶ୍ୱଜିତ ପରିଡା, ସମସ୍ତ ବ୍ୟାଙ୍କର, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ବ୍ଲକ ର ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ଓ ବିପିଏମ, ବିପିଏ, ବିଏଲସି ବ୍ୟାଙ୍କ ମିତ୍ର ଏବଂ ୬ଟି ବ୍ଲକର ମବିକେ ଓ ବ୍ୟାଙ୍କ ମିତ୍ର ମାନେ ଯୋଗଦେଇଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ବିଶ୍ୱଜିତ ପରିଡା କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। ସେ ମହିଳା ଉଦ୍ୟୋଗୀ ସୃଷ୍ଟି, ବ୍ୟବସାୟ ଚିହ୍ନଟ, ବ୍ୟବସାୟ ଯୋଜନା ପ୍ରସ୍ତୁତି, ବ୍ୟାଙ୍କ ଋଣ ପ୍ରାପ୍ତି ପ୍ରକ୍ରିୟା, ବଜାର ସଂଯୋଗ, ଡିଜିଟାଲ ବ୍ୟବସାୟ, ମୂଲ୍ୟ ସଂଯୋଜନ ଏବଂ ମିଶନ ଶକ୍ତି ଅଧୀନରେ ଚାଲୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

## ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ



**ବାଲିପାଟଣା,୧୯।୬(ସଂଚାର ବ୍ୟୁରୋ):** ବିଶ୍ୱନାଥପୁର ସ୍ଥିତ ବାଲୁଙ୍କେଶ୍ୱରଙ୍କ ଚଳନ୍ତି ପ୍ରତିମା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ସହ ଜଗତଜନନୀ ମାତା ଦୁର୍ଗାଦେବୀଙ୍କ ପବିତ୍ର ଦିବ୍ୟ ବିବାହ ମହୋତ୍ସବ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ଓ ଆଡମ୍ବରପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି। ଏହି ପାରମ୍ପରିକ ଉତ୍ସବକୁ ନେଇ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିବା ବେଳେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।ଉତ୍ସବ ଅବସରରେ ଚନ୍ଦ୍ରଶେଖର ଦେବଙ୍କ ଏକ ଭବ୍ୟ ବରଯାତ୍ରୀ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ଦେବଦେବୀଙ୍କ ସ୍ୱରୂପ, ବେଶଧାରୀ କଳାକାର, ଶଙ୍ଖ, ମହୁରୀ, ଢୋଲ ଏବଂ ପାରମ୍ପରିକ ଓଡ଼ିଶୀ ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ଏହା ସହ ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ନୃତ୍ୟଦଳ, ସମ୍ବଲପୁରୀ ବାଦ୍ୟ ଏବଂ ବାଳକାଟି ଘଣ୍ଟୁଆ ଦଳର ମନୋମୁଗ୍ଧକର ପ୍ରଦର୍ଶନ ଶୋଭାଯାତ୍ରାକୁ ଆହୁରି ଆକର୍ଷଣୀୟ କରିଥିଲା। ହରିବୋଲ ଓ ହୁଳହୁଳି ଧ୍ୱନିରେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଥିଲା। ବରପକ୍ଷ ଓ କନ୍ୟାପକ୍ଷ ପକ୍ଷରୁ ବରଯାତ୍ରୀଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା।ମଧ୍ୟରାତ୍ରିରେ ଦକ୍ଷିଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ନିର୍ମିତ ବିବାହ ମଣ୍ଡପରେ ବୈଦିକ ମନ୍ତ୍ରୋଚ୍ଚାରଣ, ହୋମ-ଯଜ୍ଞ ଓ ପାରମ୍ପରିକ ରୀତିନୀତି ଅନୁସାରେ ପ୍ରଭୁ ଚନ୍ଦ୍ରଶେଖର ଦେବ ଓ ମାତା ଦୁର୍ଗାଙ୍କ ଦିବ୍ୟ ବିବାହ ସମ୍ପନ୍ନ ହୋଇଥିଲା। ପୂଜକ ଲକ୍ଷ୍ମଣ ପଣ୍ଡା ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ।

## ରାସ୍ତା ନିର୍ମାଣ ପାଇଁ ସରିଲା ଜମି ଅଧିଗ୍ରହଣ

### ଉଚ୍ଛେଦ ପାଇଁ ସମୟ ମାଗିଲେ ଗ୍ରାମବାସୀ

**କେସିଙ୍ଗା,୧୯।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର କେସିଙ୍ଗାରୁ ଜୁନାଗଡ଼ ପର୍ଯ୍ୟନ୍ତ ନିର୍ମାଣ ହେବାକୁଥିବା ଫୋର୍ ଲେନ୍ ରାସ୍ତା କାମ ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଛି। ଜାତୀୟ ରାଜପଥ ୨୬ର ଉଭୟ ପାର୍ଶ୍ୱରେ ଥିବା ପାଷ୍ଟିକୁଡ଼ି ଗ୍ରାମର ପ୍ରାୟ ପ୍ରାୟ ୧୦୦ଟି ପରିବାରରୁ ଜମି ଅଧିଗ୍ରହଣ ଶେଷ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ପାଷ୍ଟିକୁଡ଼ିଠାରେ ଜମି ଅଧିଗ୍ରହଣକୁ ନେଇ ଗୁରୁବାର ଜମି ମାଲିକ ଓ ପ୍ରଶାସନଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। କାରଣ ଶହେରୁ ଊଦ୍ଧର୍ବ ପରିବାରଙ୍କ ଜମି ଅଧିଗ୍ରହଣ ହୋଇଥିଲେ ସୁଦ୍ଧା ବହୁ ଲୋକଙ୍କୁ ଜମିର ଟଙ୍କା ମିଳିନାହିଁ। ଜମି ଅଧିଗ୍ରହଣକୁ ଗ୍ରାମବାସୀ ବିରୋଧ କରି ନ ଥିଲେ ମଧ୍ୟ ପ୍ରଶାସନର ତରବରିଆ ନୀତିକୁ ତୀବ୍ର ବିରୋଧ କରାଯାଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ ଯେଉଁ ହିତାଧିକାରୀଙ୍କ ଜମି ଅଧିଗ୍ରହଣ ହୋଇଛି ସମସ୍ତଙ୍କୁ ଅଧି ଗ୍ରହଣର ସମ୍ପୂର୍ଣ୍ଣ ଟଙ୍କା ମିଳି ନାହିଁ। ଆଉ କେତେକଙ୍କୁ ଆଜି ଯାଏ ଟଙ୍କା ମିଳିନାହିଁ।



## ମତଦାନ କେନ୍ଦ୍ର ବୁଲିଲେ ଜିଲ୍ଲା ନିର୍ବାଚନ ଅଧିକାରୀ



**ବଲାଙ୍ଗୀର,୧୯।୬(ସଂଚାର ବ୍ୟୁରୋ):** ସାମ୍ପ୍ରତିକ ଭୋଟର ତାଲିକାକୁ ସ୍ୱଚ୍ଛ, ସନ୍ତୋଷଜନକ ଓ ତ୍ରୁଟିଶୂନ୍ୟ କରିବା ଉଦ୍ଦେଶ୍ୟରେ ବଲାଙ୍ଗୀର ପୌରପରିଷଦ ଅନ୍ତର୍ଗତ ବିଭିନ୍ନ ମତଦାନ କେନ୍ଦ୍ରରେ ଗସ୍ତ କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ-ତଥା- ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏବଂ ନିର୍ବାଚକ ପଞ୍ଜୀକରଣ ଅଧିକାରୀ-ତଥା- ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ। ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ପରଖିବା ସହ ଏହାର ସମୀକ୍ଷା କରିଛନ୍ତି। ଗସ୍ତ ସମୟରେ ଜିଲ୍ଲାପାଳ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କ ସହ ସିଧାସଳଖ ଆଲୋଚନା କରି, ଏନୁମେରେଶନ ଫର୍ମ ଡିଜିଟାଇଜେଶନ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ଭୋଟର ସୂଚନାରେ ସଂଶୋଧନ ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲପାଳ କହିଛନ୍ତି, କୌଣସି ଯୋଗ୍ୟ ଭୋଟର ନିଜର ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପ୍ରଶାସନର ମୂଳ ଲକ୍ଷ୍ୟ। ଉପ-ଜିଲ୍ଲାପାଳ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହିତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ଗସ୍ତ ସମୟରେ ପୌରପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଜୟକ୍ରୀଷ୍ଣା ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତାଙ୍କ ସହଯୋଗ କାମନା କରାଯାଇଛି, ଯାହାଦ୍ୱାରା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ସଫଳ କରାଯାଇପାରିବ।

ଚାକିରିର ପ୍ରଲୋଭନରେ ନାବାଳିକା ନିର୍ଯାତନା ଅଭିଯୋଗ

## ବାଲିକୁଦାର ଏବିସି କ୍ଲିନିକରୁ ଉଦ୍ଧାର କଲା ପୁଲିସ




**ବାଲିକୁଦା,୧୯।୬(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧୀନ ବାଲିକୁଦା ମେଡିକାଲ ରୋଡ୍ରେ ଅବସ୍ଥିତ ଏବିସି କ୍ଲିନିକରେ ଜଣେ ନାବାଳିକାଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା ଅଭିଯୋଗ ପାଇ ବାଲିକୁଦା ପୁଲିସ ଚଢ଼ାଉ କରି ତାଙ୍କୁ ଉଦ୍ଧାର କରିଛି। ଘଟଣାଟି ସାମ୍ନାକୁ ଆସିବା ପରେ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।ସୂଚନା ଅନୁଯାୟୀ, ଭଦ୍ରକ ଜିଲ୍ଲା ଜଗନ୍ନାଥପୁର ଅଞ୍ଚଳର ଜଗନ୍ନାଥ ରାଉତଙ୍କ ୧୭ ବର୍ଷୀୟା ଝିଅ ଅରୁଣିତା ରାଉତ (ଛଦ୍ମ ନାମ)ଙ୍କୁ ଭୁବନେଶ୍ୱରସ୍ଥିତ ଏକ ସିକ୍ୟୁରିଟି ସଂସ୍ଥା ପକ୍ଷରୁ ଚାକିରିର ପ୍ରଲୋଭନ ଦେଖାଯାଇଥିଲା। ପରେ ତାଙ୍କୁ ବାଲିକୁଦାସ୍ଥିତ ଏବିସି କ୍ଲିନିକକୁ ପଠାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ଅଭିଯୋଗ ଅନୁସାରେ, କ୍ଲିନିକ ମାଲିକ ଡାକ୍ତର ମହେଶ୍ୱର ପ୍ରଧାନଙ୍କ ପରିବାରର ଜଣେ ଶିଶୁଙ୍କ ସେବା-ଶୁଶ୍ରୂଷା ପାଇଁ ତାଙ୍କୁ ନିୟୋଜିତ କରାଯାଇଥିଲା। ସେଠାରେ ତାଙ୍କ ସହ ଦୁର୍ବ୍ୟବହାର କରାଯିବା, ବାସୀ ଖାଦ୍ୟ ଖାଇବାକୁ ଦିଆଯିବା ଏବଂ ପରିବାର ସହ ଯୋଗାଯୋଗ ନ କରିବା ପାଇଁ ତାଙ୍କ ମୋବାଇଲ ଫୋନ ଜବତ ରଖାଯାଇଥିବା ସେ ଅଭିଯୋଗ କରିଛନ୍ତି।କୌଶଳକ୍ରମେ ସ୍ମରଣିକା ନିଜ ବାପାଙ୍କ ସହ ଯୋଗାଯୋଗ କରି ନିଜ ଅବସ୍ଥାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ତାଙ୍କ ବାପା ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ତୁରନ୍ତ କ୍ଲିନିକରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ତଦନ୍ତ ସମୟରେ ପୁଲିସ କ୍ଲିନିକ ମାଲିକ ଡାକ୍ତର ମହେଶ୍ୱର ପ୍ରଧାନଙ୍କୁ ଥାନାକୁ ଡାକି ପଚରାଉଚରା କରିଥିବା ଜଣାପଡ଼ିଛି। ସେହିପରି ନାବାଳିକାଙ୍କୁ ପଠାଇଥିବା ସଂସ୍ଥାର ମାଲିକାଙ୍କ ସହ ଯୋଗାଯୋଗ ପରେ ସଂସ୍ଥା ସମ୍ପର୍କରେ କିଛି ସନ୍ଦେହଜନକ ତଥ୍ୟ ମିଳିଥିବା ପୁଲିସ ସୂତ୍ରରୁ ପ୍ରକାଶ। ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ, ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଛି ଏବଂ ତଦନ୍ତ ରିପୋର୍ଟ ଆଧାରରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ।

## ଶୀତଳ ଷଷ୍ଠୀ ଓ ଶିବ ବିବାହ ଉତ୍ସବ ପାଳିତ



**କଳାହାଣ୍ଡି,୧୯।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ପଣ୍ଡରାମାଲି ସମାଜ ପକ୍ଷରୁ ଜୁନାଗଡ଼ ସହରସ୍ଥିତ ମାଁ ଲଙ୍କେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଶୀତଳ ଷଷ୍ଠୀ ଓ ଶିବ ବିବାହ ମହୋତ୍ସବ ଅତ୍ୟନ୍ତ ଆଡ଼ମ୍ବର, ଭକ୍ତି ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଧାର୍ମିକ ଓ ସାମାଜିକ ଉତ୍ସବରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସମାଜର ସଦସ୍ୟ, ଶ୍ରଦ୍ଧାଳୁ ଏବଂ ସାଧାରଣ ଜନତା ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଉତ୍ସବ ଅବସରରେ ପ୍ରଥମେ ଏକ ବିରାଟ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସୁସଜ୍ଜିତ ରଥରେ ଭଗବାନ ଶିବ ଓ ମା’ ପାର୍ବତୀଙ୍କ ପ୍ରତିମାକୁ ବସାଇ ସହର ପରିକ୍ରମା କରାଯାଇଥିଲା ଶୋଭାଯାତ୍ରାରେ ଭକ୍ତମାନେ ହର ହର ମହାଦେବ ଧ୍ୱନି ଦେଇ ପରିବେଶକୁ ଭକ୍ତିମୟ କରିଥିଲେ। ବାଦ୍ୟଯନ୍ତ୍ର, ଘଣ୍ଟ, ମୃଦଙ୍ଗ, ସଙ୍କୀର୍ତ୍ତନ ଓ ଭଜନର ତାଳେ ତାଳେ ଶୋଭାଯାତ୍ରା ଆଗେଇ ଚାଲିଥିବା ବେଳେ ସହରବାସୀ ଏହାକୁ ସ୍ୱାଗତ କରିଥିଲେ। ଶୋଭାଯାତ୍ରା ସମୟରେ ସହରର ବିଭିନ୍ନ ସ୍ଥାନରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବାର ବ୍ୟବସ୍ଥା କରାଯାଇଥିଲା। ପରେ ମାଁ ଲଙ୍କେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବେଦ ମନ୍ତ୍ର ଓ ପାରମ୍ପରିକ ରୀତିନୀତି ଅନୁସାରେ ଶିବ ଓ ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବିବାହ ଉତ୍ସବକୁ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସମଗ୍ର ପରିବେଶ ଭକ୍ତି, ଆଧ୍ୟାତ୍ମିକତା ଓ ଧାର୍ମିକ ଉଲ୍ଲାସରେ ମୁଖରିତ ହୋଇଉଠିଥିଲା।

## ବିଧାୟକଙ୍କ ଦ୍ୱାରା ମିଶନ ଶକ୍ତି ରିଟେଲ ମାର୍କେଟ ଉଦ୍‌ଘାଟିତ

**ଝାରସୁଗୁଡା,୧୯।୬(ସଂଚାର ବ୍ୟୁରୋ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ସ୍ୱତନ୍ତ୍ର ଉତ୍ସବରେ ମିଶନ ଶକ୍ତି ରିଟେଲ ମାର୍କେଟର ଶୁଭ ଉଦ୍ଘାଟନ ହୋଇଯାଇଛି। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ନୂତନ ରିଟେଲ ମାର୍ଟର ଆନୁଷ୍ଠାନିକ ଉଦ୍ଘାଟନ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ବହୁ ଏସଏଚଜି ମହିଳା ସଦସ୍ୟଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ବେଶ୍ ଉତ୍ସାହର ସହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ମତବ୍ୟକ୍ତ କରି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ଏହି ପଦକ୍ଷେପ ମହିଳା ସଶକ୍ତିକରଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଆର୍ଥିକ ସ୍ୱାବଲମ୍ବନ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କ ଉଦ୍ୟମୀ ଶକ୍ତିକୁ ପ୍ରୋତ୍ସାହନ ଦେବା ସହ ସେମାନଙ୍କ ଆର୍ଥିକ ପ୍ରଗତି ପାଇଁ ଏହି ରିଟେଲ ମାର୍ଟ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ସେ ଦୃଢ଼ ବିଶ୍ୱାସ ପ୍ରକଟ କରିଛନ୍ତି। ସ୍ଥାନୀୟ ଉତ୍ପାଦକୁ ବ୍ୟାପକ ବଜାର ସହ ଯୋଡ଼ି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହି ମାର୍କେଟ୍ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ବିଧାୟକ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି।

## ଶାବର ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା ତିନି ରଥ ନିର୍ମାଣ କାର୍ଯ୍ୟ



**କୋରାପୁଟ,୧୯।୬(ସଂଚାର ବ୍ୟୁରୋ):** ଆସନ୍ତା ରଥଯାତ୍ରା ପାଇଁ କୋରାପୁଟର ଶାବର ଶ୍ରୀକ୍ଷେତ୍ରରେ ଶୁକ୍ରବାର ତିନିଟି ରଥର ନିର୍ମାଣ କାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଆୟୋଜିତ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ପରେ ରଥ ନିର୍ମାଣର ଶୁଭାରମ୍ଭ କରାଯାଇଥିଲା।

ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଉପସ୍ଥିତ ରହି ପୂଜାର୍ଚ୍ଚନା ପରେ ନଡ଼ିଆ ଭାଙ୍ଗି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ମନ୍ଦିରର ପୂଜକ ନରି ମିଶ୍ର ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। କାର୍ଯ୍ୟକ୍ରମରେ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କ ସମେତ ପୂର୍ବତନ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଡ. ଜଗବନ୍ଧୁ ସାମଲ, ବର୍ତ୍ତମାନର ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ, ମନ୍ଦିର କମିଟିର ସଦସ୍ୟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ସହ ଶାବର ଶ୍ରୀକ୍ଷେତ୍ରରେ ରଥଯାତ୍ରା ପ୍ରସ୍ତୁତି ଜୋରଦାର ହୋଇଛି।

## ଅଜଣା ଗାଡ଼ି ଧକ୍କାରେ ୧ ମୃତ

**ଗଞ୍ଜାମ,୧୯।୬(ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ଅଙ୍କୁଶପୁର ସ୍ଥିତ ଓମଫେଡରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ହରିହର ବେହେରା ଗତକାଲି ରାତି ପ୍ରାୟ ଦଶଟା ୱେଳେ ନିଜ କାମସାରି ଘରକୁ ଫେରୁଥିବା ବେଳେ ଅଙ୍କୁଶପୁର ଲକ୍ଷ୍ମୀ ନୃସିଂହ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଖବର ପାଇ ସଦର ଥାନା ପୁଲିସ ଏହି ଆହତ ବ୍ୟକ୍ତିଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ଚିକିତ୍ସା ପାଇଁ ନେଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ କେସ ନମ୍ବର ୩୯୧/୨୬ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି।

## ଆମ୍ବାଗୁଡ଼ା ଫାଣ୍ଡି ନିମନ୍ତେ ଚାରି ଚକିଆ ଯାନ ଯୋଗାଇଦେବାକୁ ଦାବି

**ଜୟପୁର,୧୯।୬(ସଂଚାର ବ୍ୟୁରୋ):** ଜୟପୁର ସଦର ଥାନା ଅନ୍ତର୍ଗତ ଆମ୍ବାଗୁଡା ଫାଣ୍ଡି ନିମନ୍ତେ ଏକ ଚାରି ଚକିଆ ଯାନ ଯୋଗାଇ ଦେବାକୁ ଦାବି ହୋଇଛି। ଏନେଇ ଆଜି ଜୟପୁର ଉପ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏନେଇ ସମାଜସେବି ବି. ହରି ରାଓ ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଆମ୍ବାଗୁଡା ଫାଣ୍ଡି ଅଧିନରେ ୫ଟି ପଞ୍ଚାୟତ ରହିଛି। ଏନେକ ଅନୁଷ୍ଠାନ, ଆଇଟିଆଇ, ଇଞ୍ଜିନିୟରିଂ କଲେଜ, ଫର୍ମାସି କଲେଜ, ମେଡିକାଲ, ଆରଆଇ ଅଫିସ ରହିଛି। ତା’ ସହ ଜାତୀୟ ରାଜପଥ ଉପରେ ବିଭିନ୍ନ ଘଟଣା, ଦୁର୍ଘଟଣା ଘଟୁଛି। ଲୋକଙ୍କ ଅତ୍ୟନ୍ତ ଜରୁରି ସମୟରେ ପୋଲିସ ସେଠାରେ ପହଞ୍ଚିବାରେ ବିଳମ୍ବ ହେଉଛି। ପ୍ରତି ମାସ ବ୍ୟବଧାନରେ ଚୋରି, ଡକାୟତି ମଧ୍ୟ ଘଟୁଛି। ପୂର୍ବରୁ ଫାଣ୍ଡି ଅଧିନରେ ଚାରି ଚରିଆ ଯାନ ଥିଲା। ବର୍ତ୍ତମାନ ବର୍ଷେ ହେବ ତାହା ନାହିଁ। ରାତ୍ର ପେଟ୍ରୋଲିଂ କରିବା ମଧ୍ୟ ସେ ମାନଙ୍କୁ ଅସୁବିଧା ହେଉଛି। ଯାହାଫଳରେ ଚୋର ମାନଙ୍କର ପାର୍ଦୁଭାବ ବଢ଼ିବାରେ ଲାଗିଛି। ତେଣୁ ପ୍ରଶାସନ ଆମ୍ବାଗୁଡା ଫାଣ୍ଡିକୁ ଏକ ଚାରି ଚକିଆ ଯାନ ଯୋଗାଇ ଦେବାକୁ ଦାବି କରାଯାଇଛି। ଏହି ଦାବି ପତ୍ରର ନକଲ କୋରାପୁଟ ଜିଲାପାଳ ଓ ଏସପିଙ୍କୁ ପ୍ରଦାନ କରାଯାଇଛି।